ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.120, Wednesday, 19 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୦, ବୁଧବାର, ୧୯ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON
MASTI

PRICE STARTS FROM
₹ 899/-
₹ 749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.120, Wednesday, 19 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୦, ବୁଧବାର, ୧୯ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.120, Wednesday, 19 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୦, ବୁଧବାର, ୧୯ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ବନ୍ୟା ପ୍ରଭାବିତଙ୍କ ପାଇଁ ହାତ ଖୋଲିଦେଲେ ମୁଖ୍ୟମନ୍ତ୍ରୀ

ହଜାରେ କୋଟିର ସ୍ୱତନ୍ତ୍ର ପ୍ୟାକେଜ

- ଦଶସୂତ୍ରୀ ସହାୟତା ଘୋଷଣା
- ପ୍ରଭାବିତ ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବସିଡି ସହାୟତା
- କ୍ଷତିଗ୍ରସ୍ତ ରାସ୍ତାଘାଟ, କେନାଲ ବନ୍ଧକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ
- ଚଳିତ ବର୍ଷ ସ୍ୱାଭାବିକ ଠାରୁ ୩୪% ଅଧିକ ବର୍ଷା
- ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ

ଭୁବନେଶ୍ୱର(ବ୍ୟୁରୋ)

ଗତକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ବୃତ୍ତାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ । ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ । ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କାଲି ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ■ ପୃଷ୍ଠା-୧୫

ଡିଜିପି ନିଯୁକ୍ତି ଶୁଣାଣି ପୁଣି ଘୁଞ୍ଚିଲା

ସୁପ୍ରିମକୋର୍ଟରେ ପକ୍ଷ ରଖିଲେ ଓଡ଼ିଶା ସରକାର ସେପ୍ଟେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ

ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ନିଯୁକ୍ତି ମାମଲାର ମଙ୍ଗଳବାର ଶୁଣାଣି ହୋଇଥିଲା । ଏଥିରେ ଓଡିଶା ସରକାର ନିଜ ପକ୍ଷ ରଖିଛନ୍ତି । ତେବେ ସେପ୍ଟେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ଓଡିଶାରେ ଡିଜିପି ଚୟନକୁ ନେଇ ଆପତ୍ତି ଉଠାଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ସର୍ବୋଚ୍ଚ କୋର୍ଟରେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର କେନ୍ଦ୍ରୀୟ ଲୋକସେବା ଆୟୋଗ ନିକଟକୁ ପଠାଯାଇଥିବା ଅଧିକାରୀଙ୍କ ପ୍ୟାନେଲକୁ ପ୍ରତ୍ୟାହାର କରି ଏବେ ଏକ ସାନି ତାଲିକା ପ୍ରସ୍ତୁତ କରୁଛନ୍ତି । ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାର ଦୁଇଜଣ ଏଡ଼ିଜି ରାଙ୍କର ପୋଲିସ୍ ଅଧିକାରୀଙ୍କୁ ପଦୋନ୍ନତି ଦେଇ ତାଙ୍କ ନାଁ ୟୁପିଏସସି ନିକଟକୁ ପଠାଯିବାକୁ ଥିବା ନୂଆ ପ୍ୟାନେଲରେ ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଆବେଦନକାରୀ ଓ ରାଜ୍ୟ ସରକାରଙ୍କ ପକ୍ଷ ଶୁଣିବା ପରେ ଖଣ୍ଡପୀଠ ଆମିକସ୍ କ୍ୟୁରୀଙ୍କ ମତ ମଧ୍ୟ ନେଇଥିଲେ । ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ ଚୟନ ପ୍ରକ୍ରିୟାରେ ପ୍ରକାଶ ସିଂହ ରାୟର ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲେ । ତାଙ୍କ ମତକୁ ଆଧାର କରି ଡିଜିପି ଚୟନ ପ୍ରକ୍ରିୟା ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କୁ ଅଧିକ ତଥ୍ୟ ଦାଖଲ କରିବାକୁ କହିଥିଲେ । ପରବର୍ତ୍ତି ଶୁଣାଣି ଆସନ୍ତା ୧୮ ତାରିଖରେ ହେବ ବୋଲି ସୁପ୍ରିମକୋର୍ଟ ରାୟ ■ ପୃଷ୍ଠା-୧୫

ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ

ବାଲେଶ୍ୱର(ଅମୃତ ମିଡ଼ିଆ)

୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାଲେଶ୍ୱର ସଦର ସିଡିପିଓ ତଥା ପୌରପାଳିକା ଦାୟିତ୍ୱରେ ଥିବା ମଧୁସ୍ମିତା ମହାନ୍ତି । ତାଙ୍କୁ ଭିଜିଲାନ୍ସ ଗିରଫ କରିଛି । ରେମୁଣା ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଗାଡ଼ି ସିଡିପିଓଙ୍କ କାର୍ଯ୍ୟାଳୟରେ ଭଡ଼ାରେ ଲାଗିଛି । ତାଙ୍କର ଜୁନ୍ ଓ ଜୁଲାଇ ମାସର ପ୍ରାୟ ୫୨ ହଜାର ଟଙ୍କାର ବକେୟା ବିଲ୍ ପାସ୍ କରାଇଦେବା ପାଇଁ ଶ୍ରୀମତୀ ମହାନ୍ତି ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏ ନେଇ ଗାଡ଼ି ମାଲିକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଯୋଜନା ପ୍ରକାରେ ଆଜି ଅଭିଯୋଗକାରୀ ସିଡିପିଓଙ୍କୁ ଭେଟି ଲାଞ୍ଚ ଅର୍ଥ ଦେଇଥିଲେ । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ସାରି ଫେରିବା ସମୟରେ ସିଡିପିଓ ଶ୍ରୀମତୀ ମହାନ୍ତି ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇ ନିଜ ଭ୍ୟାନିଟି ବ୍ୟାଗ୍‌ରେ ରଖି କାରରେ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା ।

ବାପା-ମାଆଙ୍କୁ ଛୁରାମାଡ଼, ପୋଲିସକୁ ବି ଛାଡ଼ିଲାନି

ଗୋପ(ଅମୃତ ମିଡ଼ିଆ)

ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗାଁରେ ଘଟିଛି ଚାଞ୍ଚଲ୍ୟକର ଘଟଣା । ଜଣେ ଯୁବକ ନିଜ ବାପା-ମାଆଙ୍କୁ ଛୁରାମାଡ଼ କରିଥିବା ବେଳେ ତାଙ୍କୁ କାବୁ କରିବାକୁ ଯାଇଥିବା ପୁଲିସ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗୁରୁତର ଆହତ ବାପା-ମାଆଙ୍କୁ ଉଦ୍ଧାର କରାଯାଇ ଗୋପ ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ଗୋପ ଥାନା ପୁଲିସ ଗଣେଶ୍ୱରପୁରରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲା । ତେବେ ଅଭିଯୁକ୍ତ ପୁଲିସ ଉପରକୁ ମଧ୍ୟ ଛୁରାମାଡ଼ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗଣେଶ୍ୱରପୁର ଗ୍ରାମର ରାମଚନ୍ଦ୍ର ରଥଙ୍କ ଏକମାତ୍ର ପୁଅ ବିକ୍ରମ ରଥ ଆଜି ସକାଳେ ନିଜ ବାପାଙ୍କୁ ଛୁରିରେ ଆକ୍ରମଣ କରିଥିଲେ । ପରେ ମାଆଙ୍କୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ପହଞ୍ଚିଥିବା ଗୋପ ଥାନାର ୩ ଜଣ କର୍ମଚାରୀ ମଧ୍ୟ ଯୁବକଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି । ଏହାପରେ ଅଭିଯୁକ୍ତ ଏକ ବନ୍ଦ କୋଠରୀ ଭିତରେ ଛୁରି ଧରି ରହିଥିବା ବେଳେ ତାଙ୍କୁ କାବୁ କରିବା ପାଇଁ ପୁଲିସ ଓ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଉଦ୍ୟମ ଜାରି ରଖିଥିଲେ । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଏପର୍ଯ୍ୟନ୍ତ ଛୁରାମାଡ଼ର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ । ପାରିବାରିକ କଳହକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି । ଅଭିଯୁକ୍ତଙ୍କ ମାନସିକ ବିକୃତ ଥିବା ନେଇ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତେବେ ଏନେଇ ଅଧିକାରିକ ଭାବେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

ଏକତରଫା ପ୍ରେମରୁ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ

ଶିକ୍ଷୟିତ୍ରୀ ଓ ତାଙ୍କ ପରିବାର ଲୋକଙ୍କୁ ହାଣିଲେ

ଝାପଦା(ଅମୃତ ମିଡ଼ିଆ)

ବାଲେଶ୍ୱର ଜିଲା ଝାପଦା ଥାନା ଅଞ୍ଚଳରେ ଏକ ଅଭାବନୀୟ ଏବଂ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି । ଜଣେ ଶିକ୍ଷୟତ୍ରୀଙ୍କୁ ଏକତରଫା ପ୍ରେମ କରି ଚାକିରିରୁ ବହିଷ୍କୃତ ହୋଇଥିବା ଜଣେ କନିଷ୍ଠ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି । ଝାପଦା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବହିଷ୍କୃତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ପୃଥ୍ୱୀରାଜ କର ମଙ୍ଗଳବାର ଅପରାହ୍ନରେ ପ୍ରେମ କରୁଥିବା ଶିକ୍ଷୟତ୍ରୀଙ୍କ ଘରେ ପଶି ଏକ ଧାରୁଆ ଛୁରୀରେ ମରଣାତ୍ମକ ଆକ୍ରମଣ କରିଛନ୍ତି । ଏହି ବର୍ବର କାଣ୍ଡରେ ଶିକ୍ଷୟତ୍ରୀଙ୍କ ସମେତ ତାଙ୍କ ପରିବାରର ୫ ଜଣ ସଦସ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ, ଝାପଦା ଥାନା ଅଧୀନ ଉକ୍ତ ବିଦ୍ୟାଳୟରେ ଯୁବତୀ ବିଜ୍ଞାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ଅଭିଯୁକ୍ତ ଶିକ୍ଷକ ପୃଥ୍ୱୀରାଜ ତାଙ୍କୁ ଦୀର୍ଘ ଦିନ ହେବ ଏକତରଫା ପ୍ରେମ କରିବା ସହ ଅଶ୍ଳୀଳ ବ୍ୟବହାର ଓ ମୋବାଇଲ୍ ମେସେଜ୍ ପଠାଉଥିବା ନେଇ ଗତ ୨୦.୦୯.୨୦୨୫ ତାରିଖରେ ଝାପଦା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ଆଧାର କରି ଥାନାରେ ମାମଲା ନଂ- ୧୫୩/୨୫ ରୁଜୁ କରାଯାଇଥିବାବେଳେ ଶିକ୍ଷା ବିଭାଗ ପକ୍ଷରୁ ଅଭିଯୁକ୍ତ ପୃଥ୍ୱୀରାଜଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିଲା । ଚାକିରିରୁ ବହିଷ୍କୃତ ହେବା ପରେ ପ୍ରତିଶୋଧପରାୟଣ ହୋଇ ପୃଥ୍ୱୀରାଜ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଏକ ଧାରୁଆ କାତି ଧରି ପାଟପୁରସ୍ଥିତ ଶୁଚିସ୍ମିତାଙ୍କ ବାସଭବନରେ ପହଞ୍ଚିଥିଲେ । କିଛି ବୁଝିବା ଆଗରୁ ସେ ଅତର୍କିତ ଭାବେ ଘରେ ପଶି ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଏହି ଘାତକ ଆକ୍ରମଣରେ ଶିକ୍ଷୟତ୍ରୀ, ତାଙ୍କ ବାପା, ମା', ସାନ ଭାଇ ଏବଂ ଜଣେ ଦାଦା ଗୁରୁତର ଭାବେ ଆହତ ହୋଇଛନ୍ତି ।ଘଟଣାସ୍ଥଳରେ ଆହତମାନଙ୍କ ଚିତ୍କାର ଶୁଣି ଆଖପାଖର ଲୋକେ ଦୌଡ଼ି ଆସି ଅଭିଯୁକ୍ତ ପୃଥ୍ୱୀରାଜଙ୍କୁ କାବୁ କରିବା ସହ ବାନ୍ଧି ପକାଇଥିଲେ । ପରେ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯିବାରୁ ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣିଛି । ଅନ୍ୟପକ୍ଷରେ, ସମସ୍ତ ଗୁରୁତର ଆହତଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଚିକିତ୍ସା ନିମନ୍ତେ ସୋର ହସ୍ପିଟାଲକୁ ପଠାଯାଇଛି ।

ସେ କହିଲେ...

କେବଳ ଆଇନ ଗତ ଅନୁପାଳନ ମଧ୍ୟରେ ସୀମିତ ନ ରହି କର୍ପୋରେଟ ସଂସ୍ଥାଗୁଡିକ ଓଡ଼ିଶାର ବିକାଶରେ ଦାୟିତ୍ୱବାନ ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ସିଏସଆରକୁ ଅଧିକ ପ୍ରଭାବଶାଳୀ କରିବା ଉଚିତ । କମ୍ପାନି ଆଇନ ୨୦୧୩ ଅଧୀନରେ ଭାରତର ସିଏସଆର ଢାଞ୍ଚା କର୍ପୋରେଟମାନଙ୍କ ପାଇଁ ସାମାଜିକ ବିକାଶରେ ଅଂଶଗ୍ରହଣର ଏକ ସଂରଚିତ ବ୍ୟବସ୍ଥା ସୃଷ୍ଟି କରିଛି । ଏହା ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ମହିଳା ସଶକ୍ତିକରଣ, ପରିବେଶ ସ୍ଥିରତା, ଗ୍ରାମୀଣ ବିକାଶ ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରକୁ ସମ୍ବଳ ଯୋଗାଇ ଦିଆ ଯାଇପାରୁଛି ।

ଡ. ହରିବାବୁ କମ୍ଭମପାଟି
ରାଜ୍ୟପାଳ

ବିଜେଡି- ବିଜେପି ତେଜିଲା କଳି

ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ଗସ୍ତ ବେଳେ ହାତାହାତି

ବନ୍ୟାବିପନ୍ନଙ୍କ ଦୁଃଖ ସରୁନି । ପାଣିଘେରରେ କେମିତି ଜୀବନ ବିତାଉଛନ୍ତି, କହିବା ମୁସ୍କିଲ । ହେଲେ ଏଠାରେ ବି ରାଜନୀତି ଜୋର ଧରିଛି । ଯାଜପୁର ଜିଲ୍ଲା ଦଶରଥପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ସ୍ଥିତି ଅନୁଧ୍ୟାନ କଲାବେଳେ ଦେଖାଦେଇଥିଲା ରାଜନୈତିକ ଉତ୍ତେଜନା । ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବାକୁ ମୁଖ୍ୟମନ୍ତ୍ରୀ ପହଞ୍ଚିବା ସମୟରେ ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ହୋଇଥିଲା ପ୍ରବଳ ପେଲାଠେଲା, ହାତାହାତି । ଏନେଇ ଥାନାରେ ୪ ମାମଲା ରୁଜୁ ହୋଇଥିବା ବେଳେ ଚାପା ଉତ୍ତେଜନା ଲାଗି ରହିଛି ।

ଭୁବନେଶ୍ୱର (ବ୍ୟୁରୋ)

ରାଜ୍ୟର ୬ ଜିଲ୍ଲାରେ ୭ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି । ରିଲିଫ ଓ ଥଇଥାନ ଲାଗି ଆକୁଳ ନିବେଦନ କରୁଛନ୍ତି । ହେଲେ ସେମାନଙ୍କୁ ସହଯୋଗ କରିବା ପରିବର୍ତ୍ତେ ରାଜନୀତି ଓ ଗଣ୍ଡଗୋଳରେ ମାତିଛନ୍ତି ଦୁଇ ପ୍ରମୁଖ ଦଳର କର୍ମୀ । ପଡିଆରା ଲଢେଇ ଲାଗି ଏଠାରେ ଚାଲିଛି ପ୍ରୟାସ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ବନ୍ୟା ସ୍ଥିତି ଅନୁଧ୍ୟାନ ବେଳେ ତେଜିଲା ରାଜନୈତିକ ଉତ୍ତେଜନା । ବନ୍ୟା ପ୍ରଭାବିତ ଅଞ୍ଚଳ ବୁଝିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚିଥିବା ସମୟରେ ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ହୋଇଥିଲା ପ୍ରବଳ ପେଲାଠେଲା । ଏପରିକି ପରିସ୍ଥିତି ହାତାହାତି ପର୍ଯ୍ୟନ୍ତ ପହଞ୍ଚିଥିବା ଅଭିଯୋଗ ହୋଇଛି । ଘଟଣା ପରେ ଉଭୟ ଦଳ ପକ୍ଷରୁ ପରସ୍ପର ବିରୋଧରେ ନାରାବାଜି କରାଯାଇଥିଲା । ବିଜେଡି ସମର୍ଥକମାନେ ଦଶରଥପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରାୟ ଦୁଇ ଘଣ୍ଟା ଧରି ମଙ୍ଗଳପୁର ପଞ୍ଚାୟତର ଶତାଧିକ ଲୋକ ଓ ବିଜେଡି ସମର୍ଥକ ଥାନାରେ ଧାରଣାରେ ବସିଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଉଭୟ ବିଜେଡି ଓ ବିଜେପି ପକ୍ଷରୁ ଗୁରୁତର ଅଭିଯୋଗ ଆସିଛି । ହାତାହାତି, ଲୁଟ୍‌ପାଟ ଭଳି ଖବର ବି ସାମ୍ନାକୁ ଆସିଛି । ବିଜେଡିର ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲିକ ଅଭିଯୋଗ କରିଛନ୍ତି ଯେ, କିଛି ବିଜେପି କର୍ମୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ ଓ ଧକ୍କା ମାରିଥିଲେ । ଏହି ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ ୧୮୧/୨୬ ନମ୍ବରରେ ମାମଲା ରୁଜୁ କରିଛି । ଏଥିରେ ଶକ୍ତି ସୌରଭ ମହାପାତ୍ର, ସତ୍ୟରଞ୍ଜନ ପାଲ, ତପନ ନନ୍ଦ, ସୁଦୀପ୍ତ ପଣ୍ଡା, ଇନ୍ଦ୍ରଜିତ ଦାସ, ଅମିତ କୁମାର ନାୟକ, ଶନି ହୋସେନଙ୍କ ସମେତ ୫୦ରୁ ଅଧିକ ବିଜେପି କର୍ମୀଙ୍କ ନାଁ ରହିଥିବା ସୂଚନା ମିଳିଛି । ସେହିପରି ବିଜେଡି ନେତା ତଥା ପୂର୍ବତନ ମଙ୍ଗଳପୁର ସରପଞ୍ଚ ଶିଶିର କୁମାର ଧଳ ମଧ୍ୟ ପୁଲିସରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁସାରେ, ବିଜେପି ଯୁବମୋର୍ଚ୍ଚା ସଭାପତି ପ୍ରିୟାଂଶୁ ପଣ୍ଡାଙ୍କ ସମେତ ୨୦ରୁ ଅଧିକ ଲୋକ ତାଙ୍କୁ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏଥିସହ ତାଙ୍କ ସୁନା ଚେନ୍, ଟଙ୍କା ଓ ଚଷମା ନେଇଯାଇଥିବା ଅଭିଯୋଗ ହୋଇଛି । ଏନେଇ ୧୮୨/୨୬ ନମ୍ବରରେ ଆଉ ଏକ ମାମଲା ହୋଇଛି । ଅନ୍ୟପଟେ ବିଜେପି ପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଛି । ବିଜେପି ଜୋନ୍ ସଭାପତି ସୁନୀଲ ରାଉତଙ୍କ ଅଭିଯୋଗ ଅନୁସାରେ, କିଛି ବିଜେଡି କର୍ମୀ ବାଡ଼ି, ଖଣ୍ଡା ଓ ଭୁଜାଲି ଧରି ତାଙ୍କ ଉପରେ ଆକ୍ରମଣ କରିଥିଲେ । ଏଥିସହ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏଭଳି ପରସ୍ପର ବିରୋଧୀ ଅଭିଯୋଗକୁ ନେଇ ଦଶରଥପୁର ପୁଲିସ ମୋଟ ୪ଟି ମାମଲା ରୁଜୁ କରିଥିବା ଆଇଆଇସି ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି । ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ

ଇସଲାମିକ୍ ନାଟୋ

ଯୁଦ୍ଧ ଘନଘଟା ଭିତରେ ଆତ୍ମସୁରକ୍ଷା ଲାଗି ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଯୋଜନା ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଆମେରିକା, ଇସ୍ରାଏଲ ସହ ଇରାନର ଯୁଦ୍ଧ ହେଉ କି ରୁଷିଆ ସହ ୟୁକ୍ରେନ, ବିଭିନ୍ନ ସମୟରେ ଏକାଧିକ ଦେଶ ପ୍ରଭାବିତ ହେଉଛନ୍ତି। ଏହାର ପରିଣାମ ବିଶ୍ୱ ସମୁଦାୟ ଉପରେ ପଡୁଛି। ଶୀତଳ ଯୁଦ୍ଧ ବି କେତେକ ଦେଶ ମଧ୍ୟରେ ଲାଗିରହିଛି। ତାହା କେତେବେଳେ ଯେ ଯୁଦ୍ଧର ରୂପ ନନେବ, କହିବା ମୁସ୍କିଲ। ଏଥିଲାଗି ଦେଶ ଦେଶ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ଓ ସହଯୋଗ ନିହାତି ଆବଶ୍ୟକ। ଏହା ପାରସ୍ପରିକ ଶକ୍ତିବୃଦ୍ଧି ଓ ପ୍ରଗତି ଆଣିଦେଇଥାଏ। କେବଳ ଯୁଦ୍ଧକୁ ଏଡାଇବା ଲାଗି ନୁହେଁ, ବରଂ ବିଭିନ୍ନ ସହଯୋଗ ଲାଗି ଏହି ମେଣ୍ଟର ଆବଶ୍ୟକତା ରହିଛି। 'ନାଟୋ'କୁ ଉଦାହରଣ ଭାବେ ନିଆଯାଇପାରେ। 'ନାଟୋ' ମେଣ୍ଟରେ ଏବେ ୩୨ ଦେଶ ରହିଛନ୍ତି। ପ୍ରତିରକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ସହଯୋଗ କ୍ଷେତ୍ର ଏଥିଲାଗି ପ୍ରଶସ୍ତ ହୋଇପାରିଛି। ଏଭଳି ଆଉଏକ ମେଣ୍ଟ ଏବେ ଗଠନ କରାଯାଇଛି, ଯାହାକୁ ଇସଲାମିକ ନାଟୋ ବୋଲି କୁହାଯାଉଛି। ଏଥିରେ ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ସାମିଲ ଅଛନ୍ତି। କେତେଦୂର ଏହି ମେଣ୍ଟ ସଫଳ ହେବ, ତାହା ତ ଦୂରର କଥା, ହେଲେ ଆଭିମୁଖ୍ୟ ସ୍ପଷ୍ଟ। ପ୍ରତିରକ୍ଷା ଲାଗି ଏହି ଚୁକ୍ତିର ଗୁରୁଦାୟିତ୍ୱ ରହିଛି। ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣ ପରିସ୍ଥିତିକୁ ଏଭଳି ମୋଡ଼ ଦେଇଛି, କହିଲେ ଅତ୍ୟୁକ୍ତି ହେବନାହିଁ।

ସୁଶାନ୍ତ କୁମାର ଦାସ

ପାକିସ୍ତାନ, ତୁର୍କୀ ଏବଂ ସାଉଦି ଆରବ ମଧ୍ୟରେ ହୋଇଥିବା ଆନୁଷ୍ଠାନିକ ପ୍ରତିରକ୍ଷା ଚୁକ୍ତିନାମାକୁ ମକ୍କା ଯୌଥ ପ୍ରତିରକ୍ଷା ଚୁକ୍ତି କୁହାଯାଏ, ଏହା ଅଗଷ୍ଟ ୭, ୨୦୨୬ ରେ ସ୍ୱାକ୍ଷରିତ ହୋଇଥିଲା। ଏହାର ସାମୂହିକ ପ୍ରତିରକ୍ଷା ଗଠନ ଶୈଳୀ ଯୋଗୁଁ ଭୂ-ରାଜନୈତିକ ସମୀକ୍ଷା ଏବଂ ଗଣମାଧ୍ୟମ ବିଶ୍ଳେଷଣରେ ଏହାକୁ 'ଇସଲାମିକ୍ ନାଟୋ' ବା 'ମକ୍କା ଆଲାଏନ୍ସ' ଭାବରେ ମଧ୍ୟ ବାରମ୍ବାର ଅଭିହିତ କରାଯାଏ। ଏହି ଚୁକ୍ତିନାମାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା ସାମୂହିକ ପ୍ରତିରକ୍ଷା। ଏହି ଚୁକ୍ତି ଅନୁଯାୟୀ, ଭାରତ ଉପରେ ଆକ୍ରମଣ କରିବେ ନାହିଁ। ଏଭଳି ଯୁକ୍ତି ହେଉଛି ସଂପୂର୍ଣ୍ଣ ଭ୍ରମାତ୍ମକ। ବିଶାଳ ଶକ୍ତି ବିରୋଧରେ ଏହି ସାମରିକ ମେଣ୍ଟର ପ୍ରଭାବ ଯେ କିଛିନାହିଁ, ତାହା ସହଜେ ଅନୁମେୟ। ନହେଲେ ଇରାନ ଯେତେବେଳେ ସାଉଦି ଆରବ ଉପରେ ଆକ୍ରମଣ କଲା, ଠିକ୍ ତା ପରେ ପରେ ପାକିସ୍ତାନ ଓ ତୁର୍କୀ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥାନ୍ତେ। ହେଲେ ସେଭଳି କିଛି ହେଲାନାହିଁ। ପରିସ୍ଥିତି ଓ ପରିବେଶ ମେଣ୍ଟ ନୀତିକୁ ପଦାରେ ପକାଇ ଦେଲା। ଶେଷରେ ଇସଲାମିକ ମେଣ୍ଟ 'କାଗଜ ବାଘ' ପାଲଟିଗଲା।

କୌଣସି ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ହେଉଥିବା ସାଧାରଣ ସଶସ୍ତ୍ର ଆକ୍ରମଣକୁ ତିନୋଟି ଯାକ ଦେଶ ଉପରେ ହୋଇଥିବା ଆକ୍ରମଣ ବୋଲି ବିବେଚନା କରାଯିବ। ଏହି ମେଣ୍ଟରେ ସାଉଦି ଆରବର ଆର୍ଥିକ ଶକ୍ତି ଓ ପୁଞ୍ଜି, ତୁର୍କୀର ଉନ୍ନତ ପ୍ରତିରକ୍ଷା, ଶିଳ୍ପ ଏବଂ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଏବଂ ପାକିସ୍ତାନର ବିଶାଳ ବୃତ୍ତିଗତ ସେନା ଓ ପରମାଣୁ କ୍ଷମତାର ଏକ ଅନନ୍ୟ ସମନ୍ୱୟ ଦେଖିବାକୁ ମିଳିଛି। ଏହା ମିଳିତ ସାମରିକ ଅଭ୍ୟାସ, ଗୁଇନ୍ଦା ସୂଚନା ଆଦାନପ୍ରଦାନ, ପ୍ରତିରକ୍ଷା ଗବେଷଣା, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ସାମରିକ ସରଞ୍ଜାମର ମିଳିତ ଉତ୍ପାଦନ ଉପରେ ବିଶେଷ ଭାବରେ ଗୁରୁତ୍ୱାରୋପ କରିଥାଏ।

ଇସ୍‌ଲାମିକ୍ ମେଣ୍ଟ 'କାଗଜ ବାଘ'

ଇରାନ ଯେତେବେଳେ ଆମେରିକା ଆକ୍ରମଣ ଜବାବରେ ସାଉଦି ଆବର ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ ସାହାଯ୍ୟରେ ଆକ୍ରମଣ କଲା, ସେତେବେଳେ ପାକିସ୍ତାନ ସାଉଦି ଆରବ ସହିତ ସ୍ୱାକ୍ଷର କରିଥିବା ମେଣ୍ଟ ସତ୍ତ୍ୱେ ଇରାନ ଉପରେ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଇଥିଲା। ତେଣୁ ଏଇ ନୂତନ ମେଣ୍ଟ ସତ୍ତ୍ୱେ ଏକ ସମ୍ଭାବ୍ୟ ଯୁଦ୍ଧ ସମୟରେ ପାକିସ୍ତାନର ପକ୍ଷ ନେଇ ସାଉଦି ଆରବ କିମ୍ବା ତୁର୍କୀ

ଭାରତ ପାଇଁ ପଡ଼ୋଶୀ ଶତ୍ରୁ

ଏକ ଦେଶ ନିଜର ପସନ୍ଦ ଅନୁସାରେ ଅନ୍ୟ ଦେଶ ସହିତ ମିତ୍ରତା ସ୍ଥାପନ କରିଥାଏ, କିନ୍ତୁ ସେ ଦେଶର ଭୌଗୋଳିକ ସ୍ଥିତି ସ୍ଥିର କରିଥାନ୍ତି ଈଶ୍ୱର, ଅର୍ଥାତ୍ କେଉଁ ସବୁ ଦେଶ ସେ ଦେଶର ପଡ଼ୋଶୀ ଦେଶ ହେବେ, ତାହା ସ୍ଥିର କରିଥାନ୍ତି ଈଶ୍ୱର। ଭାରତର ଦୁର୍ଭାଗ୍ୟ, ତା'ର ଈଶ୍ୱରଦତ୍ତ ପଡ଼ୋଶୀମାନେ ବିଭିନ୍ନ ସମୟରେ ତା' ପାଇଁ ମୁଣ୍ଡବିନ୍ଧାର କାରଣ ହୋଇ ଆସିଛନ୍ତି, ଯେମିତି ଏକ ଖରାପ ପଡ଼ୋଶୀ ଜଣେ ବ୍ୟକ୍ତି ପାଇଁ ହୋଇଥାଏ। ଗତ ସପ୍ତାହରେ ଏଇ ଧାରାର ଏକ ସଦ୍ୟତମ ପରିପ୍ରକାଶ ସ୍ୱରୂପ, ତା'ର କେତେକ ନିକଟ ଓ ଦୂର ପଡ଼ୋଶୀ ମିଳିତ ହୋଇ ତା' ପାଇଁ ଏକ ନୂତନ ମୁଣ୍ଡବିନ୍ଧା ଆରମ୍ଭ କରିବା ଦେଖାଯାଇଛି। ଏହା ହେଉଛି- ସାଉଦି ଆରବ, ତୁର୍କୀ ଓ ପାକିସ୍ତାନ ମିଶି ସ୍ୱାକ୍ଷର କରିଥିବା ଏକ ଯୌଥ ପ୍ରତିରକ୍ଷା ଚୁକ୍ତି, ଯାହା 'ମକ୍କା ଯୌଥ ପ୍ରତିରକ୍ଷା ଚୁକ୍ତି' ରୂପେ ପରିଚିତ। ଏଇ ସଦ୍ୟ ଗଠିତ ଗୋଷ୍ଠୀର ଗୁରୁତ୍ୱ କେବଳ ଏହାର ତିନି ସଦସ୍ୟ ଦେଶର ସାମରିକ ଶକ୍ତିର ଏକତ୍ରୀକରଣରେ ସୀମିତ ନୁହେଁ, ଏଇ ତିନି ଦେଶଙ୍କୁ ସଂଯୁକ୍ତ କରିଥିବା ଭୂଗୋଳ ମଧ୍ୟ ହେଉଛି ଅନୁରୂପ ଭାବରେ ଗୁରୁତ୍ୱପୂର୍ଣ୍ଣ।

ମେଣ୍ଟରେ ସାମିଲ ଲାଗି ପାକ୍‌ର ଆହ୍ୱାନ

ବର୍ତ୍ତମାନ ଏକ ନୂତନ ସାମରିକ ମେଣ୍ଟ ଗୋଟିଏ ସୂତାରେ ବାନ୍ଧି ହୋଇଛନ୍ତି, ଯେଉଁଥିରେ ପାକିସ୍ତାନ ଏକମାତ୍ର ପରମାଣୁ ଅସ୍ତ୍ର ଅଧିକାରୀ ରୂପେ ଏକ ଛାମୁଆଁ ସ୍ଥାନ ଅଧିକାର କରିଛି। ଏହାକୁ ଏକ ପ୍ରମୁଖ ସାମରିକ ମେଣ୍ଟ ସହିତ ତୁଳନା କରି 'ଇସ୍‌ଲାମୀୟ ନାଟୋ' ରୂପେ ଅଭିହିତ କରାଯାଉଛି। ଯାହାକୁ ଯଥାର୍ଥ ପ୍ରତିପାଦିତ କରି ପାକିସ୍ତାନ ଅନ୍ୟ ସମସ୍ତ ମୁସଲମାନ ଦେଶମାନଙ୍କୁ ମଧ୍ୟ ଏଇ ନୂତନ ମେଣ୍ଟରେ ଯୋଗ ଦେବାକୁ ଆହ୍ୱାନ ଦେଇଛି। ଆମେରିକା ଓ ପଶ୍ଚିମ ଇଉରୋପୀୟ ଦେଶମାନଙ୍କର ସାମରିକ ମେଣ୍ଟ 'ନାଟୋ'କୁ ଅନୁକରଣ କରି ଏଇ ଇସ୍‌ଲାମୀୟ ମେଣ୍ଟ ଯେଉଁ ମୌଳିକ ନୀତି ଉପରେ ପ୍ରତିଷ୍ଠିତ, ତାହା ହେଲା- ମେଣ୍ଟର ଯେ କୌଣସି ସଦସ୍ୟ ଦେଶ ଉପରେ ସଶସ୍ତ୍ର ଆକ୍ରମଣକୁ ସମଗ୍ର ମେଣ୍ଟ ଉପରେ ଆକ୍ରମଣ ରୂପେ ବିବେଚନା କରାଯିବ। ଏଇ ନିୟମକୁ ସଂପ୍ରସାରିତ କରିଲେ ଯେଉଁ ଅର୍ଥ ବାହାରିଥାଏ, ମେଣ୍ଟର କୌଣସି ଏକ ଦେଶ ଯଦି ମେଣ୍ଟ ବାହାରେ ଥିବା କୌଣସି ଏକ ଦେଶ ପ୍ରତି ଶତ୍ରୁଭାବାପନ୍ନ ହୋଇଥାଏ, ତା'ହେଲେ ମେଣ୍ଟର ସମସ୍ତ ଦେଶ ମଧ୍ୟ ସେଇ ଦେଶକୁ ଶତ୍ରୁ ରୂପେ ଦେଖିବେ।

ଧର୍ମ ନାଁରେ ମେଣ୍ଟକରି ପାକ୍‌ର ଶକ୍ତିବୃଦ୍ଧି

ଭାରତ ପାଇଁ ଏହାର ତାତ୍ପର୍ଯ୍ୟ କାହାକୁ ବୁଝାଇବା ଅନାବଶ୍ୟକ। ଭାରତ ପ୍ରତି ଶତ୍ରୁ ଭାବ ହେଉଛି ପାକିସ୍ତାନର ଅସ୍ତିତ୍ୱର ମୂଳମନ୍ତ୍ର। ଏଥିପୂର୍ବରୁ ପାକିସ୍ତାନ ସାଉଦି ଆରବ ସହିତ ଏକ ଦ୍ୱିପାକ୍ଷିକ ମେଣ୍ଟ ରଚନା କରିସାରିଥିଲା ଓ 'ଅପରେସନ ସିନ୍ଦୁର' ସମୟରେ ତୁର୍କୀ ଠାରୁ ବିଶେଷ ସାମରିକ ସହାୟତା ଲାଭ କରିଥିଲା। ଇସଲାମ ହିଁ ଏ ଦୁଇ ଦେଶକୁ ପାକିସ୍ତାନ ପ୍ରତି ବନ୍ଧୁଭାବାପନ୍ନ କରିଥାଏ। ବର୍ତ୍ତମାନ ସେମାନେ ଏକ ବିଧ୍ୱଂସ ସାମରିକ ମେଣ୍ଟର ଅଂଶ ପାଲଟିବା ପାକିସ୍ତାନର ସାମରିକ କ୍ଷମତାକୁ ବହୁଗୁଣିତ କରିବାକୁ ଯାଉଛି। ମେଣ୍ଟର ଏଇ ତିନି ସଦସ୍ୟଙ୍କ ଭିନ୍ନ ଭିନ୍ନ ଇଲାକାରେ ଉପଲବ୍ଧ ଶକ୍ତି ବର୍ତ୍ତମାନ ଏକୀକୃତ ହେବା ଦ୍ୱାରା ସେମାନଙ୍କର ସାମଗ୍ରିକ ଶକ୍ତିରେ ଚମକପ୍ରଦ ବୃଦ୍ଧି ଘଟିବା ନିଶ୍ଚିତ। ପାକିସ୍ତାନ ପରମାଣୁ ଅସ୍ତ୍ର ଅଧିକାରୀ ହୋଇଥିବା ବେଳେ, ସାଉଦି ଆରବ ହେଉଛି ମେଣ୍ଟର ସର୍ବାଧିକ ବିତ୍ତଶାଳୀ ଦେଶ ଓ ତୁର୍କୀ ହେଉଛି ଖୋଦ୍ 'ନାଟୋ'ର ସଦସ୍ୟ ତଥା ସେଇ ମେଣ୍ଟର ସଦସ୍ୟମାନଙ୍କ ମଧ୍ୟରେ ବୃହତ୍ତମ ସ୍ଥଳ ସେନାର ଅଧିକାରୀ। ସଂପ୍ରତି ତୁର୍କୀ ସାମରିକ ଡ୍ରୋନ ନିର୍ମାଣରେ ଏକ ଅଗ୍ରଣୀ ଦେଶରେ ପରିଣତ ହୋଇଛି, ଯାହା ଏଇ ନୂତନ ମେଣ୍ଟ ପାଇଁ ବେଶ୍ ଉପଯୋଗୀ ହେବ। ଏଠାରେ ସ୍ମରଣଯୋଗ୍ୟ ଯେ 'ଅପରେସନ ସିନ୍ଦୁର' ସମୟରେ ତୁର୍କୀ ହିଁ ପାକିସ୍ତାନକୁ ଡ୍ରୋନ ଯୋଗାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ଭବିଷ୍ୟତରେ ଯଦି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଦେଖାଦିଏ, ତେବେ ଏଥର ଭାରତକୁ ଏଇ ତିନି ଦେଶମାନଙ୍କ ସହିତ ଖୋଲାଖୋଲି ମୁକାବିଲା କରିବାକୁ ପଡ଼ିବାର ଦୃଢ଼ ସମ୍ଭାବନା ରହିଛି।

ଭାରତ ପାଇଁ ଘାତକ ସାଜିପାରେ ଏହି ମେଣ୍ଟ

କେତେକ ଆଶାବାଦୀ ବିଶ୍ୱାସ କରୁଛନ୍ତି ଯେ, ଇରାନ ଯେତେବେଳେ ସଂପ୍ରତି ଆମେରିକାର ଆକ୍ରମଣର ଜବାବରେ ସାଉଦି ଆବର ଉପରେ କେତେ ଥର କ୍ଷେପଣାସ୍ତ୍ର ଓ ଡ୍ରୋନ ସାହାଯ୍ୟରେ ଆକ୍ରମଣ କଲା, ସେତେବେଳେ ପାକିସ୍ତାନ ସାଉଦି ଆରବ ସହିତ ସ୍ୱାକ୍ଷର କରିଥିବା ମେଣ୍ଟ ସତ୍ତ୍ୱେ ଇରାନ ଉପରେ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଇଥିଲା। ତେଣୁ ଏଇ ନୂତନ ମେଣ୍ଟ ସତ୍ତ୍ୱେ ଏକ ସମ୍ଭାବ୍ୟ ଯୁଦ୍ଧ ସମୟରେ ପାକିସ୍ତାନର ପକ୍ଷ ନେଇ ସାଉଦି ଆରବ କିମ୍ବା ତୁର୍କୀ ଭାରତ ଉପରେ ଆକ୍ରମଣ କରିବେ ନାହିଁ। ଏଭଳି ଯୁକ୍ତି ହେଉଛି ସଂପୂର୍ଣ୍ଣ ଭ୍ରମାତ୍ମକ। ପାକିସ୍ତାନ ନିଜର ସ୍ୱାର୍ଥ ପାଇଁ ଆମେରିକା ହାତର କଣ୍ଢେଇ ପାଲଟିଥିଲେ ହେଁ, ଇରାନ ଭଳି ଏକ ଶକ୍ତିଶାଳୀ ଇସ୍‌ଲାମୀୟ ଦେଶ ଉପରେ ଆକ୍ରମଣ କରିବାର କୌଣସି ସମ୍ଭାବନା ନାହିଁ। ସାଉଦି ଆରବ କିମ୍ବା ତୁର୍କୀ କିନ୍ତୁ ଭାରତ ପ୍ରତି ସେଭଳି ନରମ ଆଭିମୁଖ୍ୟ ଗ୍ରହଣ କରିବାର ଯେ କୌଣସି କାରଣ ନାହିଁ, ତାହା ସେମାନଙ୍କର ଆଚରଣରୁ ସ୍ପଷ୍ଟ ହୋଇ ସାରିଛି।

ଭାରତର କୂଟନୀତି ବଳିଷ୍ଠ ହେବା ଜରୁରୀ

ନିଜର ନିରାପତ୍ତା ପ୍ରତି ଦେଖା ଦେଇଥିବା ଏଇ ନୂତନ ବିପଦର ମୁକାବିଲା କରିବା ପାଇଁ ଭାରତ ସମ୍ମୁଖରେ ଦୁଇଟି ରାସ୍ତା ଉପଲବ୍ଧ। ଗୋଟିଏ ହେଲା ସୁସ୍ପଷ୍ଟ: ଭାରତକୁ ନିଜର ସାମରିକ ଶକ୍ତିରେ ବୃଦ୍ଧି ଘଟାଇବାକୁ ପଡ଼ିବ। ଏ ପର୍ଯ୍ୟନ୍ତ ଆମେରିକା ପୃଥିବୀର ପୁଲିସ ରୂପେ କାର୍ଯ୍ୟ କରି ଅନ୍ତର୍ଜାତିକ ଶାନ୍ତି ପ୍ରତି ଏଭଳି ବିପଦମାନଙ୍କର ଆବିର୍ଭାବକୁ ପ୍ରତିହତ କରିଆସୁଥିଲା। ଏବେ କିନ୍ତୁ ଟ୍ରମ୍ପଙ୍କ ଆମେରିକା ଆଉ ସେଇ ଦାୟିତ୍ୱ ବହନ କରିବାକୁ ପ୍ରସ୍ତୁତ ନୁହେଁ। ତା' ଛଡ଼ା ଟ୍ରମ୍ପ ମଧ୍ୟ ଏକ ସଂପୂର୍ଣ୍ଣ ରୂପେ ଭାରତ-ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ନିଜର ସାମରିକ ଶକ୍ତି ବୃଦ୍ଧି ଆମ ପାଇଁ ଅପରିହାର୍ଯ୍ୟ ହୋଇଥିବା ବେଳେ ଏଇ ନୂତନ ମେଣ୍ଟ ସହିତ ସାମରିକ ମୁକାବିଲା କେବେହେଲେ ଆମ ପାଇଁ ଉପଲବ୍ଧ ପ୍ରଥମ ବିକଳ୍ପ ନୁହେଁ। ବରଂ କୂଟନୀତି ବ୍ୟବହାର କରି ମେଣ୍ଟରେ ଫାଟ ସୃଷ୍ଟିକରିବା ହେଉଛି ଆମ ପାଇଁ ଉପଲବ୍ଧ ଆଦର୍ଶ ପନ୍ଥା। ଭାରତ ଯଦି ତା'ର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ଓ ସାଂସ୍କୃତିକ ପ୍ରଭାବ ବ୍ୟବହାର କରି ମେଣ୍ଟର ଅନ୍ୟ ସଦସ୍ୟମାନଙ୍କ ସହିତ ସଂପର୍କ ଦୃଢ଼ୀଭୂତ କରେ, ତେବେ ତାହା ସେମାନଙ୍କୁ ଭାରତ ବିରୁଦ୍ଧରେ ଶତ୍ରୁତା ଆଚରଣରୁ ନିବୃତ୍ତ କରିବ। 'ୟୁଏଇ' ସହିତ ଭାରତ ସ୍ଥାପନ କରିଥିବା ସୁସଂପର୍କ ପ୍ରମାଣିତ କରିଥାଏ ଯେ, ଅନ୍ତତଃ ସାଉଦି ଆରବ ସହିତ ଏକ ଅନୁରୂପ ସଂପର୍କ ସ୍ଥାପନ କରାଯାଇ ପାରିବ। ତେବେ କୂଟନୀତି ସକ୍ରିୟ ଥିବା ବେଳେ ମଧ୍ୟ ଆମର ବାରୁଦ ସ୍ତିତିକୁ ଅନବରତ ନିଶ୍ଚିତ କରିବାକୁ ହେବ।

ଧର୍ମ ଆଧାରରେ ଯୋଡ଼ିହେବେ ଅନେକ ଦେଶ

ଏହି ତିନୋଟି ଦେଶ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ଚୁକ୍ତି ସମଗ୍ର ବିଶ୍ୱରେ ଅନେକଙ୍କ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଯଦିଓ ତିନୋଟି ଯାକ ଦେଶର ଅଧିକାରୀମାନେ ବାରମ୍ବାର କହିଛନ୍ତି ଯେ 'ମକ୍କା ଚୁକ୍ତି' କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ବିପଦକୁ ଲକ୍ଷ୍ୟ କରି କରାଯାଇ ନାହିଁ, ତଥାପି ଏହି ଚୁକ୍ତି ଭାରତ ପାଇଁ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରେ। ଅସ୍ଥିରତାର ଏହି ସମୟରେ କିଛି ବି ନିଶ୍ଚିତ ନୁହେଁ। ଧର୍ମକୁ ଆଧାର କରି ଗଢାଯାଇଥିବା ଇସଲାମିକ ମେଣ୍ଟରେ ଏକାଧିକ ମୁସଲିମ୍ ରାଷ୍ଟ୍ର ସାମିଲ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଏହି ମେଣ୍ଟ କୌଣସି ଦେଶ ବିରୋଧରେ ହୋଇନଥିଲେ ବି ଏହାର ଭବିଷ୍ୟତ କ'ଣ ହେବ, ତାକୁ ନେଇ ସଂଶୟ ଭାବ ସୃଷ୍ଟିହୋଇଛି।

ଇସ୍‌ଲାମିକ୍ ମେଣ୍ଟରେ ସାମିଲ ହେବ ଇଜିପ୍ଟ

ଇଜିପ୍ଟ 'ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି'ରେ ଯୋଗଦେବାକୁ ବିଚାର କରୁଥିବା ବେଳେ ପାକିସ୍ତାନ ବିଶ୍ଳେଷକମାନଙ୍କ ଦ୍ୱାରା 'ମୁସଲିମ୍ ନାଟୋ' ଭାବେ ବର୍ଣ୍ଣିତ ହୋଇଥିବା ଏକ ପ୍ରମୁଖ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଉଭା ହେଉଛି। ଚଳିତ ମାସ ଅଗଷ୍ଟ ୭ ତାରିଖରେ ପବିତ୍ର ମକ୍କା ସହରରେ ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନ ମଧ୍ୟରେ ଏହି ତ୍ରିପାକ୍ଷିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତେବେ ଏହି ମେଣ୍ଟ ପୂର୍ବ ଭୂମଧ୍ୟସାଗର, ଲୋହିତ ସାଗର, ପାରସ୍ୟ ପ୍ରାଚୀର ଏବଂ ଦକ୍ଷିଣ ଏସିଆକୁ ବ୍ୟାପ୍ତ ଏକ ଚତୁଃପାକ୍ଷିକ ଗୋଷ୍ଠୀରେ ପରିଣତ ହୋଇପାରେ। ଇଜିପ୍ଟର ବୈଦେଶିକ ମନ୍ତ୍ରୀ ବଦର ଅବଦେଲାଟି କହିଛନ୍ତି ଯେ, ଏହି ଚୁକ୍ତି ଅନ୍ତର୍ଗତ ପ୍ରତିରକ୍ଷା ଦାୟିତ୍ୱଗୁଡ଼ିକର ସାମ୍ବିଧାନିକ ଏବଂ ଆଇନଗତ ସମୀକ୍ଷାକୁ ଅପେକ୍ଷା କରି କାଏରୋ ଏଥିରେ ଯୋଗଦେବାକୁ 'ଗମ୍ଭୀରତାର ସହ ବିଚାର' କରୁଛି। ତୁର୍କୀର ବୈଦେଶିକ ମନ୍ତ୍ରୀ ହାକାନ୍ ଫିଦାନ ଇଜିପ୍ଟକୁ 'ସମସ୍ତ ପ୍ରସଙ୍ଗରେ ଏକ ପ୍ରାକୃତିକ ଭାଗିଦାରୀ' ଭାବେ ବର୍ଣ୍ଣନା କରିଛନ୍ତି ଏବଂ 'କିଛି ବୈଷୟିକ ପ୍ରସଙ୍ଗ ସମାଧାନ ହୋଇଗଲେ' କାଏରୋ ଯୋଗଦେବ ବୋଲି ଆଶାପ୍ରକାଶ କରିଛନ୍ତି। ଆରବ ଜଗତର ସର୍ବବୃହତ୍ ସେନାବାହିନୀର ଅଧିକାରୀ ଇଜିପ୍ଟର ସମ୍ଭାବ୍ୟ ଅନ୍ତର୍ଭୁକ୍ତି ମକ୍କା ଚୁକ୍ତିର ଭୌଗୋଳିକ ଏବଂ ସାମରିକ ଓଜନକୁ ଯଥେଷ୍ଟ ବୃଦ୍ଧି କରିପାରିବ।

ପଶ୍ଚିମ ଓଡ଼ିଶା

{ବନ୍ଧାଗାଁ ମେଗା ପାନୀୟଜଳ ପ୍ରକଳ୍ପ} କୋଟି କୋଟି ଖର୍ଚ୍ଚ ପରେ ବି ଘରପାଖକୁ ପାଣି ନାହିଁ

- ମୁଖ୍ୟ ରାସ୍ତାରେ ପାଇପ୍, ଗଳିରେ ନାହିଁ ସଂଯୋଗ
- ହିତାଧିକାରୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ
- ବିଭାଗୀୟ ପ୍ରତିକ୍ରିୟା ମିଳିଲାନି, ସମାଧାନ ଦାବି

କଳାହାଣ୍ଡି(ଅମୃତ ମିଡିଆ -ପ୍ୟାରିଲାଲ ଦୁର୍ଗା): ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ତେବେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବନ୍ଧାଗାଁ ମେଗା ପାନୀୟଜଳ ପ୍ରକଳ୍ପକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକଳ୍ପ ପାଇଁ ବିପୁଳ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ଅନେକ ଘରକୁ ପାଣି ସଂଯୋଗ ପହଞ୍ଚିନଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମକୁ ପାନୀୟଜଳ ଯୋଗାଇବା ପାଇଁ ପ୍ରକଳ୍ପ ଅଧୀନରେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବଡ଼ ପାଇପ୍ ବିଛାଯାଇଛି । କେତେକ ସ୍ଥାନରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ସ୍ଥାପନ କରାଯାଇଛି । କିନ୍ତୁ ଗଳି ରାସ୍ତା ଦେଇ ଘର ନିକଟକୁ ପାଇପ୍ ସଂଯୋଗ ନେବା ପାଇଁ ହିତାଧିକାରୀଙ୍କୁ ନିଜ ଖର୍ଚ୍ଚରେ ପାଇପ୍ କିଣିବାକୁ କୁହାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି । ନିଜ ଖର୍ଚ୍ଚରେ ପାଇପ୍ କିଣିବା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ବିଶେଷକରି ଚାଷ ପାଇଁ ଋଣ କରୁଥିବା ଚାଷୀ ଓ ଦିନମଜୁରିଆ ପରିବାର ପାଇଁ ଏହା ଅତିରିକ୍ତ ଆର୍ଥିକ ବୋଝ ପାଲଟିଛି ବୋଲି ସେମାନେ କହିଛନ୍ତି । ଜଣେ ହିତାଧିକାରୀଙ୍କ କହିବାନୁଯାୟୀ, “ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ କରୁଛନ୍ତି। ହେଲେ ଘର ପାଖକୁ ପାଣି ପହଞ୍ଚାଇବା ପାଇଁ ଆମକୁ ପୁଣି ନିଜ ଟଙ୍କାରେ ପାଇପ୍ କିଣିବାକୁ ପଡୁଛି”। ଏନେଇ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା । ଫଳରେ ଅଭିଯୋଗ ସମ୍ପର୍କରେ ବିଭାଗୀୟ ପକ୍ଷର ସ୍ପଷ୍ଟୀକରଣ ମିଳିପାରିନାହିଁ। ସୂଚନାଯୋଗ୍ୟ, ୨୦୨୧ ମସିହା ମାର୍ଚ୍ଚ ୩ ତାରିଖରେ ଗୋଲାମୁଣ୍ଡା ବ୍ଲକର ବନ୍ଧାଗାଁ ନିକଟ ତେଲ ନଦୀ କୂଳରେ ପ୍ରାୟ ୧୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ମେଗା ପାନୀୟଜଳ ପ୍ରକଳ୍ପର କାମ ଆରମ୍ଭ ହୋଇଥିଲା । ହାଇଦ୍ରାବାଦସ୍ଥିତ ମେଘା ଇଞ୍ଜିନିୟରିଂ ସଂସ୍ଥା ପକ୍ଷରୁ କାର୍ଯ୍ୟ କରାଯାଉଥିବା ବେଳେ ବୋରଗୁଡ଼ାଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି । ପ୍ରକଳ୍ପର ଉଦ୍ଦେଶ୍ୟ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କ ଘର ନିକଟକୁ ପାନୀୟଜଳ ସଂଯୋଗ ସୁନିଶ୍ଚିତ କରିବା ସହ ନିଜ ଖର୍ଚ୍ଚରେ ପାଇପ୍ କିଣିବା ସମ୍ପର୍କିତ ଅଭିଯୋଗର ତଦନ୍ତ କରିବାକୁ ଦାବି ହୋଇଛି । ଏଥିସହ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ହାତୀ ଉପଦ୍ରବ ନେଇ ଘୋଡ଼ାଫୁକରରେ ଆତଙ୍କ

- ଘର ଭାଙ୍ଗିଲା, ଖାଦ୍ୟସାମଗ୍ରୀ ନଷ୍ଟ
- ଘଟଣାସ୍ଥଳରେ ଜିଲ୍ଲା ପରିଷଦ ସଦସ୍ୟ ପରଖିତ ନାଏକ

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ବେନଗାଁ ପଞ୍ଚାୟତର ଘୋଡ଼ାଫୁକର ଗ୍ରାମରେ ହାତୀ ଉପଦ୍ରବ ଯୋଗୁଁ ଆତଙ୍କ ଦେଖାଦେଇଛି । ହାତୀ ଗାଁ ମଧ୍ୟକୁ ପ୍ରବେଶ କରି କେତେକ ଘର ଭାଙ୍ଗିବା ସହ ଘରେ ରଖାଯାଇଥିବା ଖାଦ୍ୟ ସାମଗ୍ରୀ ନଷ୍ଟ କରିଦେଇଥିବା ଜଣାପଡ଼ିଛି । ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ଲାଞ୍ଜିଗଡ଼ ଜୋନ୍-୨ର ଜିଲ୍ଲା ପରିଷଦ ସଦସ୍ୟ ପରଖିତ କୁମାର ନାଏକ ଘଟଣାସ୍ଥଳକୁ ଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ । ସେ ହାତୀ ଉପଦ୍ରବ ଯୋଗୁଁ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଅବଗତ ହେବା ସହ ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ । ଏହି ଘଟଣା ସମ୍ପର୍କରେ ବନ ବିଭାଗ କର୍ମଚାରୀଙ୍କ ସହ ଫୋନ୍ ଯୋଗେ ଆଲୋଚନା କରାଯାଇ ଗ୍ରାମର ସ୍ଥିତି ଓ ଲୋକଙ୍କ ସୁରକ୍ଷା ସମ୍ପର୍କରେ ଅବଗତ କରାଯାଇଥିଲା । ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କୁ ସତର୍କ କରିବା ଏବଂ ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ନେବାକୁ ଦାବି ହୋଇଛି । ହାତୀ ଉପଦ୍ରବରେ ଘର ଭାଙ୍ଗିବା ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହେବା ଯୋଗୁଁ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି । ତେଣୁ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ନିୟମ ଅନୁସାରେ ତୁରନ୍ତ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ଅନ୍ୟପକ୍ଷରେ, ଲାଞ୍ଜିଗଡ଼ ଅଞ୍ଚଳରେ ବାରମ୍ବାର ହାତୀଙ୍କ ପ୍ରବେଶ ଯୋଗୁଁ ମଣିଷ-ହାତୀ ସଂଘର୍ଷର ଆଶଙ୍କା ବଢୁଛି । ରାତି ସମୟରେ ହାତୀ ଗାଁ ମଧ୍ୟକୁ ପ୍ରବେଶ କରୁଥିବାରୁ ଲୋକଙ୍କ ଧନଜୀବନ ପ୍ରତି ବିପଦ ରହିଛି । ତେଣୁ ହାତୀଙ୍କ ଗତିପଥ ଚିହ୍ନଟ କରି ନିୟମିତ ନଜରଦାରି, ଗ୍ରାମବାସୀଙ୍କୁ ସତର୍କ ସୂଚନା ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଜାତୀୟ କୃମିନାଶକ ଦିବସ ନେଇ କୃମିନାଶକ ବଟିକା ସେବନ

ରାଇଘର(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାରେ ଥିବା ଭୈରବ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଜି ଜାତୀୟ କୃମିନାଶକ ଦିବସ ନିମନ୍ତେ କୃମି ନାଶକ ବଟିକା ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଧ୍ୟକ୍ଷ

ରମେଶ ଚନ୍ଦ୍ର ନାହାକଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ମହାନ୍ତିଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ କୃମି ବଟିକା ଖୁଆ ଯାଇଥିଲା । ଇଂରାଜୀ ଅଧ୍ୟାପିକା ପ୍ରତିକ୍ଷା ପ୍ରିୟ ଦର୍ଶନୀ ସ୍ୱାଇଁ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଛାତ୍ରଛାତ୍ରୀ ମାନଙ୍କୁ କୃମି ବଟିକା ଖୁଆଇବାରେ ସହଯୋଗ କରିଥିଲେ ।

ଜଳ ସଙ୍କଟରେ ମଦନପୁର ରାମପୁରବାସୀ, ଯନ୍ତ୍ରୀଙ୍କ ବଦଳି ଦାବି

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): ବର୍ଷା ଋତୁରେ ମଧ୍ୟ ମଦନପୁର ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖା ଦେଇ ଥିବାରୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟପ୍ରଣାଳୀ କୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ରୀ ବିନୋଦ ବିହାରୀ ସିଂଙ୍କ ଉପରେ ଲୋକଙ୍କ ସମସ୍ୟା ପ୍ରତି ଆବଶ୍ୟକ ଗୁରୁତ୍ୱ ଦିଆ ଯାଉ ନଥିବାର ଅଭିଯୋଗ ରହିଛି । ଜନସାଧାରଣ ଓ ଜନପ୍ରତିନିଧିଙ୍କ ଅଭିଯୋଗ ଶୁଣାଯାଉନଥିବା । ନେଇ ମଧ୍ୟ କେତେକ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ, ଅଧିକାରୀଙ୍କ କେତେକ ସ୍ଥାନୀୟ ରାଜନୈତିକ ନେତାଙ୍କ ସହ ସମ୍ପର୍କ ଥିବାରୁ ସେ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି । ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱତନ୍ତ୍ର ସତ୍ୟତା ଯାଞ୍ଚ ହୋଇନାହିଁ । ସୂଚନା ଅନୁସାରେ, ସୀତାରାମପାଲି ଅଞ୍ଚଳର ପାଣିଟାଙ୍କି ଠିକ୍ ଭାବେ

କାର୍ଯ୍ୟକ୍ଷମ ହେଉନଥିବା ସହ ଗ୍ରାମର ବିଭିନ୍ନ ସ୍ଥାନକୁ ଆବଶ୍ୟକ ପରିମାଣରେ ପାଣି ପହଞ୍ଚୁନଥିବା ଅଭିଯୋଗ ରହିଛି । ଏହାସହ ବିଭିନ୍ନ ନଳକୂପ ଅଚଳ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ମରାମତି ହେଉନଥିବାରୁ ଲୋକେ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଥିବା କୁହାଯାଇଛି । ବର୍ଷା ଦିନରେ ମଧ୍ୟ ଯଦି ପାନୀୟ ଜଳ ପାଇଁ ଲୋକଙ୍କୁ ହଇରାଣ ହେବାକୁ ପଡୁଛି, ତେବେ ଆଗାମୀ ଖରା ଦିନରେ ପରିସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ରହିଛି । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଅଚଳ ଜଳଯୋଗାଣ ବ୍ୟବସ୍ଥାକୁ ତୁରନ୍ତ ସଚଳ କରିବାକୁ ଦାବି ହୋଇଛି । ଏଥିସହ ଅଭିଯୋଗର ସତ୍ୟତା ଯାଞ୍ଚ କରି ଆବଶ୍ୟକ ହେଲେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ବଦଳି କରିବାକୁ ମଧ୍ୟ ଜନସାଧାରଣ ଦାବି କରିଛନ୍ତି। ଲୋକଙ୍କ ମୌଳିକ ଆବଶ୍ୟକତା ଥିବା ପାନୀୟ ଜଳ ସମସ୍ୟାର ସମାଧାନ ନହେଲେ ସରକାରଙ୍କ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିବ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି ।

ବିଦ୍ୟାଳୟରେ ଖେଳପଡ଼ିଆ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର

ରାଇଘର(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପତ୍ର କୋଟି ସାହି ରେ ଥିବା ବିଦ୍ୟାଳୟର ଖେଳ ପଡ଼ିଆ ନ ଥିବା ରୁ ପତ୍ର କୋଟି ସାହି ତରଫରୁ ଖେଳ ପଡ଼ିଆ ଯୋଗାଇ ଦେବାକୁ ଗୋଷ୍ଠି ଉନ୍ନୟନ ଅଧିକାରୀ ରିତୁ ସିଂଙ୍କୁ ସାହି ତରଫରୁ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ୧୯୫୧ ମସିହାରେ ନିର୍ମିତ ହୋଇଥିବା ବିଦ୍ୟାଳୟ ରେ

ଖେଳ ପଡ଼ିଆ ନାହିଁ। ଏହି ସ୍କୁଲ ରେ ୧୧୬ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଖେଳ ପଡ଼ିଆ ଅଭାବ ଯୋଗୁଁ ସ୍କୁଲ ରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ଖେଳ ରୁ ବଞ୍ଚିତ ରହୁଛନ୍ତି। ଏବଂ ସ୍କୁଲ ର ପଛ ପଟକୁ ଏକ ପଡିଆ ରହିଛି । ସ୍ଥାନୀୟ ପ୍ରଶାସନ ଅନୁମତି ଦେଲେ ଛାତ୍ର ଛାତ୍ରୀ ମାନେ ଖେଳି ପାରନ୍ତେ ବୋଲି ସାହି ବାସିନ୍ଦା, ସ୍କୁଲ କମିଟି, ଓ ପତ୍ର କୋଟି ସାହି ରେ କାର୍ଯ୍ୟରତ ଶିକ୍ଷୟତ୍ରୀ ବୃନ୍ଦ ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲ ଦାର ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।

ପାଇଖାନା ଖୋଲା ପାଣିଟାଙ୍କିରେ ପଡ଼ି ଶିଶୁର ଗଲା ଜୀବନ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ଖେଳୁ ଥିବା ବେଳେ ଅଘଟଣ । ପାଇଖାନା ଖୋଲା ଟାଙ୍କି ପାଣି ରେ ପଡି ଜଣେ ୪ ବର୍ଷ ଶିଶୁ ର ଗଲା ଜୀବନ । ଏମିତି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ କପିଲାଭଟା ଅଧିନସ୍ଥ ପଞ୍ଚାୟତ ଅଶୁର୍ଲା ଗାଁରେ । ଗାଁ ର ଗୁପ୍ତେଶ୍ୱର ବାଗ

ଙ୍କ ପୁଅ କ୍ରିସ (୦୪) ବୋଲି ସୂଚନା ମିଳିଛି । କ୍ରିସ ଘର ନିକଟ ରେ ଖେଳୁ ଥିବା ବେଳେ ଏକ ପାଇଖାନା ଖୋଲା ପାଣି ଟାଙ୍କି ରେ ପଡି ଯାଇଥିଲେ । ତେବେ ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଗୁରୁତର ଅବସ୍ଥା ରେ ଉଦ୍ଧାର କରି ନୂଆପଡା ଜିଲ୍ଲା ଖଡ଼ିଆଳ ଡ଼ାକ୍ତରଖାନା ରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।ଏ ନେଇ ଖଡ଼ିଆଳ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରୁଛି । ଅଶୁର୍ଲା ଗାଁରେ ଶୋକକୁଳ ପରିବେଶ ଦେଖିବାକୁ ମିଳିଛି। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଘରେ ମୃତକ ଙ୍କ ମାଆ ଥିବା ବେଳେ ବାପା ବାହାର ରାଜ୍ୟ କୁ ପେଟ ପାଟଣା ପାଇଁ ଯାଇଥିବା ନେଇ ସୂଚନା ମିଳିଛି ।ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ବେଆଇନ ବାଲି ଚୋରାଚାଲାଣ, ହାଇୱାକୁ ଜବତ କଲା କେଗାଁ ପୋଲିସ

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅଞ୍ଚଳରେ ବେଆଇନ ବାଲି ଚାଲାଣ ଅଭିଯୋଗରେ ପୋଲିସ ଏକ ବାଲି ବୋଝେଇ ହାଇୱା ଜବତ କରିଛି । ଏନେଇ କେଗାଁ ଥାନାରେ କେସ୍ ନମ୍ବର ୧୮୪/୨୬ରେ ମାମଲା ରୁଜୁ ହୋଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ,ବେଆଇନ ବାଲି ଚାଲାଣ ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ କେଗାଁ ଥାନା ଆଇଆଇସି ସଙ୍ଗୀତା ବେଗଙ୍କ ନେତୃତ୍ୱରେ ପୋଲିସ ଟିମ ବୋଡି ନିକଟରେ ଚଢ଼ଉ କରିଥିଲା। ଏହି ସମୟରେ ଓଡି-୦୮-ଏକ୍ସ-୨୪୫୧ ନମ୍ବରର ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ି ରେ ବାଲି ଚାଲାଣ ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଓ ରୟାଲଟି ଚାଲାଣ ନ ଥିବା ଅଭିଯୋଗରେ ହାଇୱାଟିକୁ ଜବତ କରାଯାଇ ଥାନାକୁ ଅଣାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାଯାଏ ଯେ, କଣ୍ଟାମାଳ ନିକଟସ୍ଥ ଉଦନ୍ତି ନଦୀ ପଠାରୁ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରାଯାଉଥିବା ପୋଲିସ ସନ୍ଦେହ କରୁଛି । ଉଦନ୍ତି ନଦୀ ପଠାରୁ ବେଆଇନ ଭାବେ ବାଲି ଉଠାଣ ଓ ଚାଲାଣ ହେଉଥିବା ନେଇ ପୂର୍ବରୁ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଉଲ୍ଲେଖଯୋଗ୍ୟ, ବର୍ଷା ଋତୁକୁ ଦୃଷ୍ଟିରେ ରଖି ଜୁନ୍ ୨୮ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ

ବାଲି ଉଠାଣ ବନ୍ଦ ରହିବା ନେଇ ଖଣି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିବା ସୂଚନା ରହିଛି । ତେବେ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବାଲିଘାଟରୁ ନିୟମ ଉଲଂଘନ କରି ବାଲି ଉଠାଣ ଓ ହାଇୱା ଯୋଗେ ଅନ୍ୟ ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଛି । ଏହାର ତଦନ୍ତ କରାଯାଇ ନିୟମ ଉଲଂଘନକାରୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ମୁଖିଗୁଡ଼ାରେ ନକ୍‌ଆଉଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଓ ଭାଇଚାରା ବୃଦ୍ଧି ପାଇଁ ପ୍ରଶଂସନୀୟ ପ୍ରୟାସ

କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା): ମା' ଡୋକରୀ ବୁଢ଼ା ଭଲିବଲ୍ କମିଟି, ମୁଖିଗୁଡ଼ା ପକ୍ଷରୁ ଏକ ଆକର୍ଷଣୀୟ ନକ୍‌ଆଉଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏହି କ୍ରୀଡ଼ା ଆୟୋଜନରେ ଲାଞ୍ଜିଗଡ଼ର ମାନ୍ୟବର ବିଧାୟକ ଶ୍ରୀ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକ କମିଟି, ଖେଳାଳି ଓ କ୍ରୀଡ଼ାପ୍ରେମୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ାର ଗୁରୁତ୍ୱ, ଶୃଙ୍ଖଳା ଓ ସୁସ୍ଥ ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଭଲିବଲ୍ ଭଳି ଦଳଗତ କ୍ରୀଡ଼ା ଯୁବପିଢ଼ିଙ୍କ ମଧ୍ୟରେ ଏକତା, ନେତୃତ୍ୱ, ଶୃଙ୍ଖଳା, ପରସ୍ପର ସହଯୋଗ ଓ ଭାଇଚାରାର ଭାବନାକୁ ମଜବୁତ କରିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ବିଜୁ ଯୁବ ଜନତା ଦଳ, ଜୟପାଟଣା ବ୍ଲକ୍ ସଭାପତି ଶ୍ରୀ ଅମ୍ବୁଜ କୁମାର ଧାଙ୍ଗଡ଼ାମାଝୀ, ବିଜୁ ଛାତ୍ର ଜନତା ଦଳ, ମୁଖିଗୁଡ଼ା ସଭାପତି ଶ୍ରୀ ନଟବର ହରିଜନ ଏବଂ ଛାତ୍ର ସମ୍ପାଦକ ଶ୍ରୀ ଆୟୁଷ୍ମାନ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମର

ଗୌରବ ବଢ଼ାଇଥିଲେ। ଟୁର୍ଣ୍ଣାମେଣ୍ଟକୁ ନେଇ ମୁଖିଗୁଡ଼ା ଅଞ୍ଚଳରେ ଯୁବକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ବିଭିନ୍ନ ଦଳର ଖେଳାଳିମାନେ ଉତ୍ସାହ ଓ କ୍ରୀଡ଼ାସୁଲଭ ମନୋଭାବ ସହ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଖେଳାଳିମାନଙ୍କ ଚମତ୍କାର ପ୍ରଦର୍ଶନ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲା। ଅଞ୍ଚଳରେ ଯୁବପିଢ଼ିଙ୍କୁ ମୋବାଇଲ୍ ଓ ଅନ୍ୟାନ୍ୟ ଅନାବଶ୍ୟକ କାର୍ଯ୍ୟକଳାପରୁ ଦୂରେଇ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଯୁବଶକ୍ତିର ସକାରାତ୍ମକ ଶକ୍ତିକୁ ସମାଜ ଗଠନରେ ବ୍ୟବହାର କରିବା ଦିଗରେ ଏଭଳି ଆୟୋଜନ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ମଣ୍ଡିଂ କ୍ଲବ ତରଫରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗୀର(ଅମୃତ ମିଡିଆ): ମର୍ନିଙ୍ଗ କ୍ରିକେଟ କ୍ଲବ, ଖୁଜେନପାଲି ପଡିଆ ବଲାଙ

ସମ୍ପାଦକୀୟ...

'ହନୁ' ପଇସା

ସଂକ୍ଷେପରେ ହନୁ ପଇସା..ପୁରାକରି କହିଲେ ହନୁମାନ ପଇସା। ଏବେ ସେହି ହନୁ ବା ହନୁମାନ ପଇସାକୁ ନେଇ ଚର୍ଚ୍ଚା ଜୋର୍‌ସୋର୍। ପଲ୍ଲୀରୁ ନୂଆଦିଲ୍ଲୀ ଭଳି ବଲାଙ୍ଗୀରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏବେ ସବୁଆଡ଼େ ଚର୍ଚ୍ଚା କେବଳ ହନୁମାନ ପଇସା। ବଲାଙ୍ଗୀରରୁ ଅପହୃତ ଜନୈକ ବ୍ୟବସାୟୀଙ୍କୁ ଯେବେ ଭୁବନେଶ୍ୱରରୁ ଉଦ୍ଧାର କରାଗଲା, ସେବେ ସେହି ପଇସା ବିଷୟ ଲୋକଲୋଚନକୁ ଆସିଲା ବା ଯେଉଁ ପଇସାକୁ ନେଇ ଚର୍ଚ୍ଚା ଜୋର ଧରିଲା ସେହି ପଇସା ବିଷୟରେ ଖୋଦ୍ ହନୁ ମଉସାଙ୍କୁ ଜଣାଥିବ। ଆମେ କହୁଛୁ ପୁରାଣ ପ୍ରସିଦ୍ଧ ବଜରଙ୍ଗବଳୀ ଶ୍ରୀରାମ ଭକ୍ତ ହନୁମାନଙ୍କ ବିଷୟରେ ଯାହାଙ୍କ ନାମରେ ବର୍ତ୍ତମାନର ତଥାକଥିତ ପଇସାର ପ୍ରଚଳନ। ସେଭଳି ଜଣେ ମହାନ୍..ଭକ୍ତବୀର ହନୁମାନଙ୍କ ନାମରେ ପଇସା ପ୍ରଚଳନ ଏବଂ ସେ ପଇସାକୁ ନେଇ ସମାଜରେ ହତ୍ୟା, ଅପହରଣ ଭଳି ଜଘଣ୍ୟ ଘଟଣା, ତୁମ୍ବି ତୋଫାନ୍.. ବାସ୍ତବରେ ଅତି ଦୁଃଖଦାୟକ, ଅତି ଚିନ୍ତାର ବିଷୟ , ଅତି ପରିତାପର ବିଷୟ। ଆଜିର ସମାଜରେ ହନୁମାନ ପଇସାକୁ ନେଇ ଏବେ ଯେଭଳି କାଣ୍ଡ କାରନାମା ଚାଲିଛି, ଯାହା କୌଣସି କଳା କାରନାମା ଠାରୁ ବି କମ୍ ନୁହେଁ..! ଅଥଚ ସବୁବେଳେ ଧଳାକଥା କହୁଥିବା, ସବୁବେଳେ ଉନ୍ନତି ଏବଂ ପ୍ରଗତିର କଥା କହୁଥିବା ଆମ ରାଜ୍ୟ ସରକାର ତାଙ୍କ ରାଜ୍ୟରେ ହନୁମାନ ପଇସାକୁ ନେଇ ଚାଲିଥିବା ଏଭଳି ଘଟଣା ଅବା ଦୁର୍ଘଟଣାକୁ ନେଇ କେତେଦୂର ସଚେତନ. ତାକୁ ନେଇ ଏବେ ସୃଷ୍ଟି ହୋଇଛି ମାଳମାଳ ପ୍ରଶ୍ନବାଚୀ ? ଯାହାର କୌଣସି ସନ୍ତୋଷଜନକ ଉତ୍ତର ସରକାରଙ୍କ ପାଖରେ ଅଛି କି ନାହିଁ , ତାହା ଏବେ ତଦନ୍ତ ସାପେକ୍ଷ। ଖୋଦ୍ ସରକାରଙ୍କ ହାତରେ ତଦନ୍ତ ଦାୟିତ୍ୱ ଅଥଚ ବିଭିନ୍ନ କ୍ଷେତ୍ରରେ ତଦନ୍ତରେ ପ୍ରାୟତଃ ବିଳମ୍ବ ହେବାଟା ଆମ ରାଜ୍ୟ ସରକାରଙ୍କ ଗୋଟାଏ ବଦଭ୍ୟାସରେ ପରିଣତ ହୋଇଗଲାଣି । ଯଦି ବା କେବେ ଠିକ୍ ଠାକ୍ ହେଉଛି ତଦନ୍ତ, ତେବେ ତଦନ୍ତ ପରବର୍ତ୍ତୀ ପର୍ଯ୍ୟାୟରେ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନି କି ତଦନ୍ତ ପରେ ସେମିତି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉନି ଯାହାର ପରିଣାମ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଘଟଣା ଅବା ଦୁର୍ଘଟଣାରେ ତଦନ୍ତ ହେଉଛି ବାଟବଣା। ଯେବେ ତଦନ୍ତ ବାଟବଣା ତେବେ ଘଟଣା ଅବା ଦୁର୍ଘଟଣାରେ ଜଡିତ ଅଭିଯୁକ୍ତ ବି ତା'ର ସୁଯୋଗ ନେଇ ସେମାନେ ବି ହୁଅନ୍ତି ବାଟବଣା। ସେମାନେ ବି ଅନେକ ସମୟରେ ଜେଲରୁ ଫେରାର୍ ମାରନ୍ତି ଅବା ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନେ ବି ଶେଷରେ ନିର୍ଦ୍ଦୋଷରେ ଖଲାସ୍ ହୋଇଯାଆନ୍ତି। ଏହିଭଳି ଆମର ବିଧି ବ୍ୟବସ୍ଥା। ଯାହାପାଇଁ ଆମେ ସରକାରଙ୍କୁ ଦାୟୀ କରିପାରିବା। କେବଳ ସରକାରଙ୍କୁ ଦାୟୀ କରାଗଲେ ବି ଚଳିବ ନାହିଁ । ଜନତାଙ୍କ ମଧ୍ୟରେ ସେମିତି ବି ସଚେତନତା ଭାବ ସୃଷ୍ଟି ହେବା ଦରକାର। ନଚେତ୍ ସମାଜରେ ଦୈନନ୍ଦିନ ଜୀବନରେ ହନୁମାନ ପଇସା ଭଳି ସୃଷ୍ଟି ହେଉଥିବ ସମସ୍ୟା । ତେବେ ଏବେ ବଲାଙ୍ଗୀରର ଜନୈକ ହୋଟେଲ୍ ବ୍ୟବସାୟୀଙ୍କୁ ଅପହରଣ ଘଟଣା ପଛର କାରଣ ବି ଅତି ରୋଚକ। ବ୍ୟବସାୟୀଜଣଙ୍କ କାଳେ ହନୁମାନ ପଇସା ବ୍ୟବସାୟ କରନ୍ତି। ପ୍ରାୟ ୪ /୫ ବର୍ଷ ତଳେ ଜିଲ୍ଲାର କେତେକଙ୍କ ଠାରୁ ସେ ଏକାବେଳକେ ନେଇ ଯାଇଥିଲେ ପ୍ରାୟ ତିନିକୋଟି ପର୍ଯ୍ୟନ୍ତ ଟଙ୍କା ଯାହା ବଦଳରେ ଜନୈକ ବ୍ୟବସାୟୀ ଜଣଙ୍କ ସେମାନଙ୍କୁ କିଛି ହନୁମାନ ପଇସା ଦେବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ମାସ ପରେ ମାସ ଅବା ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ଅର୍ଥଦାତାମାନେ କିନ୍ତୁ ସେମାନଙ୍କ ଇପସିତ ବସ୍ତୁ ହନୁମାନ ପଇସା ଏତେ ସହଜରେ ପାଇପାରି ନଥିଲେ । ପରେ ପରେ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଶତ୍ରୁତା ଏବଂ ମଉକା ପାଇ ଅଭିଯୁକ୍ତଦଳ ପ୍ରଥମେ କୌଶଳ ପ୍ରୟୋଗ କରି ବ୍ୟବସାୟୀଙ୍କୁ ରାଜଧାନୀକୁ ଉଠାଇ ଆଣି ପରେ ତାଙ୍କ ଉପରେ ବଳ ପ୍ରୟୋଗ କରି ତାଙ୍କଠାରୁ ଦାବି କରିଥିଲେ ପ୍ରାୟ ଏକକୋଟି ଟଙ୍କା। ଆମ ମତରେ ତାଙ୍କଠାରୁ ଆହୁରି ଅଧିକ ଦାବି କରିବାର ଥିଲା ହେଲେ ସେମାନେ ସେମିତି କିଛି କରି ପାରିନଥିଲେ। ଉତ୍ତମ ମଧ୍ୟମ ଅବଶ୍ୟ ପୁଲାଏ ଦେଇଥିଲେ। ଯେହେତୁ ହନୁମାନ ପଇସା କାରବାରକୁ ନେଇ ସେମିତି କୌଣସି ଆଇନଗତ ପ୍ରାବଧାନ ନାହିଁ, ସେଣୁ ସେହି ଅଭିଯୁକ୍ତମାନେ ଚୋରଭଳି ତାଙ୍କଠାରୁ ବଡ଼ଚୋରକୁ ଧରିନେଇ ସାଧୁଭଳି କିନ୍ତୁ ପୁଣି ପୁଲିସ୍ ଜିମା ଦେଇଦେଲେ। ଏଭଳି ଘଟଣା କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ବି ଘଟୁଛି ଯାହାକୁ ନେଇ ହତ୍ୟା ଏବଂ ଅପହରଣ ଭଳି ଘଟଣା ଘଟିଯାଉଛି ଅଥଚ କେନ୍ଦ୍ର ସରକାର ଏଭଳି ସମ୍ବେଦନଶୀଳ ଘଟଣାରେ ବିଶେଷ କିଛି ଆଇନଗତ ପ୍ରତିବନ୍ଧକ ନ ଲଗାଇବା ଅତି କ୍ଷୋଭର ବିଷୟ।

ଜ୍ଞାନାମୃତ

ରାଜାଙ୍କ ଚିନ୍ତା

ଜଣେ ରାଜା ଥରେ ବିନା କାରଣରେ ତାଙ୍କର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ବି ତାଙ୍କ କଥା ଶୁରିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦକୁ କଠାର ରୁ ଅତି କଠୋର ଦଣ୍ଡରେ ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମାହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧା ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରିଚାଲିଲେ ଧୀରେ ଧୀରେ। ସେମିତି ବି ସମୟ ଆସିଲା ଥରେ ଯେବେ ସେହି ପାରିଷଦ ପୁତ୍ର ସୁଯୋଗ ଦେଖି ରାଜାଙ୍କ ଏକମାତ୍ର ଅଲୀଅଳୀ କନ୍ୟାକୁ ଫୁସୁଲେଇ ଅନ୍ଧାର ରାତିରେ ଗାୟବ କରିଦେଲେ। ରାତି ପାହିଲାରୁ ରାଜ ଦରବାରରେ ଭାଳେଣି ପଡ଼ିଗଲା। ରାଜା ବି ଚିନ୍ତାରେ ପଡ଼ିଗଲେ।

ପ୍ରାଚୀନ ପରମ୍ପରା ଓ ଶିଶୁ ସାହିତ୍ୟ ରଚନା

ଡ. ଅମୂଲ୍ୟ କୁମାର ପଣ୍ଡା

ଶିଶୁ ସାହିତ୍ୟ ହେଉଛି ଶିଶୁମନର ଆନନ୍ଦ, କଳ୍ପନା, ଜ୍ଞାନ ଓ ସ୍ୱପ୍ନର ଏକ ସୁନ୍ଦର ଜଗତ। ଏହା ଶିଶୁଙ୍କୁ କେବଳ ମନୋରଞ୍ଜନ ଦିଏ ନାହିଁ, ବରଂ ତାଙ୍କର ଚରିତ୍ର, ଚିନ୍ତାଧାରା, ଭାଷା, ସୃଜନଶୀଳତା ଓ ମାନବିକତାକୁ ଗଢ଼ି ତୋଳେ। ଏକ ଭଲ ଶିଶୁ ସାହିତ୍ୟ ଶିଶୁଙ୍କୁ ପ୍ରଶ୍ନ କରିବାକୁ, ଚିନ୍ତା କରିବାକୁ, ସ୍ୱପ୍ନ ଦେଖିବାକୁ ଓ ନିଜ ସ୍ୱପ୍ନକୁ ସାକାର କରିବାକୁ ପ୍ରେରଣା ଦିଏ। ଶିଶୁ ମାନଙ୍କ ପାଇଁ ସରଳ ଭାଷାରେ, ସେମାନଙ୍କ ବୟସ ଓ ମାନସିକ ଚାହିଦା ଅନୁଯାୟୀ ରଚିତ ସାହିତ୍ୟକୁ ଶିଶୁ ସାହିତ୍ୟ କୁହାଯାଏ। ଶିଶୁ ସାହିତ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନନ୍ଦ ଦେବା ସହିତ ଜ୍ଞାନ ଓ ମୂଲ୍ୟବୋଧର ବିକାଶ କରିବା। ଶିଶୁ ସାହିତ୍ୟ ଏପରି ହେବା ଆବଶ୍ୟକ, ଯାହା ଶିଶୁଙ୍କୁ ଆକର୍ଷିତ କରିବ, ତାଙ୍କ କଳ୍ପନାକୁ ଉଦ୍ ?ବୁଦ୍ଧ କରିବ ଏବଂ ନୂତନ କିଛି ଜାଣିବା ପାଇଁ ଉତ୍ସାହିତ କରିବ। ଅତ୍ୟଧିକ ଜଟିଳ ଭାଷା, କଠିନ ଧାରଣା ଓ ଭାରୀ ଉପଦେଶ ଶିଶୁ ସାହିତ୍ୟକୁ ଶିଶୁଙ୍କଠାରୁ ଦୂରେଇ ଦିଏ। ତେଣୁ ସରଳତା, ସୁନ୍ଦରତା, ରସ, କଳ୍ପନା ଓ ଶିକ୍ଷା ଏହାର ପ୍ରମୁଖ ବୈଶିଷ୍ଟ୍ୟ। ଶିଶୁ ହେଉଛି ଦେଶ ଓ ଜାତିର ଭବିଷ୍ୟତ। ଶିଶୁମାନଙ୍କର ମନ ନିର୍ମଳ, କୋମଳ ଓ କଳ୍ପନାଶୀଳ। ସେମାନେ ଯାହା ଦେଖନ୍ତି, ଶୁଣନ୍ତି ଓ ପଢ଼ନ୍ତି, ତାହା ସେମାନଙ୍କ ମନରେ ଗଭୀର ପ୍ରଭାବ ପକାଏ। ତେଣୁ ଶିଶୁମାନଙ୍କର ବୟସ, ମାନସିକ ସ୍ତର, ଆଗ୍ରହ ଓ ରୁଚିକୁ ଧ୍ୟାନରେ ରଖି ଯେଉଁ ସାହିତ୍ୟ ରଚନା କରାଯାଏ, ତାହାକୁ ଶିଶୁ ସାହିତ୍ୟ କୁହାଯାଏ। ଏହା କେବଳ ଶିଶୁଙ୍କର ମନୋରଞ୍ଜନର ମାଧ୍ୟମ ନୁହେଁ; ଏହା ଶିଶୁମାନଙ୍କ ଜ୍ଞାନ, କଳ୍ପନାଶକ୍ତି, ନୈତିକତା, ସୃଜନଶୀଳତା ଓ ମାନବିକ ମୂଲ୍ୟବୋଧର ବିକାଶରେ ଏକ ଶକ୍ତିଶାଳୀ ମାଧ୍ୟମ। ଶିଶୁ ସାହିତ୍ୟରେ ଗଳ୍ପ, କବିତା, ଉପନ୍ୟାସ, ନାଟକ, ଜୀବନୀ, ରୂପକଥା, ହାସ୍ୟକଥା, ବିଜ୍ଞାନକଥା, ଲୋକକଥା, ପ୍ରବନ୍ଧ ଓ ଚିତ୍ରକଥା ଆଦି ଅନ୍ତର୍ଭୁକ୍ତ। ଏହା ଶିଶୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବା ସହିତ ତାଙ୍କୁ ଜୀବନ ବିଷୟରେ ଜାଣିବାର ସୁଯୋଗ ଦିଏ। ଶିଶୁ ସାହିତ୍ୟର ପ୍ରଥମ ଉଦ୍ଦେଶ୍ୟ ହେଉଛି ଶିଶୁଙ୍କୁ ଆନନ୍ଦ ଦେବା। ଆନନ୍ଦ ସହିତ ଏହା ତାଙ୍କୁ ନୂତନ ଜ୍ଞାନ ଦିଏ। ପ୍ରକୃତି, ସମାଜ, ଦେଶ, ବିଜ୍ଞାନ ଓ ମାନବ ଜୀବନ ସମ୍ପର୍କରେ ଶିଶୁମାନେ ସାହିତ୍ୟ ମାଧ୍ୟମରେ ଅନେକ କିଛି ଜାଣିପାରନ୍ତି। ଏହା ଶିଶୁ ମାନଙ୍କ ମଧ୍ୟରେ ଭଲ ଚରିତ୍ର ଗଠନରେ ସାହାଯ୍ୟ କରେ। ସତ୍ୟ କହିବା, ଅନ୍ୟକୁ ସମ୍ମାନ କରିବା, ଦୁର୍ବଳଙ୍କୁ ସାହାଯ୍ୟ କରିବା, ପ୍ରକୃତିକୁ ଭଲ ପାଇବା ଓ ଦେଶ ପ୍ରତି ଦାୟିତ୍ୱବୋଧ ରଖିବା ଭଳି ଗୁଣ ସାହିତ୍ୟ ମାଧ୍ୟମରେ ବିକଶିତ ହୋଇପାରେ। ଶିଶୁମାନଙ୍କର ମାନସିକ ବିକାଶରେ ଶିଶୁ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଳ୍ପ ପଢ଼ିବା ସମୟରେ ଶିଶୁ ଚରିତ୍ର, ଘଟଣା ଓ ପରିସ୍ଥିତି ବିଷୟରେ ଚିନ୍ତା କରେ। ଏହା ତାଙ୍କର ଚିନ୍ତନଶକ୍ତି ଓ ବିଶ୍ଳେଷଣ କ୍ଷମତା ବଢ଼ାଏ। କଳ୍ପନାମୂଳକ ଗଳ୍ପ ଶିଶୁଙ୍କ ମନରେ ନୂତନ ଚିତ୍ର ସୃଷ୍ଟି କରେ। କବିତା ତାଙ୍କର ଭାଷା ଓ ଭାବନାକୁ ସମୃଦ୍ଧ କରେ। ନୀତିକଥା ତାଙ୍କୁ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବାରେ ସହାୟତା କରେ। ବିଜ୍ଞାନ ଗଳ୍ପ ତାଙ୍କ ମଧ୍ୟରେ ପ୍ରଶ୍ନ କରିବା ଓ ଉତ୍ତର ଖୋଜିବାର ଆଗ୍ରହ ବଢ଼ାଏ।

ଶିଶୁ ସାହିତ୍ୟର ମୂଳ ଆମର ପ୍ରାଚୀନ ଲୋକ ପରମ୍ପରାରେ ଦେଖିବାକୁ ମିଳେ। ଆମ ଜେଜେବାପା, ଜେଜେମା, ଆଈ ଓ ମାଆମାନେ ଶିଶୁମାନଙ୍କୁ ବିଭିନ୍ନ ଲୋକକଥା, ପୌରାଣିକ କାହାଣୀ, ନୀତିକଥା ଓ ରୂପକଥା କହୁଥିଲେ। ଏହି ମୌଖିକ ପରମ୍ପରା ଶିଶୁ ସାହିତ୍ୟର ଏକ ପ୍ରାଚୀନ ଭିତ୍ତି। ପଞ୍ଚତନ୍ତ୍ର, ହିତୋପଦେଶ, ଜାତକ କଥା ଆଦିରେ ଶିଶୁମାନଙ୍କ ଉପଯୋଗୀ ଅନେକ ନୀତିକଥା ମିଳିଥାଏ। ପଶୁପକ୍ଷୀଙ୍କୁ ଚରିତ୍ର କରି ରଚିତ କାହାଣୀ ମାଧ୍ୟମରେ ସତ୍ୟ, ନ୍ୟାୟ, ବୁଦ୍ଧି, ସାହସ ଓ ସତର୍କତା ଭଳି ଗୁଣର ଶିକ୍ଷା ଦିଆଯାଇଛି। ଆଧୁନିକ ଯୁଗରେ ମୁଦ୍ରଣ ବ୍ୟବସ୍ଥାର ବିକାଶ ସହିତ ଶିଶୁମାନଙ୍କ ପାଇଁ ପୃଥକ ପୁସ୍ତକ, ପତ୍ରିକା ଓ ଶିକ୍ଷାମୂଳକ ରଚନା ପ୍ରକାଶ ପାଇବା ଆରମ୍ଭ ହେଲା। ଓଡ଼ିଆ ଭାଷାରେ ମଧ୍ୟ କ୍ରମେ ଶିଶୁ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ଗଢ଼ିଉଠିଲା। ଓଡ଼ିଆ ଶିଶୁ ସାହିତ୍ୟର ଇତିହାସ ଗୌରବମୟ। ଓଡ଼ିଆ ଭାଷାର ଅନେକ ସାହିତ୍ୟିକ ଶିଶୁମାନଙ୍କ ପାଇଁ ସୁନ୍ଦର ଗଳ୍ପ, କବିତା, ଛନ୍ଦ, ନୀତିକଥା ଓ ଶିକ୍ଷାମୂଳକ ରଚନା ସୃଷ୍ଟି କରିଛନ୍ତି। ଓଡ଼ିଆ ଶିଶୁ ସାହିତ୍ୟର ବିକାଶରେ ଫକୀରମୋହନ ସେନାପତି, ନନ୍ଦକିଶୋର ବଳ, ଗୋଦାବରୀଶ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାପାତ୍ର, ନୀଳକଣ୍ଠ ଦାସ ଆଦି ସାହିତ୍ୟିକଙ୍କ ଅବଦାନ ସ୍ମରଣୀୟ। ପରବର୍ତ୍ତୀ କାଳରେ ଅନେକ ଲେଖକ ଶିଶୁମାନଙ୍କ ପାଇଁ ନୂତନ ଧାରାର ଗଳ୍ପ, କବିତା, ବିଜ୍ଞାନ ରଚନା ଓ ଉପନ୍ୟାସ ଲେଖିଛନ୍ତି। ଶିଶୁମାନଙ୍କ ପାଇଁ ପ୍ରକାଶିତ ବିଭିନ୍ନ ପତ୍ରିକା ମଧ୍ୟ ଓଡ଼ିଆ ଶିଶୁ ସାହିତ୍ୟକୁ ଲୋକପ୍ରିୟ କରିଛି। ପତ୍ରିକାଗୁଡ଼ିକରେ ଗଳ୍ପ, କବିତା, ଧାଡ଼ିପ୍ରଶ୍ନ, ବିଜ୍ଞାନ ତଥ୍ୟ, ଚିତ୍ର, ଜୀବନୀ ଓ ଜ୍ଞାନବର୍ଦ୍ଧକ ବିଷୟ ପ୍ରକାଶ ପାଏ।

ଶିଶୁ ସାହିତ୍ୟରେ ବିଭିନ୍ନ ପ୍ରକାର ରୂପକୁ ନେଇ ଗଠିତ। ଯେପରି ଗଳ୍ପ ହେଉଛି ଶିଶୁ ସାହିତ୍ୟର ସବୁଠାରୁ ଲୋକପ୍ରିୟ ଅଂଶ। ଶିଶୁମାନେ ଗଳ୍ପ ଶୁଣିବା ଓ ପଢ଼ିବାକୁ ଭଲ ପାଆନ୍ତି। ରାଜା-ରାଣୀ, ପଶୁପକ୍ଷୀ, ଜଙ୍ଗଲ, ଅଦ୍ଭୁତ ଘଟଣା, ବୀରତା ଓ ବୁଦ୍ଧିମତାକୁ ନେଇ ଗଳ୍ପ ଶିଶୁମାନଙ୍କ କଳ୍ପନାଶକ୍ତିକୁ ବଢ଼ାଏ। ଠିକ୍ ସେହିପରି ଶିଶୁ କବିତାରେ ଛନ୍ଦ, ତାଳ, ଧ୍ୱନି ଓ ସରଳ ଭାଷାର ବ୍ୟବହାର ହୋଇଥାଏ। ପ୍ରକୃତି, ପକ୍ଷୀ, ଫୁଲ, ନଦୀ, ପାହାଡ଼, ମାଆ, ବାପା, ଦେଶ ଓ ମାନବିକତା ଆଦି ବିଷୟ ଶିଶୁ କବିତାରେ ସ୍ଥାନ ପାଇଥାଏ। କବିତା ଶିଶୁଙ୍କ ଭାଷାଜ୍ଞାନ ଓ ସୃଜନଶୀଳତା ବୃଦ୍ଧି କରେ। ଏହାଛଡ଼ା ରୂପକଥା ଶିଶୁମାନଙ୍କ କଳ୍ପନାର ଜଗତକୁ ବିସ୍ତାର କରେ। ରାଜକୁମାର, ରାଜକୁମାରୀ, ଜାଦୁ, ପରୀ, କଥା କହୁଥିବା ପଶୁପକ୍ଷୀ ଓ ଅଦ୍ଭୁତ ଘଟଣା ଆଦି ରୂପକଥାର ବିଶେଷ ଆକର୍ଷଣ। ଏଥି ସହ ନୀତିକଥା ମାଧ୍ୟମରେ ଶିଶୁମାନେ ସତ୍ୟବାଦିତା, ପରୋପକାର, ସାହସ, ଧୈର୍ଯ୍ୟ, ଶୃଙ୍ଖଳା ଓ ନ୍ୟାୟର ଶିକ୍ଷା ପାଆନ୍ତି। ଉପଦେଶ ଦେବା ପରିବର୍ତ୍ତେ ଗଳ୍ପ ମାଧ୍ୟମରେ ଶିକ୍ଷା ଦିଆଯାଇଥିବାରୁ ଏହା ଶିଶୁଙ୍କ ମନରେ ସହଜରେ ରହିଯାଏ। ଆଧୁନିକ ଯୁଗରେ ଶିଶୁ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଶାଖା ହେଉଛି ବିଜ୍ଞାନ ସାହିତ୍ୟ। ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ପଶୁପକ୍ଷୀ, ପରିବେଶ, ମାନବ ଶରୀର ଓ ପ୍ରଯୁକ୍ତି ବିଷୟରେ ସରଳ ଭାଷାରେ ଲେଖାଯାଇଥିବା ରଚନା ଶିଶୁଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ। ନାଟକ ମାଧ୍ୟମରେ ଶିଶୁମାନେ ଏକାସାଙ୍ଗେ ଶିଖିବା ଓ ଅଭିନୟ କରିବାର ସୁଯୋଗ ପାଆନ୍ତି। ଏହା ତାଙ୍କର ଆତ୍ମବିଶ୍ୱାସ, ଉଚ୍ଚାରଣ, ଦଳଗତ ମନୋଭାବ ଓ ସୃଜନଶୀଳତା ବଢ଼ାଏ। ମହାନ ବ୍ୟକ୍ତିମାନଙ୍କ ଜୀବନୀ ଶିଶୁଙ୍କ ପାଇଁ ପ୍ରେରଣାର ଉତ୍ସ। ସ୍ୱାଧୀନତା ସଂଗ୍ରାମୀ, ବୈଜ୍ଞାନିକ, ଶିକ୍ଷାବିତ୍, ସାହିତ୍ୟିକ, କ୍ରୀଡ଼ାବିତ୍ ଓ ସମାଜସେବୀଙ୍କ ଜୀବନର ସଂଘର୍ଷ ଓ ସଫଳତା ବିଷୟରେ ପଢ଼ି ଶିଶୁମାନେ ପରିଶ୍ରମ ଓ ଦୃଢ଼ତାର ମହତ୍ତ୍ୱ ବୁଝିପାରନ୍ତି।

ଶିଶୁମାନଙ୍କ ଚରିତ୍ର ଗଠନରେ ନୈତିକ ଶିକ୍ଷାର ଭୂମିକା ବହୁତ ବଡ଼। କିନ୍ତୁ କେବଳ ଉପଦେଶ ଦେଇ ଶିଶୁଙ୍କୁ ନୈତିକତା ଶିଖାଇବା ସବୁବେଳେ ସହଜ ନୁହେଁ। ଗଳ୍ପ ମାଧ୍ୟମରେ ଏହି ଶିକ୍ଷା ଦେଲେ ତାହା ଅଧିକ ପ୍ରଭାବଶାଳୀ ହୁଏ। ଜଣେ ସତ୍ୟବାଦୀ ଚରିତ୍ରର ସଫଳତା, ଜଣେ ସାହସୀ ଚରିତ୍ରର ସଂଘର୍ଷ କିମ୍ବା ଜଣେ ସ୍ୱାର୍ଥପର ଚରିତ୍ରର ଭୁଲରୁ ଶିଶୁ ନିଜେ ଶିକ୍ଷା ଗ୍ରହଣ କରିପାରେ। ଏହି କାରଣରୁ ଶିଶୁ ସାହିତ୍ୟ ନୈତିକ ଶିକ୍ଷାର ଏକ ସୁନ୍ଦର ମାଧ୍ୟମ। ଶିଶୁମାନେ ନିୟମିତ ଭାବରେ ଭଲ ସାହିତ୍ୟ ପଢ଼ିଲେ ତାଙ୍କର ଶବ୍ଦଭଣ୍ଡାର ବଢ଼େ। ସେମାନେ ନୂତନ ଶବ୍ଦ, ବାକ୍ୟ ଗଠନ ଓ ଭାଷାର ସୌନ୍ଦର୍ଯ୍ୟ ଶିଖନ୍ତି। କବିତା ଓ ଗଳ୍ପ ପଢ଼ିବା ଦ୍ୱାରା ଶିଶୁମାନେ ସୁନ୍ଦର ଭାବରେ କଥା କହିବା ଓ ଲେ

ଆକାଶ ଏଜୁକେଶନ ପକ୍ଷରୁ ଆନ୍ୟୁ ୨୦୨୬ ଉନ୍ମୋଚିତ

ଭୁବନେଶ୍ୱର (ବ୍ୟୁରୋ) : ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ପକ୍ଷରୁ ଆକାଶ ନ୍ୟାଶନାଲଟାଲେଂଟ ହଂଟ ଏଗ୍‌ଜାମ, ଆନ୍ୟୁ ୨୦୨୬ ଉନ୍ମୋଚିତ ହୋଇଛି । ଏହାର ଆରମ୍ଭ ପରଠାରୁ ୧କୋଟିରୁ ଅଧିକ ଛାତ୍ରଛାତ୍ରୀ ଆନ୍ୟୁ ପାଇଁ ପଞ୍ଜୀକରଣ କରିଥିବା ବେଳେ ଏହି ପରୀକ୍ଷା ଭାରତରଅନ୍ୟତମ ସର୍ବବୃହତ ଓ ଦୀର୍ଘତମ ଷ୍ଟୁଡେଂଟ ଆସେସମେଂଟ ପ୍ଲାଟଫର୍ମରେ ପରିଣତ ହୋଇଛି । ଆନ୍ୟୁ୨୦୨୬ ପାଇଁ ପଞ୍ଜୀକରଣ ଏବେ ଅଫିସିଆଲ ଆନ୍ୟୁ ପୋର୍ଟାଲ ଏବଂ ଦେଶବ୍ୟାପୀ ଆକାଶସେଂଟରଗୁଡିକ ମାଧ୍ୟମରେ ଖୋଲା ରହିଛି । ଅନ୍‌ଲାଇନ ପରୀକ୍ଷା ଆସନ୍ତା ଅକ୍ଟୋବର ୨୬ ତାରିଖରୁନଭେମ୍ବର ୧ ତାରିଖ ୨୦୨୬ ପର୍ଯ୍ୟନ୍ତ ପରିଚାଳିତ ହେବ, ସେହିପରି ଅଫ୍‌ଲାଇନ ପରୀକ୍ଷା ଆସନ୍ତା ଅକ୍ଟୋବର୧୧ ଓ ୨୫ ତାରିଖ ଏବଂ ନଭେମ୍ବର ୧ ତାରିଖ ୨୦୨୬ରେ ଅନୁଷ୍ଠିତ ହେବ ।ଆନ୍ୟୁର ମହତ୍ୱ ସମ୍ପର୍କରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ)ର ଏମ୍‌ଡି ଓ ସିଇଓ,ଚନ୍ଦ୍ର ଶେଖର ଗରିସା ରେଡ୍ଡୀ

କହିଛନ୍ତି, "ଆମ ପାଇଁ ଆନ୍ୟୁ କେବେ ବି କେବଳ ଏକ ପରୀକ୍ଷା ନଥିଲାଯାହା ଜଣେ ଛାତ୍ରଙ୍କ ବୃତି ନିର୍ଦ୍ଧାରିତ କରିଥାଏ । ଏହାର ବୃହତ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁଏଭଳି ଏକ ପର୍ଯ୍ୟାୟରେ ସେମାନଙ୍କର ନିଜସ୍ୱ ଶିକ୍ଷାଗତ କ୍ଷମତା ବୁଝିବାରେ ସାହାଯ୍ୟ କରିବା, ଯେତେବେଳେସଠିକ ମାର୍ଗଦର୍ଶନ ଏକ ଅର୍ଥପୂର୍ଣ୍ଣ ପାର୍ଥକ୍ୟ ସୃଷ୍ଟି କରିପାରିଥାଏ । ଗତ ୧୬ ବର୍ଷ ମଧ୍ୟରେ ୧କୋଟିରୁ ଅଧିକ ଛାତ୍ରଛାତ୍ରୀ ନିଜକୁ ମାପିବା ଏବଂ ସେମାନଙ୍କର ସ୍ଥିତି କ'ଣ ତାହାକୁ ବୁଝିବାପାଇଁ ଆନ୍ୟୁକୁ ଏକ ସୁଯୋଗ ଭାବେ ବିଶ୍ୱାସ କରିଆସିଛନ୍ତି । ଯାହା ଏହି ପରୀକ୍ଷାକୁ ଅଧିକମୂଲ୍ୟବାନ କରୁଛି ତାହା ହେଉଛି ଅନ୍ତର୍ଦୃଷ୍ଟିର ଗଭୀରତା, ଯାହା କେବଳ ଜଣେ ଛାତ୍ର କେତେ ମାର୍କରଖିଛନ୍ତି ତାହା ନୁହେଁ ବରଂ ସେହି ପ୍ରଦର୍ଶନ ତାଙ୍କୁ ନିଜର ଶକ୍ତି, ପ୍ରସ୍ତୁତି ଓ ସେମାନଙ୍କର ଅଧିକ ପ୍ରୟାସଆବଶ୍ୟକ କରୁଥିବା କ୍ଷେତ୍ରଗୁଡିକ ସମ୍ପର୍କରେ କ'ଣ କହୁଛି ସେସମ୍ପର୍କିତ ତଥ୍ୟ ପ୍ରଦାନ କରିଥାଏ ।ଆମେ ଚାହୁଁଛୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଆନ୍ୟୁରୁ ନିଜର ଶିକ୍ଷାଗତ ଯାତ୍ରା ସମ୍ପର୍କରେ ଅଧିକସ୍ପଷ୍ଟତା ଏବଂ ଭବିଷ୍ୟତ ଦିଗରେ ଏକ ସୂଚିତ ମାର୍ଗ ହାସଲ କରନ୍ତୁ ।"

ବହୁଚର୍ଚ୍ଚିତ ଦଶମ ଶ୍ରେଣୀ ଛାତ୍ର ହତ୍ୟା ମାମଲା, ୧୮ ଦିନ ଭିତରେ ଚାର୍ଜସିଟ ଦାଖଲ କଲା ପୋଲିସ

ଜୟପୁର (ଅମୃତ ମିଡିଆ) : ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ଠାରେ ଦଶମ ଶ୍ରେଣି ଛାତ୍ର ମହେଶ ବାଘ ହତ୍ୟା ମାମଲାର ପ୍ରଦାଫାସ କରି ୧୮ ଦିନ ଭିତରେ ଚାର୍ଜ ସିଟ ଦଖଲ କରିଛି ପୋଲିସ । କୋରାପୁଟ ଜିଲ୍ଲା ରେ ଚାହଲ ସୃଷ୍ଟି କରିଥିବା ବାରିଣୀପୁଟ ଅଞ୍ଚଳର ଜଣେ ୧୫ ବର୍ଷୀୟ ସ୍କୁଲ ଛାତ୍ରଙ୍କ ହତ୍ୟାକାଣ୍ଡ ମାମଲାରେ ପୋଲିସ ମାତ୍ର ୧୮ ଦିନ ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । ୧୮ ଦିନ ଭିତରେ ଅଭିଯୁକ୍ତକୁ ଗିରଫ କାରି ଚାର୍ଜସିଟ ଦଖଲ କରିବା ଘଟଣା ଜିଲ୍ଲାରେ ପଥମ ଘଟଣା ବୋଲି କୁହାଯାଉଛି । ସଦର ଥାନା ମାମଲା ୨୪୩/୨୦୨୬ର ଚାର୍ଜସିଟ ଦଖଲ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗୋଟିଏ ୧୮ ବର୍ଷର ଯୁବକ ଓ ଜଣେ ନାବାଳକ ମିଶି ଉକ୍ତ ସ୍କୁଲ ଛାତ୍ରଙ୍କୁ ଛୁରାମାଡ଼ କରି ହତ୍ୟା କରିଥିଲେ । ମାମଲା ରୁଜୁ ହେବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ପୋଲିସ ତୁରନ୍ତ ପଦକ୍ଷେପ ନେଇ ଦୁଇ ଅଭିଯୁକ୍ତକୁ ଗିରଫ କରିଥିଲା । ଏହି ମାମଲାର ତଦନ୍ତ ଅଧିକାରୀ ସବ୍-ଇନ୍‌ସପେକ୍ଟର ଅମିୟ ରଞ୍ଜନ ସାଗରିଆ ଦାୟିତ୍ୱ ତୁଲାଉଥିବା ବେଳେ ସଦର ଆଇଆଇସି ଏବଂ ଏସଡିପିଓଙ୍କ ପ୍ରତ୍ୟକ୍ଷ ତଦାରଖରେ ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଥିଲା । ମାନବିକତା ପାଇଁ 'ଗୁଡ୍ ସାମାରିଟାନ୍' ସମ୍ମାନ ହତ୍ୟାକାଣ୍ଡ ପରେ ଗୁରୁତର ଆହତ ବାଳକଟିକୁ ବାରିଣୀପୁଟ ଅଞ୍ଚଳର ଦୁଇ ଜଣ ସଚେତନ ନାଗରିକ— ଅମିତ ଭତ୍ତା ଏବଂ ପବିତ୍ର ଭତ୍ତା ବିନା ବିଳମ୍ବରେ ଘଟଣାସ୍ଥଳରୁ ଉଦ୍ଧାର କରି ହସ୍ପିଟାଲ ପହଞ୍ଚାଇଥିଲେ । ସେମାନଙ୍କର ଏହି ସାହସିକତା ଓ ମାନବିକତା ପାଇଁ ଗତ ସ୍ୱାଧୀନତା ଦିବସ ପରେଡ୍ ଅବସରରେ ଦୁହିଁଙ୍କୁ ଉତ୍ତମ ନାଗରିକ ଭାବେ ଆନୁଷ୍ଠାନିକ ଭାବେ ସମ୍ମାନିତ କରାଯାଇଛି । ସାଇବର ଓ ଫୋରେନ୍ସିକ୍‌ରୁ ମିଳିଥିବା ପ୍ରମାଣ ଛୁରୀ ଜବତ: ଘଟଣାସ୍ଥଳରୁ ରକ୍ତଭିଜା ଛୁରୀ ଜବତ କରାଯାଇ ଅଧିକ ଫୋରେନ୍ସିକ୍ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଏସଏଫଏସଏଲ୍‌କୁ ପଠାଯାଇଥିଲା। ଅଭିଯୁକ୍ତମାନେ ହତ୍ୟାରେ ବ୍ୟବହୃତ ଛୁରୀଟିକୁ ନିଜ ପ୍ଲାଟଫର୍ମରୁ କିଣିଥିବା ନେଇ କମ୍ପାନୀ ସ୍ପଷ୍ଟ କରିଛି । ସାକ୍ଷୀଙ୍କ ବୟାନ: ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ବିଏନ୍‌ଏସ୍‌ଏସ୍‌ର ଧାରା ୧୮୦ ଅନୁସାରେ ପୋଲିସ ଏବଂ ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ କରାଯାଇଛି । ଏଭଳି ସମ୍ବେଦନଶୀଳ ହତ୍ୟାକାଣ୍ଡର ମାତ୍ର ୧୮ ଦିନ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦାଖଲ କରିଥିବାରୁ ଜୟପୁର ସଦର ପୋଲିସର ଏହି ନିଷ୍ପାପର କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି । ହତ୍ୟା ମାମଲାରେ ବାରିଣିପୁଟର ଯୁକ୍ତ ଦୁଇ ଛାତ୍ର ଅବତାବ ହିଆଲ (୧୮) କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଏକ ନାବାଳକ (୧୪) ଅଭିଯୁକ୍ତକୁ ଜୁଭେଲାଇନ ଜଷ୍ଟିସ ବୋର୍ଡଙ୍କ ନିକଟରେ ହାଜର କରାଯାଇଥିଲା । ପୋଲିସ ସୂତ୍ରନା ଅନୁଯାଇ ଗତ ୩୧ ତାରିଖ କେ ମଧ୍ୟାହ୍ନ ଭୋଜନ ଛୁଟି ସମୟରେ ମହେଶ ବାଘଙ୍କ ସହ ୫ ଜଣ ବିସ୍ଫୁଟ କିଣିବାକୁ ବାହାରିଥିଲେ । ନାବାଳକ ଅଭିଯୁକ୍ତ ମଧ୍ୟ ଉକ୍ତ ବିଦ୍ୟାଳୟରେ ୯ ମ ଶ୍ରେଣି ପଢୁଛନ୍ତି । ନାବାଳକ ଅଭିଯୁକ୍ତ ସହ ତାଙ୍କ ଶ୍ରେଣିର ଅନ୍ୟ ସହପାଠୀ ଛାତ୍ର ସହ ବିବାଦ ରହିଥିଲା । ଉକ୍ତ ଛାତ୍ର ମଧ୍ୟ ମୃତ ମହେଶଙ୍କ ସହ ଥିବା ୫ ଜଣ ଙ୍କ ମଧ୍ୟରୁ ସେ ଥିଲେ । ବିଦ୍ୟାଳୟ ବାହାରେ ଛାତ୍ର ଓ ଅଣ ଛାତ୍ରଙ୍କ ଭିତରେ ବଚଶା ହୋଇଥିଲା । ଅଭିଯୁକ୍ତ ନାବାଳକ ଜଣକ ତାଙ୍କ ବଡ ଭାଇ କୁ ଖବର ଦେଲେ । ଅଭିଯୁକ୍ତ ବଡ ଭାଇ ଏକ ଛୁରି ଆଣି ଉକ୍ତ ନବମ ଶ୍ରେଣି ଛାତ୍ରକୁ ଆକ୍ରମଣ କରୁଥିବା ବେଳେ ମୃତ ମହେଶ ମଧସ୍ଥି କରିଥିଲେ । ଅନ୍ୟ ଗୋଷ୍ଠିର ୨ ଜଣ ଭିତରୁ ଜଣେ ତାଙ୍କୁ କାବୁ କରିଥିଲେ । ଅନ୍ୟ ଜଣେ ଯୁବକ ତାଙ୍କ ପେଟକୁ ଛୁରିରେ ଆକ୍ରମଣ କରିଥିଲେ । ଗୁରୁ ତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଜୟପୁର ସଦର ପୋଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସାଇଣ୍ଟିଫିଟ ଟିମ ସହ ପୋଲିସ ତଦନ୍ତ କରିଥିଲା । ହତ୍ୟାରେ ବ୍ୟବହୃତ ଛୁରିକୁ ମଧ ଜବତ କରିଛି ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍‌ର ଆଞ୍ଚଳିକ ପରାମର୍ଶ ବୈଠକ

ଯାଜପୁର (ଅମୃତ ମିଡିଆ) : ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍, ଓଡ଼ିଶାର ଯୌଥ ଆନୁକୂଲ୍ୟରେ ଓଡ଼ିଶାରେ ପରିବାରଭିତ୍ତିକ ଯତ୍ନ ଏବଂ ଶିଶୁମାନଙ୍କ ପରିବାରଠାରୁ ବିଚ୍ଛିନ୍ନତା ନିବାରଣ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସ୍ତରୀୟ ପରାମର୍ଶ ବୈଠକ ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ସହ ସେମାନଙ୍କୁ ଆଶ୍ରମ କିମ୍ବା ଅନୁଷ୍ଠାନ ଅପେକ୍ଷା ନିଜ ପରିବାର ଓ ସାମାଜିକ ପରିବେଶ ମଧ୍ୟରେ ସୁରକ୍ଷିତ ଭାବେ ବଢ଼ିବାର ସୁଯୋଗ ସୃଷ୍ଟି କରିବା ।ଏହି ସନ୍ନିଳନୀରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ରୋ , ସଦସ୍ୟା ମନସ୍ୱିତା ଖୁଣ୍ଟିଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଲିପି ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାଏକ ଏବଂ ୟୁନିସେଫ୍ ପ୍ରତିନିଧି ଘାସିରାମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଉକ୍ତ ବୈଠକରେ ଯୋଗଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର କହିଲେ ଶିଶୁର ସର୍ବାଙ୍ଗୀନ ବିକାଶ ଓ ମାନସିକ ସୁରକ୍ଷା ପାଇଁ ଗୋଟିଏ ପରିବାରର ସ୍ନେହ ଓ ଶ୍ରଦ୍ଧା ଅପରିହାର୍ଯ୍ୟ । କୌଣସି ଅନାଥ ଆଶ୍ରମ କିମ୍ବା ଅନୁଷ୍ଠାନ ଗୋଟିଏ ପରିବାରର ବିକଳ୍ପ ହୋଇପାରିବ

ନାହିଁ। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି କୌଣସି ବି ଶିଶୁ ଯେପରି ଗରିବୀ, ଆର୍ଥିକ ଅଭାବ କିମ୍ବା ସାମାଜିକ ସମସ୍ୟା ଯୋଗୁଁ ନିଜ ପରିବାରଠାରୁ ବିଚ୍ଛିନ୍ନ ନ ହୁଅନ୍ତି। ଫୋଷ୍ଟର କେୟାର ଏବଂ ପୃଷ୍ଠପୋଷାକତା ସହାୟତା ମାଧ୍ୟମରେ ପ୍ରତ୍ୟେକ ବିପନ୍ନ ଶିଶୁଙ୍କୁ ପରିବାର ପରିବେଶ ମଧ୍ୟରେ ବଢ଼ିବାର ସୁଯୋଗ ଯୋଗାଇ ଦିଆଯିବ ।ଉକ୍ତ ବୈଠକରେ ଯୋଗଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଶ୍ରୀମତୀ ଖୁଣ୍ଟିଆ କହିଲେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବାକୁ ହେବ। ଗ୍ରାମାଞ୍ଚଳରେ ଥିବା ଶିଶୁ ସୁରକ୍ଷା କମିଟିଗୁଡ଼ିକୁ ସକ୍ରିୟ କରାଯିବା ସହ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଏବଂ ବାଲ୍ୟବିବାହ ଭଳି କୁପ୍ରଥା ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ପରିବାର ହେଉଛି ଶିଶୁ ସୁରକ୍ଷା ଓ ବିକାଶ ର ମୁଖ୍ୟ କେନ୍ଦ୍ରବିନ୍ଦୁ ୪ଟି ଜିଲ୍ଲାର କର୍ମକର୍ତ୍ତାମାନେ ସମନ୍ୱୟ ରକ୍ଷି କାର୍ଯ୍ୟ କଲେ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ସମାଜ ଗଢ଼ାଯାଇପାରିବ ।ଉକ୍ତ ବୈଠକରେ ଯୋଗଦେଇ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଲିପା ମହାନ୍ତି କହିଲେ ଆଇନଗତ ସୁରକ୍ଷା ଓ ଅଧିକାର ପାଇବାରେ କୌଣସି ବି ଶିଶୁ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଦାସର୍ବଦା ପ୍ରସ୍ତୁତ ରହିଛି । ଅନେକ ସମୟରେ ପାରିବାରିକ ଆର୍ଥିକ ଅନାଟନ, ସାମାଜିକ ସଂକଟ କିମ୍ବା ଶୋଷଣର ଶିକାର ହୋଇ ଶିଶୁମାନେ ନିଜ ପରିବାରଠାରୁ ଅଲଗା ହୋଇଯାଆନ୍ତି । ଏହିଭଳି ସଂକଟାପନ୍ନ ସ୍ଥିତିରେ ଥିବା ଶିଶୁ ଓ ସେମାନଙ୍କ ପରିବାରକୁ ତୁରନ୍ତ ମାଗଣା ଆଇନଗତ ସହାୟତା, ଆଇନଗତ ପରାମର୍ଶ ଏବଂ ନ୍ୟାୟ ଯୋଗାଇଦେବା ଆମର ପ୍ରାଥମିକ ଦାୟିତ୍ୱ । ଏହାଛଡ଼ା, ବାଲ୍ୟବିବାହ, ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ଭଳି ଅପରାଧ ରୋକିବା ପାଇଁ ସମାଜର ତୃଣମୂଳ ସ୍ତରରେ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି । ଉକ୍ତ ବୈଠକରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ କହିଲେ ଯାଜପୁର ଜିଲ୍ଲାରେ ଏହି ଆଞ୍ଚଳିକ ବୈଠକ ଆୟୋଜିତ ହୋଇଥିବାରୁ ଆମେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ୟୁନିସେଫ୍ ?କୁ ଧନ୍ୟବାଦ ଜଣାଉଛୁ । ଜିଲ୍ଲା ପ୍ରଶାସନ ଶିଶୁମାନଙ୍କ ସୁରକ୍ଷା ଓ ଅଧିକାର ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ପରିବାର ସଶକ୍ତିକରଣ ଏବଂ ସୁଦୃଢ଼ୀକରଣ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ବିଭିନ୍ନ ଯୋଜନାରେ ପରିବାରକୁ ଅନ୍ତର୍ଭୁକ୍ତ କଲେ ଯାଇ ଶିଶୁ ସୁରକ୍ଷା ସୁନିଶ୍ଚିତ କରିପାରିବା. ଶିଶୁ ସୁରକ୍ଷା ଯୋଜନାଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଅଧିକ କ୍ରିୟାଶୀଳ କରାଯିବ। ଉକ୍ତ ବୈଠକରେ ଯୋଗଦେଇ ୟୁନିସେଫ୍ ପ୍ରତିନିଧି ଘାସିରାମ ପଣ୍ଡା କହିଲେ ଶିଶୁମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ୟୁନିସେଫ୍ ସବୁବେଳେ ରାଜ୍ୟ ସରକାର ଓ ଆୟୋଗଙ୍କ ସହ ମିଶି କାର୍ଯ୍ୟ କରିଆସୁଛି । ଆମର ପ୍ରାଥମିକତା ହେଉଛି ଶିଶୁମାନଙ୍କୁ ଅନୁଷ୍ଠାନଗତ ଯତ୍ନରୁ ମୁକ୍ତ କରି ପାରିବାରିକ ଯତ୍ନ ମଧ୍ୟରେ ଆଣିବା। ବୈଠକରେ ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ—ଏହି ୪ଟି ଜିଲ୍ଲାରୁ ଆସିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର କର୍ମକର୍ତ୍ତା, ଶିଶୁ ମଙ୍ଗଳ କମିଟି ର ସଦସ୍ୟ ଏବଂ ଆଇନ ବିଶେଷଜ୍ଞମାନେ ବ୍ୟାପକ ଆଲୋଚନାରେ ଭାଗ ନେଇଥିଲେ ।

ଦଳଭର୍ତ୍ତି ଜଳ ନିଷ୍କାସନରେ ସାଜିଛି ବାଧକ

ଏକର ଏକର ଚାଷଜମି ଜଳମଗ୍ନ

ରଘୁନାଥପୁର (ଅମୃତ ମିଡିଆ) : ଜଗତସିଂହପୁର ଜଳ ନିଷ୍କାସନ ବିଭାଜନ ଅଧିନରେ ଥିବା ରଘୁନାଥପୁର ବ୍ଲକର ଖରିପଡିଆ ଠାରୁ ପାଟେଣିଗାଁ ସଫେଇଟି ଅନାବନା ଘାସ ଓ ଜଳପୂର୍ଣ୍ଣ ଥିବାରୁ ଏଥିରେ ଜଳ ନିଷ୍କାସନ ହୋଇ ପାରୁନାହିଁ। ଫଳରେ ପୁରଣ ଓଡ଼ପଡ଼ା, ଗୋପାଳପୁର, ଖରିପଡିଆ,କୂଳସାହି,ଅରଙ୍ଗ,ପାଟେଣୀଗାଁ ଆଦି ଗ୍ରାମର ଶହ ଶହ ଏକର ଚାଷଜମିରୁ ଜଳ ନିଷ୍କାସନ ହୋଇନପାରି ଚାଷ କାର୍ଯ୍ୟରେ ବାଧା ଦେଖାଯାଇଛି । ଧାନଚାଷର ରୁଆ ସମୟ ଅବଧି ସରି ଆସୁଥିବାରୁ ଉକ୍ତ ଗ୍ରାମର ଅନେକ ଚାଷୀ ଜଳମଗ୍ନ ଧାନ ଜମିରେ ଡଳି ରୋଇ ନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି।

ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ବିଭାଗ ଦ୍ୱାରା ଏହି ସଫେଇର ମରାମତି କାର୍ଯ୍ୟ ସହ ଦଳସଫା କାର୍ଯ୍ୟ ସମ୍ପନ୍ନ ହୋଇ ଆସୁଥିବା ବେଳେ ଚଳିତବର୍ଷ ଏହା ହୋଇ ନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ର ବାତାବରଣ ଦେଖାଯିବା ସହ ବିଭିନ୍ନ ଭିନ୍ନ ସମାଲୋଚନା ଶୁଣିବାକୁ ମିଳୁଛି । କିଏ ଏଥି ପାଇଁ ବିଭାଗକୁ ଦାୟୀ କରୁଥିବା ବେଳେ ଅନ୍ୟ କେହି ବିଜେପି ସରକାରକୁ ଦାୟି କରୁଥିବା ଦେଖାଯାଇଛି । ତେବେ ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଖୁବ୍ ଶୀଘ୍ର ଏହି ସଫେଇର କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯିବ ବୋଲି କହିଛନ୍ତି । ଧାନଚାଷର ସମୟ ଅବଧି ସରି ଆସୁଥିବାରୁ ସଫେଇ କାର୍ଯ୍ୟ କେବଳ ଯନ୍ତ୍ରୀ ଓ ଠିକାଦାରଙ୍କୁ କଣ ମାଲେମାଲ କରିବାକୁ କରାଯିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇଛି ।

ଦିର୍ଘଦିନଧରି ନାହାଁନ୍ତି ଅତିରିକ୍ତ ତହସିଲଦାର

ହିନସ୍ତା ସାଧାରଣ ଜନତା

ରଘୁନାଥପୁର (ଅମୃତ ମିଡିଆ) : ରଘୁନାଥପୁର ତହସିଲରେ ଦୀର୍ଘ ଦିନ ଧରି ଅତିରିକ୍ତ ତହସିଲଦାରଙ୍କ ଆସନ ଖାଲି ପଡିଥିବାରୁ ସାଧାରଣ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି । ଗତ ଦୁଇମାସ ତଳେ ଏହି ତହସିଲର ଅତିରିକ୍ତ ତହସିଲଦାରଙ୍କ ଅନ୍ୟତ୍ର ବଦଳି ହେବାପରେ ତାଙ୍କ ସ୍ଥାନରେ ଆଠଗଡ ଅତିରିକ୍ତ ତହସିଲଦାର ତପନ ପରିଡା ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ବଦଳିନାମାର ଦିର୍ଘଦିନ ପରେ ମଧ୍ୟ ନୂଆ ଅତିରିକ୍ତ ତହସିଲଦାର ଶ୍ରୀ ପରିଡା ରଘୁନାଥପୁର ତହସିଲରେ ଯୋଗ ଦେଇ ନଥିବାରୁ ଲୋକ ମାନଙ୍କର କାର୍ଯ୍ୟ ହୋଇ ପାରୁନଥିବା ଓ ଅଫିସରେ ପଟ୍ଟା ହେବା ପାଇଁ କୁଡ଼ କୁଡ଼ ଫାଇଲ ଗଦା ହୋଇ ରହିଥିବା ଦେଖିବାକୁ ମିଳିଛି । ଏଥି ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ଲ୍ୟାବ ରିପୋର୍ଟ ଖୋଲିଲା ନକଲି ସାରର ଗୁମର

ଏଫିଓ ସଂସ୍ଥା ବିରୋଧରେ ଥାନାରେ ଅଭିଯୋଗ କଲା କୃଷିବିଭାଗ

ନୀଳଗିରି (ଅମୃତ ମିଡିଆ) : ଲ୍ୟାବ ରିପୋର୍ଟ ଖୋଲିଲା ନକଲି ସାରର ଗୁମର ।ସରକାରୀ କହି ଚାଷୀଙ୍କୁ ଦିଆଯାଇଥିଲା ନକଲି ସାର ।ଆସିଲା ସାର ଘୋଟାଲାର ଲ୍ୟାବ ଟେଷ୍ଟ ରିପୋର୍ଟ ।ଡିଏପି ଓ ପଟାସକୁ ନନ୍ ଷ୍ଟାଣ୍ଡାର୍ଡ ଦର୍ଶାଇଲା ଭୁବେନେଶ୍ୱର ସହିଦନଗରସ୍ଥିତ ସାର ପରୀକ୍ଷଣ ପରୀକ୍ଷାକେନ୍ଦ୍ର । ଜିଲ୍ଲାପାଳଙ୍କ ଜନଶୁଣାଣିକୁ ସାର ଧରି ଆସିଥିଲେ ଚାଷୀ ।ନୀଳଗିରି ବ୍ଲକର ମଛୁଆ ଓ ବେଗୁନିଆ ପଞ୍ଚାୟତରେ ହୋଇଥିଲା ସାର ଘୋଟଲା ।ଓରମାସ ପକ୍ଷରୁ ବିନା ଏଫିଓ ଆଇଡିରେ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା ଲକ୍ଷାଧିକ ଟଙ୍କାର ନକଲି ସାର ।ନୀଳଗିରି ବ୍ଲକରେ ସରକାରୀ ସାର ପ୍ରଦାନରେ ଘୋଟାଲା ହୋଇଥିବା ନେଇ ଅଭିଯୋଗ ଆଣିଥିଲେ ୨ ଟି ପଞ୍ଚାୟତର ଚାଷୀମାନେ। ନୀ

ପଶ୍ଚିମ ଓଡ଼ିଶା

ଅମୃତ ଦୁନିଆ
୧୯ ଅଗଷ୍ଟ ୨୦୨୬

ଅଲ୍ ଓଡିଶା ହସ୍‌ପିଟାଲ କର୍ମଚାରୀ ସଂଘର ଧାରଣା : ସଫେଇ କାର୍ଯ୍ୟ ଠପ୍

ରାଇଘର (ଅମୃତ ମିଡିଆ) : ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲଓଡିଶା ହସ୍ପିଟାଲ କର୍ମଚାରି ସଂଘ ନବରଙ୍ଗପୁର ଜିଲ୍ଲା ତରଫରୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟରତ ସୁଇପର କର୍ମଚାରୀମାନଙ୍କ କାର୍ଯ୍ୟ ବନ୍ଦ ସହିତ ଧାରଣା ଦେଇଛନ୍ତି ପ୍ରତ୍ୟେକ ମାସର ୧ତାରିଖରୁ ୧୫ତାରିଖ ମଧ୍ୟରେ ସୁଇପର କର୍ମଚାରୀମାନଙ୍କ ଦରମା ଦେବାର ବ୍ୟବସ୍ଥା କରାଯାଉ। ଡାକ୍ତରଖାନାରେ ବାୟୋମେଟ୍ରିକ ମେସିନ କାମ କରୁନଥିବା ଯୋଗୁଁ ବାୟୋମେଟ୍ରିକ ମେସିନ ଠିକ କଲା ପର୍ଯ୍ୟନ୍ତ ରେଜିଷ୍ଟର ଉପସ୍ଥାନର ଦସ୍ତଖତ ଅନୁଯାୟୀ କର୍ମଚାରୀଙ୍କ ଦରମା ଠିକ ସମୟ ମଧ୍ୟରେ ଦିଆଯାଉ। ଏଲ.ଏଣ୍ଡ.କେ-ଏଜନ୍ସି ଥିବା ସମୟରେ ହସପିଟାଲର ସମସ୍ତ କର୍ମଚାରୀଙ୍କ ଇପିଏଫ ଟଙ୍କା ୮ ମାସର ଜମା କରାଯାଇ ନାହିଁ ତାହା ତୁରନ୍ତ ଜମା କରିବାକୁ ଆଦେଶ ଆସୁନାହିଁ ତାହା ଟଙ୍କା ଜମାକରିକରାଯାଉ। ଅଭିରାମ ଏଜନ୍ସି ଆସିବା ଦିନ ଠାରୁ ୬ ମାସ ହେବ ଇପିଏଫ ଟଙ୍କାର ଶିପ ତୁରନ୍ତ ଇପିଏଫ ଶିପ ଦେବାର ବ୍ୟବସ୍ଥା କରାଯାଉ। ହସପିଟାଲରେ କାର୍ଯ୍ୟରତ ସମସ୍ତ ସୁଇପର ମାନଙ୍କ କାମ କ'ଣ? ଗାଇଡଲାଇନ ଯୋଗାଇ ଦିଆଯାଉ ହସପିଟାଲର କର୍ମଚାରୀମାନଙ୍କ ପ୍ରତ୍ୟେକ ମାସର ପେ-ସ୍ଲିପ ଯୋଗାଇ ଦିଆଯାଉ। ସରକାରଙ୍କ ଦୈନିକ ମଜୁରୀ ଟଙ୍କା ଅନେକ ଦିନ ହେଲା ବୃଦ୍ଧି ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଟଙ୍କା ଦିଆଯାଇନାହିଁ ତାହା ତୁରନ୍ତଦେବାର ବ୍ୟବସ୍ଥା କରାଯାଉ। ବର୍ତ୍ତମାନ ଡାକ୍ତର ଖାନାରେ ସୁଇପର ମାନଙ୍କୁ ହସପିଟାଲ ତରଫରୁ ଦରମା ଦେବାର ବ୍ୟବସ୍ଥା କରାଯାଉ ଯେତେବେଳେ ପର୍ଯ୍ୟନ୍ତ ସମସ୍ୟା ଗୁଡିକର ସମାଧାନ ନ ହେଇଛି। ସେତେବେଳେ ପର୍ଯ୍ୟନ୍ତ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛି ସଂଘ। ଏଥିରେ ଭାରତୀୟ ମଜଦୁର ସଂଘ ଉପଦେଷ୍ଟା ପରମେଶ୍ୱର ବିଷୋୟୀ ପରିଚାଳନା କରିଥିଲେ।

ଗଞ୍ଜେଇ ଚାଲାଣ ବେଳେ ୪ ଗିରଫ

ଦୁଇଟି ବାଇକ୍ ସହ ୨୨ କିଲୋ ଗଞ୍ଜେଇ ଓ ୧୮ ହଜାର ଟଙ୍କା ଜବତ

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ପୋଲିସ ୨୨କିଲୋ ଗଞ୍ଜେଇ ଶହ ଦୁଇଟି ବାଇକ୍, ୪ଟା ମୋବାଇଲ ଓ ନଗଦ ୧୮ ହଜାର ଟଙ୍କା ଜବତ କରିଛି। ଗତ କାଲି ସନ୍ଧ୍ୟା ସମୟରେ ମାଲକାନଗିରି ଜିଲ୍ଲା ବାଲିମେଳା ଅଞ୍ଚଳରୁ ଛତିଶଗଡ଼ ଧମ୍ ତରିକୁ ଚାଲାଣ ହଉଥିବା ନେଇ କୌଣସି ସୂତ୍ରରୁ ପୋଲିସ ସୁଚନା ମିଳିଥିଲା। ଖବର ପାଇବା ପରେ ରାଇଘର ଥାନା ଅଧିକାରୀ ବାହୁବଳୀ ଟିକି ଚାନ୍ଦ ଖଟୁଆ ଟିମ୍ ଶହ ପେଟ୍ରୋଲିଙ୍ଗ କରିବା ସମୟରେ ଦୁଇଟା ବାଇକ୍‌ରେ ଚାରି ଯୁବକ ଯିବା ବେଳେ ପୋଲିସ ଅଟକାଇ ଥିଲା। ଯାଞ୍ଚ କରିବା ସମୟରେ ସେମାନଙ୍କ ଠାରୁ ୨୨ କିଲୋ ଗଞ୍ଜେଇ ନଗଦ ୧୮ ହଜାର ଟଙ୍କା ଜବତ କରି ୧୦୪/୨୬ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଜୁ ବାଲାଣ, ବୟସ ୨୨ ଅର୍ଜୁନ ପାଙ୍ଗି, ବୟସ ୩୦ ରାଜେନ୍ଦ୍ର ମାରି ବୟସ ୩୦ ଏହି ତିନି ଜଣ ମାଲକାନଗିରି ଜିଲ୍ଲାର ହୋଇଥିବା ବେଳେ ଗିରିଧାରୀ ଗଣ୍ଡ ବୟସ ୪୧, ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଅଞ୍ଚଳର ବୋଲି ଜଣାଯାଇଛି। ଖବର ପାଇ ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସୂଚନା ଦେଇଛନ୍ତି।

ସ୍ୱାଧୀନତା ଦିବସରେ ଖୁସି ବାଣ୍ଟିଲେ ସହଯୋଗ ଫାଉଣ୍ଡେସନ୍ ଓ ଲାୟନ୍ସ କ୍ଲବ୍

ବଲାଙ୍ଗୀର (ଅମୃତ ମିଡିଆ) : ସ୍ୱାଧୀନତା ଦିବସ ଅବସରରେ ବଲାଙ୍ଗିରରେ ସେବା, ସମ୍ବେଦନା ଓ ମାନବିକତାର ଏକ ସୁନ୍ଦର ପ୍ରୟାସ ଦେଖିବାକୁ ମିଳିଛି। ସହଯୋଗ ଫାଉଣ୍ଡେସନ୍ ଓ ଲାୟନ୍ସ କ୍ଲବ୍ ମିଳିତ ଉଦ୍ୟମରେ ଶିଶୁ ମହିଳା ସଦନ ପରିସରରେ 'ଖୁସିର ପଲ' ନାମକ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟମାନେ ଶିଶୁ ମହିଳା ସଦନର ଅନ୍ତେବାସୀମାନଙ୍କ ସହ କିଛି ସମୟ ବିତାଇ ସେମାନଙ୍କ ସହ ଖୁସି ବାଣ୍ଟିଥିଲେ। ଏହି ଅବସରରେ ଅନ୍ତେବାସୀମାନଙ୍କ ମଧ୍ୟରେ ଫଳ, କେକ୍, ବିସ୍କୁଟ୍ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ସ୍ନେହ ଓ ଆତ୍ମୀୟତାର ଏହି ମୁହୂର୍ତ୍ତରେ ସଦନର ପରିବେଶ ଆନନ୍ଦମୟ ହୋଇଉଠିଥିଲା। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ମୁହଁରେ ହସ ଫୁଟାଇବା ଏବଂ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତ ସହ ଯୋଡ଼ିବା ହେଉଛି ଏଭଳି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। "ଖୁସି ବାଣ୍ଟିଲେ ଖୁସି ବଢ଼େ" ଏହି ବାର୍ତ୍ତାକୁ ନେଇ ଆୟୋଜିତ ଏହି ପ୍ରୟାସ ଉପସ୍ଥିତ ସମସ୍ତଙ୍କ ମନକୁ ଛୁଇଁଥିଲା। ସ୍ୱାଧୀନତା ଦିବସର ଉତ୍ସବକୁ କେବଳ ଆନନ୍ଦରେ ସୀମିତ ନରଖି ସେବା ଓ ମାନବିକତା ସହ ପାଳନ କରିବାର ଏହି ପ୍ରୟାସ ନିଶ୍ଚିତ ଭାବେ ଏକ ପ୍ରେରଣାଦାୟକ ପଦକ୍ଷେପ। ସମାଜରେ ପରସ୍ପର ପ୍ରତି ସ୍ନେହ, ସହଯୋଗ ଓ ଦାୟିତ୍ୱବୋଧ ବଢ଼ାଇବାରେ ଏଭଳି କାର୍ଯ୍ୟକ୍ରମ ଏକ ନୂଆ ଆଶା ସୃଷ୍ଟି କରୁଛି।

ଆଗକୁ ନୂଆଁଖାଇ : ପାଟଶେଶ୍ୱରୀ ମନ୍ଦିର ଗମ୍ଭିରା ଘର ମରାମତି କେବେ ?

ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ପରିଦର୍ଶନ

ବଲାଙ୍ଗୀର (ଅମୃତ ମିଡିଆ) : ପାଟଣା ରାଜ୍ୟର ଅଧିଷ୍ଠାତୀ ମାଁ ପାଟଶେଶ୍ୱରୀ ଦେବୀଙ୍କ ମନ୍ଦିର ଦିର୍ଘ ଦିନ ଗମ୍ଭିରାଘର ମରାମତି ନେଇ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଦେବୋଉର ବିଭାଗ ଜିଲ୍ଲାପ୍ରଶାସନ ବିଭିନ୍ନ ବୈଠକ କରି ଦୃଷ୍ଟି ଆକର୍ଷଣ କରିଛି ତଥାପି ସମାଧାନର ରାସ୍ତା ଫିଟିନି। ଆଉ କିଛି ଦିନ ଗଲେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଗଡର ଇଷ୍ଟଦେବୀ ମାଁ ପାଟଶେଶ୍ୱରୀ ଦେବୀଙ୍କ ପରଭା ଭଗ୍ନ ଅବସ୍ଥାରେ ଥିବାରୁ ଏ ନେଇ ଏଣ୍ଡୋମେଣ୍ଟ କମିଶନର ଗତ ୧୫ ଦିନ ତଳେ ରିପୋର୍ଟ ପ୍ରଦାନ କରିଛନ୍ତି । ଆଉ କିଛି ଦିନ ପରେ ନୂଆଖାଇ ପାଇଁ ମନ୍ଦିରମାନଙ୍କ ପାଇଁ ସଜ୍ଜାସଜ୍ଜି ହେଉଥିବା ବେଳେ ନୂଆ ଧାନ ଓ ବିଭିନ୍ନ ସାମଗ୍ରୀ ମା ଙ୍କୁ ଅର୍ପଣ କରାଯାଏ। ମନ୍ଦିରର ଭଗ୍ନ ହୋଇଥିବା ପରଭା ମରାମତି ନ ହୋଇଥିବାରୁ ମାଙ୍କ ନାତିନିଖଣ୍ଟ ବାଧା ସାଜୁଛି। ଏ ନେଇ ଗତ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ପୂର୍ତ୍ତ ବିଭାଗକୁ ପତ୍ର ସଂଖ୍ୟା ୧୨୪୬/ ୨୦୨୬ ପୂର୍ତ୍ତ ବିଭାଗ ପାଇଁ ଡିପିଆର ପ୍ରସ୍ତୁତି ପାଇଁ ଏକ ପତ୍ର ଲେଖିଥିଲେ। ଏ ଯାଏଁ ପୂର୍ତ୍ତ ବିଭାଗର କୌଣସି କର୍ମକର୍ତ୍ତା ଆସିଲେଣି। ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଏ ନେଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ମାଁ ପାଟଶେଶ୍ୱର ମନ୍ଦିର ଗମ୍ଭିରା ଘର ମରାମତି ନିମନ୍ତେ ପତ୍ର ସଂଖ୍ୟା ୨୬୨୧/୦୯.୦୭.୨୦୨୬ ରେ କମିଟି ଦାବି ପ୍ରଦାନ କରାଯାଇଥିଲା। ଏ ନେଇ କିଛି କାର୍ଯ୍ୟକାରୀ ନ ହେବାରୁ ଆଗକୁ ନୂଆଁଖାଇ ଓ ଦଶହରା ପର୍ବ ଗତର ଇଷ୍ଟଦେବୀ ବିପଦମୁଖରେ। କମିଟିର ଅନୁରୋଧକ୍ରମେ ପୂର୍ବତନ ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ ମନ୍ଦିର ପରିଦର୍ଶନ କରିଥିଲେ ଓ କମିଟି ସହ ବିଭିନ୍ନ ବିଷୟ ଆଲୋଚନା କରି ତୁରନ୍ତ କିଭଳି ମରାମତି ହେବ ଓ କାର୍ଯ୍ୟକାରି ହେବ ବୋଲି ସେ କମିଟି ସହ ଆଲୋଚନା କରିଥିଲେ। ବଲାଙ୍ଗିର ବିଧାୟକଙ୍କ ସହ ଆଲୋଚନା କରି ତୁରନ୍ତ କିଭଳି ମନ୍ଦିର କିଭଳି କାର୍ଯ୍ୟ ହେବ ବୋଲି ସେ କହିଛନ୍ତି। ଦେବାଳୟର ଐତିହ୍ୟ ସୁରକ୍ଷା କମିଟିର ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନି ଶଙ୍କର ଭୋଇ, ମନ୍ଦିର ପୂଜକ ମଳୟ ଦିଶୀ, ଯୁବ ନେତା ବୁଲୁ ବେହେରା ସମେତ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

ସ୍ନାଇଲ ଫର ଅଲ୍ ଫାଉଣ୍ଡେସନ ତରଫରୁ ସ୍ୱାଧୀନତା ଦିବସ ପାଳନ

ବଲାଙ୍ଗୀର (ଅମୃତ ମିଡିଆ) : ଆଜି ପବିତ୍ର ୮୦ତମ ସ୍ୱାଧିନତା ଦିବସ ଅବସରରେ ସ୍ନାଇଲ ଫର ଅଲ ଫାଉଣ୍ଡେସନ ସାମାଜିକ ସଂଗଠନ ତରଫରୁ (ଏଲ୍‌ଆଇସି ଅଫସ ପଛ ପଟ) ଅଫିସ କାର୍ଯ୍ୟାଳୟ ଠାରେ ସ୍ୱାଧିନତା ଦିବସ ପାଳନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଉପସ୍ଥିତ ରହି ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ ଏବଂ ବଲାଙ୍ଗିର ର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଦିବସକୁ ସ୍ମରଣରେ ରଖିବା ନିମନ୍ତେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ୱାର୍ଡ ନଂ.୩ ର କାଉନସିଲର ରଜନୀ ବନଛୋର ଉପସ୍ଥିତ ରହି ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାଜରେ ଭାଇଝରା ରଖି ଶାନ୍ତି , ସୌହାର୍ଦ୍ଦ୍ୟ, ମୈତ୍ରୀକୁ ବଳବତ୍ତର ରଖିବାକୁ କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ସଭାପତି ସାମସନ ମିଶାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଜୟକୃଷ୍ଣ ମିଶ୍ର ସଭାକୁ ସଂଯୋଜନା କରିଥିବା ବେଳେ ଅନ୍ୟ ସମସ୍ତ କାର୍ଯ୍ୟ ରେ ସଂଜିବ ସାହୁ, ଜୀବନ ମଶିଃ, ସେମରାଜନ, ଲମ୍ବୋଦର ପ୍ରଧାନ, ଗୋପାଳ ମିଶ୍ର, ହିମାନୀ ତ୍ରିପାଠି, ସୌଦାମିନୀ ମିଶ୍ର, ମଞ୍ଜୁଲତା ପଟ୍ଟନାୟକ, ସରୋଜ ପାଢୀ, ବଜରଂଗ ବନଛୋର ଏବଂ ସୁଦର୍ଶନ ଚିରଗୁନ ପ୍ରମୁଖ ସହଯୋଗ କରିଥିଲେ ।

ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ମୋଟ ୨୫ଟି ଅଭିଯୋଗ ପତ୍ର ପଞ୍ଜିକୃତ



ବଲାଙ୍ଗୀର (ଅମୃତ ମିଡିଆ) : ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ପୁଇଁନ୍ତଳା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଶିବିରରେ ଜିଲ୍ଲାପାଳ ଗୌରଓ୍ୱ ଶିଖ୍ୱାଜୀ ଇସଲଖ୍ୱର ଉପସ୍ଥିତ ରହି ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ। ଆଜିର ଏହି ଶିବିରରେ ମୋଟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା; ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୦୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୦୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଶିବିରରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିବା ବେଳେ, ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପୁଇଁନ୍ତଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଆଲୋଚନାଚକ୍ର

ବଲାଙ୍ଗୀର (ଅମୃତ ମିଡିଆ) : ଅଦ୍ୟ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖା କବି ଗଙ୍ଗାଧର ମେହେରଙ୍କର ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ବଲାଙ୍ଗିର ମହିଳା କଲେଜ ରେ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଡ.ଭବାନୀ ଶଙ୍କର ପଟେଲ, ବକ୍ତା ଭାବରେ ଡ.ସଦାଶିବ ମଲ୍ଲିକ କାଳିଦାସ ଙ୍କର ରଘୁବଂଶମ କାବ୍ୟ ସହ ଇନ୍ଦୁମତୀ କାବ୍ୟର ତୁଳନା କରି ସୁନ୍ଦର ଭାବରେ ଆଲୋଚନା କରିଥିଲେ । ଆଉ ଜଣେ ବକ୍ତା ଥିଲେ ରତିକାନ୍ତ ନାଏକ ସେ ଗଙ୍ଗାଧରଙ୍କ ଜୀବନ ଓ ପ୍ରତିଭା ଉପେ ଆଲୋକପାତ କରିଥିଲେ । ସଂପାଦକଙ୍କର ଅନୁପସ୍ଥିତ ହେତୁ ଉଦ୍ଦେଶ୍ୟ ଉପରେ ମତ ରଖିଥିଲେ ଡ. ଭବାନୀ ଶଙ୍କର ପଟେଲ ଓ ଅଭିଭାଷଣ ରେ କହିଲେ ଯେ ଗଙ୍ଗାଧର ହେଉଛନ୍ତି ଆମ ରାଜ୍ୟର କବି ଶ୍ରେଷ୍ଠ । ସେ ପ୍ରାଣ ଦର୍ଶନକୁ ନିଜ ଲେଖନୀରେ ରୂପ ଦେଇଛନ୍ତି । ଧନ୍ୟବାଦ ଦେଇଥିଲେ ତକିଷ୍ଟ ପଧାନ । ଏହି ଅବସରରେ କବି ରାମ ଶଙ୍କର ଶତପଥି, ନଳିନୀ ପ୍ରଭା ସତପଥି, ଭବାନୀ ଶଙ୍କର ପଟେଲ ସ୍ୱ ରଚିତ କବିତା ମାନ ପଠନ କରିଥିଲେ । ସଭା ଆରମ୍ଭରୁ ଗଙ୍ଗାଧରଙ୍କ ବିଶ୍ୱ ଦେଖ ମଧୁମୟ କବିତା ପଠନ କରିଥିଲେ । ମଂଚ ପରିଚାଳନା କରିଥିଲେ ଡ. ସରୋଜ କୁମାର ଜଗଦଲା ଓଡିଆ ଅଧ୍ୟାପକ ମହିଳା କଲେଜ ବଲାଙ୍ଗିର । ରାମ ଶଙ୍କର ଶତପଥି ଏକ ଜଣାଣ ଗାଇଥିଲେ ।

ଉପର ଇନ୍ଦ୍ରାବତୀ ପ୍ରକଳ୍ପରେ ୬ଟି କାର୍ଯ୍ୟ ବଣ୍ଟନକୁ ନେଇ ପ୍ରଶ୍ନ

୨୬ ଲକ୍ଷ ୬୯ ହଜାର ଟଙ୍କାର କାମ : ଟେଣ୍ଡର ପ୍ରକ୍ରିୟା ଓ କାର୍ଯ୍ୟ ବିଭାଜନର ଯାଞ୍ଚ ଦାବି

କଳାହାଣ୍ଡି (ଅମୃତ ମିଡ଼ିଆ -ପ୍ୟାରିଲାଲ ଦୁର୍ଗା) : ଉପର ଇନ୍ଦ୍ରାବତୀ ପ୍ରକଳ୍ପ, ମୁଖିଗୁଡ଼ା କାର୍ଯ୍ୟାଳୟର ଏକ ଅଧିକାରିକ ପତ୍ର ସାମ୍ନାକୁ ଆସିବା ପରେ ୬ଟି ସରକାରୀ କାର୍ଯ୍ୟବଣ୍ଟନକୁ ନେଇ ପ୍ରଶ୍ନ ଉଠିଛି। ପତ୍ରରେ ଡିପ୍ଲୋମା ଓ ଡିପ୍ଲୋମା ଇଞ୍ଜିନିୟର ଠିକାଦାରଙ୍କୁ ଏହି କାର୍ଯ୍ୟଗୁଡ଼ିକ ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି। ଛଅଟି କାର୍ଯ୍ୟର ମୋଟ ଅନୁମୋଦିତ ମୂଲ୍ୟ, ଜିଏସ୍‌ଟି ବିନା, ୨୬ ଲକ୍ଷ ୬୯ ହଜାର ୪୩୧ ଟଙ୍କା ବୋଲି ପତ୍ରରୁ ଜଣାପଡୁଛି। ପତ୍ର ଅନୁଯାୟୀ, କୋଇଲଗାଁ ଉପ-କ୍ଷୁଦ୍ର ନାଳା-୧ର ବିଭିନ୍ନ ଆରଡି ଅଞ୍ଚଳରେ ସେବା ରାସ୍ତାର ଉନ୍ନତିକରଣ ପାଇଁ ଚାରିଟି କାର୍ଯ୍ୟ ଏବଂ ଆରଏମ୍‌ସିର କ୍ଷୁଦ୍ର ଓ ଉପ-କ୍ଷୁଦ୍ର ନାଳାର ରକ୍ଷଣାବେକ୍ଷଣ ପାଇଁ ଦୁଇଟି କାର୍ଯ୍ୟ ରହିଛି। ପ୍ରଥମ କାର୍ଯ୍ୟଟି ଆରଡି ୦୦ ମିଟରରୁ ଆରଡି ୧୦୦ ମିଟର ପର୍ଯ୍ୟନ୍ତ ସେବା ରାସ୍ତାର ଉନ୍ନତିକରଣ। ଏହାର ଅନୁମୋଦିତ ମୂଲ୍ୟ ୪ ଲକ୍ଷ ୪୪ ହଜାର ୭୨୮ ଟଙ୍କା। ଦ୍ୱିତୀୟ କାର୍ଯ୍ୟ ଆରଡି ୬୦୦ ମିଟରରୁ ଆରଡି ୭୦୦ ମିଟର ପର୍ଯ୍ୟନ୍ତ ସେବା ରାସ୍ତାର ଉନ୍ନତିକରଣ, ଯାହାର ମୂଲ୍ୟ ୪ ଲକ୍ଷ ୪୫ ହଜାର ୩୧୪ ଟଙ୍କା। ଏହି ଦୁଇ କାର୍ଯ୍ୟ ଶ୍ରୀ ବିଦ୍ୟାଧର କାଣ୍ଡୁଙ୍କୁ ପ୍ରଦାନ କରାଯାଇଥିବା ପତ୍ରରେ ଉଲ୍ଲେଖ ରହିଛି। ତୃତୀୟ କାର୍ଯ୍ୟ ଆରଡି ୩୦୦ ମିଟରରୁ ଆରଡି ୪୦୦ ମିଟର ପର୍ଯ୍ୟନ୍ତ ସେବା ରାସ୍ତାର ଉନ୍ନତିକରଣ। ଏହାର ମୂଲ୍ୟ ୪ ଲକ୍ଷ ୪୪ ହଜାର ୧୧୯ ଟଙ୍କା। ଚତୁର୍ଥ କାର୍ଯ୍ୟ ଆରଡି ୫୦୦ ମିଟରରୁ ଆରଡି ୬୦୦ ମିଟର ପର୍ଯ୍ୟନ୍ତ ସେବା ରାସ୍ତା ଉନ୍ନତିକରଣ, ଯାହାର ମୂଲ୍ୟ ୪ ଲକ୍ଷ ୪୪ ହଜାର ୭୨୪ ଟଙ୍କା। ଏହି ଦୁଇ କାର୍ଯ୍ୟ ଶ୍ରୀ ସନ୍ଦୀପ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି। ସେହିପରି ଆରଏମ୍‌ସିର ଆରଡି ୪୧ କିଲୋମିଟରରୁ ଆରଡି ୫୧ କିଲୋମିଟର ପର୍ଯ୍ୟନ୍ତ କ୍ଷୁଦ୍ର ଓ ଉପ-କ୍ଷୁଦ୍ର ନାଳାର ରକ୍ଷଣାବେକ୍ଷଣ ପାଇଁ ୪ ଲକ୍ଷ ୪୫ ହଜାର ୨୫୩ ଟଙ୍କାର ଏକ କାର୍ଯ୍ୟ ଏବଂ ଆରଡି ୫୧ କିଲୋମିଟରରୁ ଆରଡି ୬୧ କିଲୋମିଟର ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୪ ଲକ୍ଷ ୪୫ ହଜାର ୨୯୩ ଟଙ୍କାର ଆଉ ଏକ କାର୍ଯ୍ୟ ରହିଛି। ଉଭୟ କାର୍ଯ୍ୟ ସଞ୍ଜୟ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯ

ପୋଲିସକୁ ଦେଖି ଦ୍ରୁତ ଗତିରେ ଯାଉଥିବା କଣ୍ଟେନର ଓଲଟିପଡ଼ିଲା; ୭ ବଳଦ ମୃତ, ୭ ଉଦ୍ଧାର

ବାରିପଦା(ଅମୃତମିଡିଆ): କିଛି ଦିନର ବ୍ୟବଧାନ ପରେ ପୁଣିଥରେ ଗୋରୁ ବେପାରୀ ସକ୍ରିୟ ହୋଇଥିବା ନେଇ ଅଭିଯୋଗ ମଧ୍ୟରେ ଗୋରୁ ବୋଝେଇ ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ୭ଟି ବଳଦର ମୃତ୍ୟୁ ଘଟିଛି । ଏହି ଘଟଣା ମୟୂରଭଞ୍ଜ ଜିଲ୍ଲା,ଠାକୁରମୁଣ୍ଡା ଥାନା ଅଞ୍ଚଳର ହାଣ୍ଡିଫୁଟା ଛକ ନିକଟରେ ଘଟିଛି । ସୂଚନା ଅନୁଯାୟୀ, ଆଜି ଭୋର ପ୍ରାୟ ୩ଟା ସମୟରେ ଠାକୁରମୁଣ୍ଡା ପୋଲିସ ପକ୍ଷରୁ ଅଞ୍ଚଳରେ କଡା କଡ଼ି ପେଟ୍ରୋଲିଂ ଚାଲିଥିଲା ।ଏହି ସମୟରେ ପୋଲିସ ଗାଡି କୁ ଦେଖି

ଗୋ ମାଫିଆ ସକ୍ରିୟ

ଗୋରୁ ବୋଝେଇ କଣ୍ଟେନର ର ଚାଳକ ଦ୍ରୁତ ଗତିରେ ଗାଡ଼ି ଚଳାଇ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ଦ୍ରୁତ ଗତି ଯୋଗୁଁ ଗାଡ଼ିଟି ଭାରସାମ୍ୟ ହରାଇ ଆନନ୍ଦପୁର-କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥର ତରାମରା ପଞ୍ଚାୟତର ହାଣ୍ଡିଫୁଟା ଛକ ନିକଟରେ ରାସ୍ତା ତଳକୁ ଓଲଟି ପଡ଼ିଥିଲା କଣ୍ଟେନର । ଦୁର୍ଘଟଣାଗ୍ରସ୍ତ ଗାଡ଼ିଟି ମହିନ୍ଦ୍ରା ଭୀର ବୋଲି ଜଣାପଡ଼ିଥିବା ବେଳେ ଏହାର ନମ୍ବର ଓଡି ୨୯ କ୍ୟୁ ୭୮୯୧ ବୋଲି ଜଣାପଡିଛି । ଗାଡ଼ିରେ ମୋଟ ୧୪ ଟି ବଳଦ ରହିଥିବା ବେଳେ ଦୁର୍ଘଟଣାରେ ୭ଟି ବଳଦର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଅନ୍ୟ ବଳଦଗୁଡ଼ିକୁ ଜଙ୍ଗଲରେ ଓ ନିକଟରେ ଥିବା ଗାଁରୁ ଉଦ୍ଧାର କରାଯାଇଥିବାର ଜଣାପଡ଼ିଛି । ଘଟଣା ପରେ ଗାଡ଼ିର ଚାଳକ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଠାକୁରମୁଣ୍ଡା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ ବଳଦଗୁଡ଼ିକୁ ଠାକୁରମୁଣ୍ଡା ଥାନାକୁ ଆଣି ରଖିଛି । ମୃତ ବଳଦ ଗୁଡ଼ିକୁ ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀଙ୍କ ସହଯୋଗରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଜେସିବି ମେସିନ୍ ସହାୟତାରେ ପୋତି ଦିଆଯାଇଥିଲା । ଘଟଣାସ୍ଥଳରେ ଠାକୁରମୁଣ୍ଡା ଭ୍ରାମ୍ୟମାଣ ପଶୁଚିକିତ୍ସା ୟୁନିଟ୍ ର ଡାକ୍ତର ପ୍ରୀତିପ୍ରସନ୍ନ ସାହୁ ଉପସ୍ଥିତ ରହି ଉଦ୍ଧାର ହୋଇଥିବା ପଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

ଯୋରନ୍ଦା ପଞ୍ଚାୟତର ଦୁନ୍ଦୁ ସାହିରେ କାନ୍ଥ ଭୁଶୁଡ଼ି ପରିବାରର ୪ ଆହତ

ବାରିପଦା(ଅମୃତମିଡିଆ): ମୟୂରଭଂଜ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ସହର ଗ୍ରାମାଞ୍ଚଳରେ ନାହିଁ ନଥିବା କ୍ଷତି ଘଟିଛି। ବହୁ

ଧନ ଜୀବନ, ଘର ଦ୍ୱାର, ରାସ୍ତାଘାଟ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଛି । ଲଗାଣ ବର୍ଷାରେ କୁସୁମି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ କୁସୁମି ବ୍ଲକର ଯୋରନ୍ଦା ପଞ୍ଚାୟତର ଦାନ୍ଦୁ ଆଦିବାସୀ ସାହିରେ ଜନୈକ ପରିବାର ରାତିରେ ଖାଇ ପିଇ ଶୋଇଥିବାବେଳେ ମଧ୍ୟରାତ୍ରରେ କଚାକାନ୍ଥ ଭୁଷୁଡି ସେମାନଙ୍କ ଉପରେ ପଡିଥିବାବେଳେ ପରିବାରର ୪ ଜଣ ଆହତ ହୋଇଛନ୍ତି । ଚାରି ଜଣ ରାତିରେ ଶୋଇଥିବା ଅବସ୍ଥା ରେ କାନ୍ଥ ପଡ଼ି ଆହାତ ହୋଇଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସେହି ଆହତମାନେ ହେଲେ ସାକିଲା ହାଁସଦା (୩୪)ତାଙ୍କ ପତ୍ନୀ ପାନ ହାଁସଦା (୨୮), ଝିଅ ସୂର୍ଯ୍ୟ ହାଁସଦା ଓ ଆଉ ଗୋଟାଏ ବର୍ଷ କର ଶିଶୁ କନ୍ୟା । ଆହତ ୪ ଜଣ ଙ୍କୁ ଦାନ୍ଦୁ ସାହି ଗ୍ରାମବାସି ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବାଦାମ ପାହାଡ଼ ମେଡିକାଲକୁ ପଠାଇ ଚିକିତ୍ସା କରାଇଥିଲେ । ଘରଟି ଭାଙ୍ଗି ଯିବା ଦ୍ୱାରା ଦମ୍ପତି ବାସହରା ହୋଇ ପଡିଛନ୍ତି। ଏହା ସହିତ ଆବାସ ଯୋଜନାରେ ଘର ପାଇଥିଲେ ମଧ୍ୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବା ଏହି କଚ୍ଚା ଘରେ ପରିବାର ବସବାସ କରୁଥିଲେ। ଏହା ସହିତ ଏହି ଗୋବିନ୍ଦ ପୁର ଗ୍ରାମ ଦାନ୍ଦୁ ସାହିର ଫୁଲ ମୁର୍ମୁ, ରାମ ମାର୍ଣ୍ଡି, ସାନ ପଡିଆର ବଳରାମ ନାଏକ, ଝିଂପାବନ୍ଧ ପଞ୍ଚାୟତ ପଶୁଗଣ୍ଡି ଗ୍ରାମର ତିରିଲଟଲା ସାହିର ସୁମିତ୍ରା ନାଏକଙ୍କ ଘର ଭାଙ୍ଗିଛି। ଯୋରନ୍ଦା ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମାଝୀ ଉକ୍ତ ଆହାତ ପରିବାରଙ୍କୁ ଭେଟି ସହାନୁଭୂତି ଦେଖାଇଛନ୍ତି। ଏହା ସହିତ ସରକାରଙ୍କ ତରଫରୁ ଯାହା ସାହାଯ୍ୟ ଦିଆଯାଉଛି ଯୋଗାଇବା ନେଇ ପ୍ରତିଶୃତି ଦେଇଛନ୍ତି। ତେଲିଆ ମୁଣ୍ଡରେ ତେଲ ନ ଦେଇ ପ୍ରକୃତ କଚାଘର ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଭିତିରେ ପ୍ରଧାନମନ୍ତ୍ରୀ ଆସ ଯୋଜନା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

ଲଗାଣ ବର୍ଷାରେ ଦବିଲା ରେଳଧାରଣା; ରେଳ ଚଳାଚଳ ପ୍ରଭାବିତ

ବାରିପଦା (ଅମୃତମିଡିଆ): ଲଗାଣ ବର୍ଷାର ପ୍ରଭାବରେ ମାଟି ଧସି ବାରିପଦା ଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ପ୍ରାୟ ୫୦ ମିଟର ରେଳଧାରଣା ଦବିଯିବା ଫଳରେ ରେଳ ବିଭାଗ ପକ୍ଷରୁ ଏହି ରୁଟରେ ରେଳ ଚଳାଚଳକୁ ସାମୟିକ ଭାବେ ବନ୍ଦ ରଖାଯାଇଛି । ଏଣୁ ବାଙ୍ଗିରିପୋଷୀ ପୁରୀ ସୁପରଫାଷ୍ଟ ଟ୍ରେନ ସହ ଡ଼ିଏମ୍ୟୁ ଟ୍ରେନ ଯାଇପାରିନାହିଁ । ଟ୍ରେନ ହଠାତ ବାତିଲ ହେବା ଫଳରେ ଯାତ୍ରୀମାନେ ସକାଳେ ସକାଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସକାଳୁ ସକାଳୁ ବାରିପଦା ଭୁବନେଶ୍ୱର ବସ ଗୁଡିକରେ ଆଜି ଖଚାଖଚ ଭିଡ଼ ପରିଲକ୍ଷିତ ହୋଇଛି । ସୂଚନା

ଅନୁଯାୟୀ, ରବିବାର ରାତି ପୁରୀ-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ ବାଙ୍ଗିରିପୋଷି ଯିବା ପରେ ରାତିରେ ଡିଏମ୍ ? ?ୟୁ ଟ୍ରେନ ଯାତାୟାତ ସମୟରେ ରେଳଧାରଣା ଦବି ଯାଇଥିବାର ଜଣାପଡ଼ିଥିଲା । ଘଟଣା ସମ୍ପର୍କରେ ଜାଣିବା ପରେ ରେଳ ମେଣ୍ଟେନାନ୍ସ ବିଭାଗ ପକ୍ଷରୁ ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି । ମଧ୍ୟରାତ୍ରିରୁ ରେଳ କର୍ମଚାରୀ ମାନେ ଘଟଣା ସ୍ଥଳରେ ରହି ମରାମତି କାମ ଜାରି ରଖିଛନ୍ତି । ଅନ୍ୟପକ୍ଷରେ, ରେଳଧାରଣା ତଳେ ଥିବା ମାଟି ଏବେ ମଧ୍ୟ ଦବିଯାଉଥିବା ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି । ଯଦି ସମୟୋଚିତ ଭାବେ ଏହି ତ୍ରୁଟି ଚିହ୍ନଟ ହୋଇନଥାନ୍ତା, ତେବେ ବଡ଼ ଧରଣର ରେଳ ଦୁର୍ଘଟଣା ଘଟିଥାନ୍ତା ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି । ବର୍ତ୍ତମାନ ରେଳଧାରଣାର ମରାମତି ସହ ଟ୍ରାକର ସ୍ଥିତି ଯାଞ୍ଚ କରାଯାଉଛି । ମରାମତି ସମ୍ପୂର୍ଣ୍ଣ ହେବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି ।

ମୟୂରଭଞ୍ଜରେ ଲଗାଣ ବର୍ଷା ଓ ବନ୍ୟା ପ୍ରଭାବ

୨୨ ବ୍ଲକ ପ୍ରଭାବିତ, ୨୬,୭୪୧ ଜଣ ସ୍ଥାନାନ୍ତରିତ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲାରେ ଗତ ୧୩ ତାରିଖରୁ ଲଗାଣ ବର୍ଷା ଜାରି ରହିଥିବାରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନର ତଥ୍ୟ ଅନୁଯାୟୀ, ୨୨ଟି ବ୍ଲକ, ୫୪ଟି ଗ୍ରାମ ପଞ୍ଚାୟତ, ୧୨୬ଟି ଗାଁ ଏବଂ ବାରିପଦା ପୌରାଞ୍ଚଳର ୮ଟି ୱାର୍ଡ ପ୍ରଭାବିତ ହୋଇଛି । ମୋଟ ୨୬,୯୮୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୬,୭୪୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଜିଲ୍ଲାରେ ମୋଟ ୨୩୮୪.୭ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷା ୯୧.୭୨ ମିଲିମିଟର ରହିଛି । ବଡ଼ସାହିରେ ୧୩୫ ମିମି, ବେଡନଟୀରେ ୧୧୩ ମିମି, ଉଦଳାରେ ୧୨୫.୮ ମିମି, କପ୍ତିପଦାରେ ୧୩୮ ମିମି, କୁସୁମୀରେ ୧୪୪ ମିମି, ଯଶିପୁରରେ ୧୩୫ ମିମି, କରଞ୍ଜିଆରେ ୧୬୪ ମିମି, ସୁକୁଲିରେ ୧୩୪ ମିମି ଏବଂ ରରୁଆଁରେ ୧୩୦ ମିମି ବର୍ଷା ରେକର୍ଡ ହୋଇଛି । ବନ୍ୟା ଓ ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ୧୨ଟି ମେଡିକାଲ ଟିମ, ୩ଟି ପଶୁଚିକିତ୍ସା ଟିମ, ୨ଟି ଓଡ୍ରାଫ ଟିମ, ଗୋଟିଏ ଏନଡିଆରଏଫ ଟିମ, ୧୩ଟି ଅଗ୍ନିଶମ ଟିମ ଏବଂ ୨୬ଟି ପୋଲିସ ଓ ସ୍ଥାନୀୟ ଟିମ ନିୟୋଜିତ ହୋଇଛନ୍ତି । ନଦୀ ଗୁଡ଼ିକର ଜଳସ୍ତର ଉପରେ ମଧ୍ୟ ନଜର ରଖା ଯାଇଛି । ସକାଳ ୯ଟାରେ ବାରିପଦା-ପୋଡାଆଣ୍ଠିଆ ଠାରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ୨୫.୫୦ ମିଟର ରହିଥିଲା ବେଳେ ସତର୍କ ସୀମାଠାରୁ ତଳେ ରହିଛି । ରାଜଘାଟ ଠାରେ ବୁଢ଼ାବଳଙ୍ଗର ଜଳସ୍ତର ୭.୪୪ ମିଟର ରହିଥିବା ବେଳେ ବିପଦ ସୀମାଠାରୁ ତଳେ ରହିଛି । ତେବେ ଜଳକା ନଦୀର ଜଳସ୍ତର ୬.୫୨ ମିଟର ରହି ବିପଦ ସୀମା ଉପରେ ରହିଛି । ରାଜଘାଟ ଠାରେ ସୁବର୍ଣ୍ଣରେଖାର ଜଳସ୍ତର ୮.୭୨ ମିଟର ରହି ସତର୍କ ସୀମାଠାରୁ ତଳେ ରହିଛି । ସେହିପରି ଜିଲ୍ଲାରେ ୩୯ଟି ମାଗଣା ରୋଷେଇ କେନ୍ଦ୍ର ଓ ରିଲିଫ ସେଣ୍ଟର ଚାଲୁ ରହିଛି । ଏହି କେନ୍ଦ୍ର ଗୁଡ଼ିକରେ ୨୬,୭୪୧ ଜଣଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରାଯାଇଛି । ଏଥିସହ ୩୯.୭୪ କ୍ୱିଣ୍ଟାଲ ଚୁଡ଼ା ଏବଂ ୬.୪୧ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି । ରାସଗୋବିନ୍ଦପୁର ବ୍ଲକର ଗୋଟିଏ ଗାଁ ବର୍ତ୍ତମାନ ସୁଦ୍ଧା ଜଳବନ୍ଦୀ ଅବସ୍ଥାରେ ରହିଛି । ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିବା ସହ ଲୋକଙ୍କ ସୁରକ୍ଷା ଓ ରିଲିଫ ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଜାରି ରଖିଛି । ଲଘୁଚାପ ଜନିତ ଲଗାଣ ବର୍ଷାକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଭୟର ବାତାବରଣ ଦୂର ହୋଇଛି । ଜିଲ୍ଲାରେ ବର୍ଷାର ପରିମାଣ କମିଥିବା ବେଳେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ ବୋଲି ଜିଲ୍ଲାପାଳ ହେମକାନ୍ତ ସୟ ସୂଚନା ଦେଇଛନ୍ତି । ଜନସାଧାରଣ ଆତଙ୍କିତ ନହେବାକୁ ସେ ନିବେଦନ କରିଛନ୍ତି । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ୧୬ ଓ ୧୭ ତାରିଖ ପାଇଁ ଜିଲ୍ଲାରେ ରେଡ ୱାର୍ଣ୍ଣିଂ ଜାରି ହୋଇଥିଲା । ବିଶେଷ କରି ପଶ୍ଚିମ ମୟୂରଭଞ୍ଜର କରଞ୍ଜିଆ ଉପଖଣ୍ଡ ସମେତ ଠାକୁରମୁଣ୍ଡା ଓ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା । ଶିମିଳିପାଳ ଉପରମୁଣ୍ଡରେ ଗତକାଲି ରାତିରେ ପ୍ରାୟ ୧୨୮ ମିମି ବର୍ଷା ରେକର୍ଡ କରାଯାଇଥିଲେ ହେଁ ସକାଳୁ ବର୍ଷା କମିଛି । ଫଳରେ ବାରିପଦା ପୌରାଞ୍ଚଳ କିମ୍ବା ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ନାହିଁ । ସେହିପରି ଶିମିଳିପାଳ ଓ ଗୁରୁଗୁଡ଼ିଆ ଅଞ୍ଚଳର ବର୍ଷା ପାଣି ଦେଓ ନଦୀ ଦେଇ ବୈତରଣୀକୁ ନିଷ୍କାସିତ ହେଉଛି । ଡୁକୁରା ଓ ଖୁଣ୍ଟା ଅଞ୍ଚଳରେ ବର୍ଷା ଯୋଗୁଁ ଗଙ୍ଗାହାର ନଦୀ ଫୁଲିଛି । ବାରିପଦା ପୌରାଞ୍ଚଳରୁ ଜଳବନ୍ଦୀ ସମସ୍ୟା ଦୂର ହୋଇଛି । ଶୁନଗଡିଆ ଅଞ୍ଚଳରେ ରେଳ ଧାରଣା ପ୍ରାୟ ୫୦ ମିଟର ଦବିଯାଇଥିବାରୁ ଏସ.ପି.ଙ୍କ ସହ ଜିଲ୍ଲାପାଳ ସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପୂର୍ବ ବନ୍ୟାର କ୍ଷୟକ୍ଷତି ଆକଳନ ପାଇଁ କୃଷି ସର୍ଭେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଘରଭଙ୍ଗା ଓ ରିଲିଫ ସହାୟତା ରାଶି ତୁରନ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ପାଇଁ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ ହେମକାନ୍ତ ସୟ କହିଛନ୍ତି ।

ବେଆଇନ ବିଦେଶୀ ମଦ ଜବତ, ବିକ୍ରେତା ଗିରଫ

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ଥାନା, କେନ୍ଦୁମୁଣ୍ଡି ଅଞ୍ଚଳରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହାକୁ ଆଧାର କରି କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ କେନ୍ଦୁମୁଣ୍ଡି ସ୍ଥିତ ବିଷ୍ଣୁ ଚରଣ ଦେଓ (୩୯)ଙ୍କ ଦୋକାନରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଦୋକାନରୁ ବିଭିନ୍ନ ପ୍ରକାରର ବହୁ ପରିମାଣର ବିଦେଶୀ ମଦ ଜବତ କରାଯାଇଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ବିକ୍ରେତା ବିଷ୍ଣୁ ଚରଣ ଦେଓଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ କରଞ୍ଜିଆ ଥାନାରେ କେସ୍ ନମ୍ବର ୩୦୮/୨୬ମୂଳେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ତଦନ୍ତକାରୀ ଅଧିକାରୀ ସବ୍-ଇନ୍ସପେକ୍ଟର ଛବିଳ ନାଏକଙ୍କ ସମେତ ପୋଲିସ ଟିମ୍ ଏହି ଚଢ଼ାଉରେ ସାମିଲ ଥିଲେ। ପୋଲିସ ପକ୍ଷରୁ ବିଷ୍ଣୁଙ୍କୁ ନୋଟିସ୍ ପ୍ରଦାନ କରାଯିବା ସହ ଭବିଷ୍ୟତରେ ଏଭଳି ବେଆଇନ ଭାବେ ମଦ ବିକ୍ରି ନକରିବାକୁ ପରାମର୍ଶ ଦିଆଯାଇଛି ।

ଦେଓ ନଦୀକୁ ଡେଇଁଲେ ବ୍ୟକ୍ତି; ଉଦ୍ଧାର କଲା ଅଗ୍ନିଶମ ବିଭାଗ

ବାରିପଦା /ସାହାରପଡ଼ା(ଅମୃତମିଡିଆ): କେନ୍ଦୁଝର, ମୟୂରଭଞ୍ଜ ସୀମାନ୍ତ ଦେଇ ପ୍ରବାହିତ ଦେଓ ନଦୀ ଏବେ ଭୟଙ୍କର ରୂପ ଧାରଣ କରିଛି । ନଦୀରେ ପ୍ରବଳ ଜଳପ୍ରବାହ ଜାରି ରହିଥିବା ବେଳେ ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ପୋଲ ଉପରୁ ନଦୀକୁ ଡେଇଁଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡ଼ା ଫାଣ୍ଡି ଅଞ୍ଚଳର ଗୋରାଣ୍ଡିଯୋଡ଼ି ଗ୍ରାମର ରାଜ ନାଏକ ମୟୂରଭଞ୍ଜ ପଟେ ଥିବା ଦେଓ ନଦୀ ପୋଲ ଉପରେ ନିଜ ସାଇକେଲ ଓ ଚପଲ ରଖି ନଦୀକୁ ଡେଇଁଥିବା ର ଜଣାପଡ଼ିଛି । ସେ ନିଶାଶକ୍ତ ଅବସ୍ଥାରେ ଥିବା ମଧ୍ୟ ସୂଚନା



ମିଳିଛି । ଘଟଣା ସମ୍ପର୍କରେ ଖବର ପାଇ ସାହାରପଡ଼ା ଫାଣ୍ଡିର ଏଏସ୍ଆଇ ପଞ୍ଚମୀ ମହାନ୍ତଙ୍କ ସମେତ କରଞ୍ଜିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦେଓ ନଦୀରେ ପ୍ରବଳ ଜଳପ୍ରବାହ ଓ ଅଶାନ୍ତ ପରିସ୍ଥିତି ମଧ୍ୟରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସାହସିକତାର ସହ ଉଦ୍ଧାର କାର୍ଯ୍ୟ କରି ରାଜ ନାଏକଙ୍କୁ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ତାଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏପଟେ ଦେଓ ନଦୀରେ ଭୟଙ୍କର ଜଳପ୍ରବାହ ଜାରି ରହିଥିବା ସମୟରେ ପୋଲ ଉପରୁ ନଦୀକୁ ଡେଇଁବା ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଏଭଳି ସମୟରେ ନଦୀ ନିକଟକୁ ଯିବା କିମ୍ବା ପ୍ରବଳ ସ୍ରୋତରେ ପ୍ରବେଶ କରିବା ଅତ୍ୟନ୍ତ ବିପଦଜନକ। ତେଣୁ ପୋଲର ଉଭୟ ପାର୍ଶ୍ୱରେ ପୁଲିସ ଓ ପ୍ରଶାସନ ପକ୍ଷରୁ ନଜରଦାରୀ ବଢ଼ାଇବା ସହ ଲୋକଙ୍କୁ ନଦୀ ନିକଟକୁ ନଯିବା ପାଇଁ ସଚେତନ କରିବାକୁ ସାଧାରଣରେ ଦାବି ହୋଇଛି।

୧୧ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘ ତରଫରୁ ବିଶାଳ ପ୍ରତିବାଦ ସଭା

ବାରିପଦା (ଅମୃତମିଡିଆ): ମୟୂରଭଂଜ ଜିଲ୍ଲାର ସଦର ମହକୁମା ବାରିପଦାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୧ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘ ସଂଲଗ୍ନ ସମସ୍ତ ସଂଗଠନ ତରଫରୁ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଦଳର ନେତୃତ୍ୱ ୧୧ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ,କେନ୍ଦ୍ର ଶ୍ରମ ମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଦାବି ଗୁଡାକ ହେଲା ଇଏସଆଇସି ଦରମା ୨୧ ହଜାରରୁ ୩୦ ହଜାର ବୃଦ୍ଧି,ଇପିଏଫ ପେନସନ

୧୦୦୦ ଟଙ୍କାରୁ ୭୫୦୦ ଟଙ୍କା ବୃଦ୍ଧି,ଇପିଏଫ ମଜୁରି ୧୫ ହଜାରରୁ ୩୦ ହଜାର ଟଙ୍କା,ବୋନସ ଗଣନା ସିମା ୭ ହଜାରରୁ ୧୮ ହଜାର ଟଙ୍କା ବୃଦ୍ଧି,ବୋନସ ଯୋଗ୍ୟତା ସିମା ୨୧ ହଜାରରୁ ୪୨ ହଜାର ଟଙ୍କା ବୃଦ୍ଧି,ଝିମ ଶ୍ରମିକ (ଅଙ୍ଗନବାଡ଼ି,ଆଶାଦିଦି) ମାନଙ୍କୁ ନିୟମିତ କରିବା,ସେମାନଙ୍କ ଦେୟ ବୃଦ୍ଧି କରିବା,ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ସମାନ କାମକୁ ସମାନ ଦରମା ସୁନିଶ୍ଚିତ କରିବା, ଶ୍ରମ ଆଇନରୁ ଶ୍ରମ ବିରୋଧି କୋଡ଼ ଉଚ୍ଛେଦ କରିବା,ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ସପ୍ତାହରେ ୫ ଦିନ କାମ କରିବା,ଗ୍ରାଚ୍ୟୁଇଟି ୪୦ ଲକ୍ଷ ଟଙ୍କା ବୃଦ୍ଧି କରିବା ଇତ୍ୟାଦି ।ସରକାର ଯଦି ସେମାନଙ୍କ ଦାବି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ନ ଦିଅନ୍ତି ତାହାହେଲେ ଆଗାମି ଦିନରେ ଦାବି ହାସଲ ପାଇଁ ତିବ୍ର ଆନ୍ଦୋଳନ କରାଯିବ ବୋଲି ଏମଏସ ରାଜ୍ୟ ନେତା ନିଗମାନନ୍ଦ ପଟନାୟକ,ଜିଲ୍ଲା ସଭାପତି ବୋଧ୍ ରଜତ ମହାନ୍ତି,ସଂପାଦକ ମେଘନାଦ ମାଝୀ,ହେମଲତା ମିଶ୍ର,ମନୋରମା ବେହେରା,ନିଳାଦ୍ରି ପାତ୍ର,ଦେବାଶିଷ ନାଏକ, ଏମଏସ ଅନୁବନ୍ଧିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସଦସ୍ୟ ସାମିଲ ହୋଇଥିଲେ ।

ପାଞ୍ଚପିଢ଼ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ପ୍ରବଳ ବନ୍ୟା

- ବନ୍ୟା ପାଣିରେ ବୁଡିଛି ୪୦ ଟି ଗାଁ
- କଲବଲ ହେଉଛନ୍ତି ୬୬ ହଜାର ଲୋକ
- ଭୋକ ଉପାସରେ ୨୦ ହଜାର ଗାଈଗୋରୁ
- ସାପ ଓ କୁମ୍ଭୀରକୁ ନେଇ ଭୟଭୀତ ଅଞ୍ଚଳବାସୀ

ଆଳି (ଅମୃତ ମିଡିଆ): ପ୍ରଥମ ଓ ଦ୍ୱିତୀୟ ବନ୍ୟା ଦାଉରୁ ସାଧାରଣ ଲୋକ ମାନେ ମୁକୁଳି ପାରି ନ ଥିବା ବେଳେ ତୃତୀୟ ବନ୍ୟା ଆସି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ୨୨ ଟି ଗ୍ରାମ ପଞ୍ଚାୟତର ୪୦ ଟି ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ବୁଡାଇ ଦେଇଛି । ୨୨ ଟି ପଞ୍ଚାୟତର ୭୦ ହଜାର ଲୋକ ପାଣି ଘେରରେ ରହିଥିବା ବେଳେ ୨୦ ହଜାର ଗୃହ ପାଳିତ ପଶୁ ଗୁହାଳରେ ବନ୍ଧା ହୋଇ ଭୋକ ଉପାସରେ ପଡି ରହିଛନ୍ତି । ଆଳି ଅଞ୍ଚଳରେ ପ୍ରବାହିତ ସମସ୍ତ ନଦୀ ଏବେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ତିନୋଟି ନଦୀରେ ବନ୍ୟା ଆସିବା ଯୋଗୁଁ ଆଳିର ୨୨ ଟି ପଞ୍ଚାୟତର ୭୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । କାଣୀନଦୀରେ ବନ୍ୟା ଆସି ଆଳି ଧୋୟାଞ୍ଚଳର ମୁଖ୍ୟ ରାସ୍ତା ମାନପୁର -ଗୋବିନ୍ଦପୁର ରାସ୍ତା ସମ୍ପୂର୍ଣ୍ଣ ଭାବେ ବୁଡିଯାଇଥିବା ବେଳେ ଡ଼ଙ୍ଗା ଏକମାତ୍ର ଯାତାୟାତର ମାଧ୍ୟମ ସାଜିଛି । ମାନପୁର ଘୋଷରା ନିକଟରେ ଡ଼ଙ୍ଗାରେ ଦୁଇଶହ ଟଙ୍କା ଖର୍ଚ୍ଚ କରି ଯାତାୟାତ କରୁଛନ୍ତି ଅଞ୍ଚଳବାସୀ । ବନ୍ୟା ଯୋଗୁଁ ଭୂଇଁପୁର ପଞ୍ଚାୟତର କଳମଡ଼ା ଶାସନ, ମାନପୁର, ଡ଼ିମିରିପାଳ, ଅରଗଳ, ପଦନୀପାଳ, ସଂସିଧା, ପେଡପଡା, ଜୁଆଣିଆ, ଗୋବିନ୍ଦପୁର, ଦେସାହି, କେଉଆପାଳ, ପାଲିମି, ଏରଡ଼ଙ୍ଗ ଆଦି ୧୨ ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଛି । ବନ୍ୟାଜଳରେ ରାସ୍ତା, ଘାଟ, ଘର, ଚାଷ ଜମି ସବୁକିଛି ସମାନ ହୋଇଯାଇଛି ଷ ସେହିପରି ବ୍ରାହ୍ମଣୀ ନଦୀକୂଳରେ ଥିବା ପତ୍ରପୁର ପଞ୍ଚାୟତର ଦରଘାସାହିର ପ୍ରାୟ ୪୦ ପରିବାର ଏବେ ପାଣିଘେରରେ ରହିଛନ୍ତି । ସେହିପରି ନରେନ୍ଦ୍ରପୁର ପଞ୍ଚାୟତର ଗୋପାଳପୁରର , କଅଁରପୁର ଓ ନରେନ୍ଦ୍ରପୁର ଗ୍ରାମର ପ୍ରାୟ ଚାରିଶହ ପରିବାର ପାଣି ଘେରରେ ରହିଛନ୍ତି । ଗୋଟିଏ ଘରୁ ଅନ୍ୟ ଘରକୁ ଯିବା ମଧ୍ୟ ଅସମ୍ଭବ । ବନ୍ୟା ଯୋଗୁଁ ଗାଁ ରାସ୍ତା ବୁଡିଯିବା ଯୋଗୁଁ ପେଟେ ଲେଖାଁ ପାଣିରେ ପଶିଯିବା ଆସିବା କରୁଛନ୍ତି ଗ୍ରାମବାସୀ । ସେହିପରି ମାଣିକପାଟଣା ପଞ୍ଚାୟତର ୯ନମ୍ବର, ୧୨ ନମ୍ବର ଓ ୧୩ ନମ୍ବର ୱାର୍ଡରେରେ ଥିବା ତିନିଶହରୁ ଊର୍ଦ୍ଧ୍ୱ ପରିବାର ବନ୍ୟାଜଳ ଘେରରେ । ବଡାମ୍ବିଳା ପଞ୍ଚାୟତର ସାହୁପଡ଼ା ଗ୍ରାମଟି ବ୍ରାହ୍ମଣୀ ନଦୀ ଅବବାହିକାରେ ରହୁଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ଅବସ୍ଥାରେ । କୋଳିଡ଼ିହ ପଞ୍ଚାୟତର ବିଜୟନଗର, ଦିନିଆରି, ତଅଁଳାଡିହା, ଇଚ୍ଛାପୁର ଓ ଜାମୁଦଙ୍ଗା ଗ୍ରାମଟି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ସେହିପରି ଖରସ୍ରୋତା ନଦୀର ଜଳସ୍ତର ବୃଦ୍ଧି ପାଇ ବଡ଼ମୂଳସାହି ଗ୍ରାମର ଅନେକ ଘର ବୁଡି ରହିଥିବା ବେଳେ ଖଣ୍ଡିଆପାଟଣା ଗ୍ରାମର ଲୋକଙ୍କ ଘର ଚାରିପଟେ ବନ୍ୟାପାଣି ବୁଡି ରହିଛି । ବନ୍ୟା ଯୋଗୁଁ ଅନେକ ଘର ପାଣିରେ ବୁଡି ରହିଥିବା ବେଳେ ଅନେକ କଚାଘର ଭାଙ୍ଗିଯାଇଛି । ଘରେ ପାଣି ପଶି ଯାଇଥିବା ବେଳେ ଚୁଲିରେ ପାଣି ପଶି ଯାଇଥିବରୁ ରୋଷେଇ ବନ୍ଦ ହୋଇଯାଇଛି । ଘରୁ ବାହାରକୁ ବାହାରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବା ମଧ୍ୟ ସେମାନଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିବା ବେଳେ ପ୍ରଶାସନିକ ଅଧିକାରୀ ମାନେ ବନ୍ୟାବିପନ୍ନ ମାନଙ୍କ ନିକଟରେ ପହଞ୍ଚି ନ ଥିବା ନେଇ ଅଭିଯୋଗ କରିଛନ୍ତି । ଆଳି ଧୋୟାଞ୍ଚଳ ବାସୀ ପ୍ରାୟ ତିନି ସପ୍ତାହ ହେବ ଜଳବନ୍ଦୀ ଥିବା ବେଳେ ସେମାନଙ୍କୁ ଯେଉଁ ସହାୟତା ଦିଆଯାଇଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି ବନ୍ୟା ବିପନ୍ନ ଅଭିଯୋଗ କରିଛନ୍ତି । ଅଧକେଜି ଚୁଡା ଓ ପଚାଶ ଗ୍ରାମ ଗୁଡ଼ ଦେଇ ପ୍ରଶାସନ ସାଧାରଣ ଲୋକଙ୍କୁ ଦେଇ ବସି ଯାଇଥିବା ବେଳେ ଗୁହାଳରେ ବନ୍ଧା ହୋଇଥିବା ଗାଈଗୋରୁ କୋଡିଏ ଦିନ ହେବ ଗୁହାଳରେ ଥିବା ବେଳେ ୩ କେଜି ଗୋଖାଦ୍ୟ ଦେଇ ଦାୟିତ୍ୱ ସାରିଦେଇଛି ପ୍ରଶାସନ । ତୃତୀୟ ବନ୍ୟା ଆସି ତିନି ଦିନ ହେବ ଅଞ୍ଚଳରେ ପ୍ରବଳ ବନ୍ୟା ପରିସ୍ଥିତି ଦେଖା ଦେଇଥିବା ବେଳେ ଏ ଯାଏଁ ପ୍ରଶାସନ ପକ୍ଷରୁ କିଛି ସହାୟତା ଦିଆ ଯାଇନି । ଯାହାଫଳରେ ଲୋକମାନେ ଭୋକ ଉପାସରେ ରହିଛନ୍ତି । ଏ ନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ବନ୍ୟାରେ ୨୨ ଟି ପଞ୍ଚାୟତର ୪୦ ଟି ଗାଁର ୬୬ ହଜାର ଲୋକଙ୍କ ନିମନ୍ତେ ଚୁଡା, ଗୁଡ଼, ବିସ୍କୁଟ ଓ ପାଣି ଆସିଛି । ସେହିପରି ଗାଈ ଗୋରୁଙ୍କ ପାଇଁ ଗୋଖାଦ୍ୟ ଆସିଛି । ପ୍ରତି ପଞ୍ଚାୟତର ଜରୁରୀ କାର୍ଯ୍ୟ ନିମନ୍ତେ ଗୋଟିଏ ଲେଖା ଡ଼ଙ୍ଗା ଯୋଗାଇ ଦିଆଯାଇଥିବା ନେଇ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ସୂଚନା ଦେଇଛନ୍ତି ।

କାର୍ ସହ ୩୦ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ଭଞ୍ଜନଗର (ଅମୃତ ମିଡିଆ): କନ୍ଧମାଳରୁ ମହାରାଷ୍ଟ୍ର ଅଭିମୁଖେ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଭଞ୍ଜନଗର ଓଆଇସି ବିଭୁପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ଗଂଜାମ ଜିଲ୍ଲା ଭଂଜନଗର ଅବକାରୀ ପୋଲିସ ହାତରେ ଧରାପଡ଼ିଛନ୍ତି ସଂପୃକ୍ତ ଚାଲାଣକାରୀ ମାନେ । ଘଟଣା ପ୍ରକାରେ ଅଭିଯୁକ୍ତ ମାନେ ଏକ କାର୍‌ରେ ଗଞ୍ଜେଇ ଧରି କନ୍ଧମାଳରୁ ଆସୁଥିବା ବେଳେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିକଟସ୍ଥ ଶ୍ରୀରାମ ନଗର ବିଜ ନିକଟରେ ଗାଡ଼ିକୁ ଯାଞ୍ଚ କରିଥିଲା ଭଂଜନଗର ଅବକାରୀ ପୋଲିସ । ଘଟଣା ସ୍ଥଳରୁ କାର୍ ଭିତରୁ ଦୁଇଟି ବସ୍ତା ରେ ଥିବା ୩୦ କିଲୋ ଗଞ୍ଜେଇ ଜବତ କରିଥିଲା ଅବକାରୀ ପୋଲିସ । ଏହାସହ କାର୍‌କୁ ମଧ୍ୟ ଜବତ କରିବା ସହ, ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ଅବକାରୀ ପୋଲିସ । ଗିରଫ ଅଭିଯୁକ୍ତ ମାନେ ମହାରାଷ୍ଟ୍ର ଅଞ୍ଚଳର ହୋଇଥିବା ବେଳେ, ସେମାନେ ସେହି ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବାର ସୂଚନା ଦେଇଛନ୍ତି ଭଞ୍ଜନଗର ଅବକାରୀ ଓଆଇସି ଶ୍ରୀ ସାହୁ ଚଢାଉରେ ଭଞ୍ଜନଗର ଅବକାରୀ ଥାନାର ଏଏସଆଇ ବହୁମୂଲ୍ୟ ପରିଛା, ମନୋରଞ୍ଜନ ସେଠୀ ଏବଂ ନରେନ୍ଦ୍ର ଶବର ପ୍ରମୁଖ ସାମିଲ ଥିଲେ ।

ଭଗବାନ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ (ବ୍ୟୁରୋ): ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ମାନବ ସମ୍ବଳ ବିକାଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଭଗବାନ ଗୌତମ ବୁଦ୍ଧଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଉତ୍କଳ ଗ୍ରାମ ସ୍ୱରାଜ୍ୟର ସଭାପତି କଳିଙ୍ଗରତ୍ନ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱ ଏବଂ ଅଧ୍ୟକ୍ଷା ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଟକୁରାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ସାହିତ୍ୟିକ ତଥା ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତି ନିକେତନର ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ, ବିଶିଷ୍ଟ ଅତିଥି ଭାବେ କୈବଲ୍ୟ ସାହିତ୍ୟ ସଂସଦର ସଭାପତି ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ଶ୍ରୀଯୁକ୍ତ ସନ୍ନ୍ୟାସୀ ବେହେରା, ସାହିତ୍ୟିକ ଶ୍ରୀଯୁକ୍ତ ସୁକୁମାର ସାମଲ, ଅଧ୍ୟାତ୍ମ ସାଧକ ତଥା ଆଧ୍ୟାତ୍ମିକ ପତ୍ରିକା ବିଭୁବୈଭବର ସମ୍ପାଦକ ଡକ୍ଟର ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଶିକ୍ଷାବିତ ଗଗନ ବିହାରୀ ସ୍ୱାଇଁ, କବି ଗୌତମ ଜେନା, ପ୍ରାକ୍ତନ ଆରକ୍ଷୀ ଅଧିକାରୀ ସହଦେବ ପରିଡା ପ୍ରମୁଖ ଭଗବାନ ବୁଦ୍ଧଙ୍କର ଦର୍ଶନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉଚ୍ଚବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନଙ୍କ ସହଯୋଗରେ ଉତ୍ସବ ପାଳନ କରାଯାଇଥିଲା।

ହୁମ୍ମାରେ ଆର୍ଥିକ ସାକ୍ଷରତା ଓ ସାଇବର ସୁରକ୍ଷା ସଚେତନତା

ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାର ହୁମ୍ମାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଉଚ୍ଚ ବିଦ୍ୟାଳୟ ପରିସରରେ ଆର୍ଥିକ ସାକ୍ଷରତା ଅଭିଯାନ, ସାଇବର ସୁରକ୍ଷା ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ସମାଜ ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାଶ, ଏଏସ୍ ?ପି ଛତ୍ରପୁର ସି.ଏଚ୍. ଜଖ୍ମାହାର ଏବଂ ସାଇବର ପୋଲିସ ଷ୍ଟେସନ, ଛତ୍ରପୁରର ଏସ୍ ?ଆଇ କିରଣ ଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସଚେତନତା ଓ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।ବିଶେଷକରି ଡିଜିଟାଲ୍ ଯୁଗରେ ଅନଲାଇନ୍ ଆର୍ଥିକ କାରବାର ସମୟରେ ସତର୍କତା, ବ୍ୟାଙ୍କିଙ୍ଗ୍ ସେବାର ସୁରକ୍ଷିତ ବ୍ୟବହାର, ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବା ଏବଂ ସନ୍ଦେହଜନକ ଲିଙ୍କ୍, କଲ୍ ? ଓ ବାର୍ତ୍ତା ପ୍ରତି ସତର୍କ ରହିବା ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହାସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ ସୁଦାମ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

ଜଳସେଚନ ସମସ୍ୟା : ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର

ବେଗୁନିଆପଡା (ଅମୃତ ମିଡିଆ): ଜଗତା କେନାଲ ନାଳରେ ପାଣି ନଆସିବା ଏବଂ ଜଳସେଚନ ସମସ୍ୟା ନେଇ ଗଞ୍ଜାମ ଜିଲ୍ଲା କୋଦଳା ତହସିଲ ଅଧିନସ୍ଥ ଫାସି, ବିଲିପଡ଼ା ଓ ନାଠୁଳି ରଘୁନାଥପୁର ଗ୍ରାମବାସୀ ଚାଷୀମାନେ ମିଳିତ ହୋଇ ମଙ୍ଗଳବାର ଦିନ କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରାପ୍ତ ସୂଚନାରୁ ପ୍ରକାଶ ଉପରୋକ୍ତ ଗ୍ରାମ ଗୁଡିକରେ ପ୍ରାୟ ୧୦୦୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ଅଛି । ବର୍ଷା ଲୁଚକାଳି ଖେଳରେ ଚଳିତ ଧାନ ଫସଲ ପାଇଁ ଚାଷୀମାନେ ଜଗତା କେନାଲ ଉପରେ ନିର୍ଭର କରିଛନ୍ତି । କିନ୍ତୁ ଉପରମୁଣ୍ଡରେ ଥିବା ଫାସି ଗ୍ରାମର ଦୋକାନୀ ମାନେ ଉକ୍ତ କେନାଲ ନାଳ ଉପରେ ଆବର୍ଜନା ପକାଇ ନାଳକୁ ଜାମ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ନାଳ ଜାମ ଯୋଗୁଁ ଚାଷୀଙ୍କ ଜମିରେ ପାଣିମାଡୁନୀ, ପାଣି ର ଅଭାବରେ ଧାନ ରୁଆରେ ବ୍ୟାଘାତ ଘଟି ଫସଲ ହାନି ହୋଇ ନାନାଦି ସମସ୍ୟାର ସମୁଖୀନ ହେଉଛନ୍ତି । ତେଣୁ ଏଥିରେ ହସ୍ତକ୍ଷପ ଚାଷୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ଜମିକୁ ପାଣିର ସୁବିଧା କରାଇବାକୁ କୋଦଳା ତହସିଲଦାର ଶ୍ରୀ ରାଉତରାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସରକାରୀ ମାଧ୍ୟମିକ ଓ ପ୍ରଶିକ୍ଷଣ ବିଦ୍ୟାଳୟର ବନ୍ଧୁମିଳନ କାର୍ଯ୍ୟକ୍ରମ 'କୁଇନ୍ସ ଶ୍ରାବଣ ମିଳନ'

ବ୍ରହ୍ମପୁର (ଅମୃତ ମିଡିଆ): ଗିରି ରୋଡ ସ୍ଥିତ ସରକାରୀ ମାଧ୍ୟମିକ ଓ ପ୍ରଶିକ୍ଷଣ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ବନ୍ଧୁ ମିଳନ କାର୍ଯ୍ୟ କ୍ରମ 'କୁଇନ୍ସ ଶ୍ରାବଣ ମିଳନ ' ଭୁବନେଶ୍ୱର ଠାରେ ଥିବା ହୋଟେଲ ବେଲ ଫୋର୍ଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୯୮୬ ଦଶମ ବ୍ୟାଚ୍ ର ପ୍ରାୟ ୪୦ ଜଣ ଛାତ୍ରୀ ଯୋଗଦାନ କରିଥିଲେ । ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦ୍ୱୀପ ପ୍ରଜ୍ୱଳନ କରି ସ୍କୁଲର ପ୍ରାର୍ଥନା ଆହେ ଦୟାମୟ ବିଶ୍ୱ ବିହାରୀ ଗାନ କରାଯାଇଥିଲା । ପରେ ପରେ ରଶ୍ମିତା ପାଣିଗ୍ରାହୀ ଅନୁଷ୍ଠାନିକ ଭାବେ ସମସ୍ତଙ୍କୁ ସ୍ୱାଗତ କରିଥିଲେ. ମୌସୁମୀ ସେଠି ପୁରୁଣା ଦିନର ସ୍ମୃତି କୁ ମନେପକାଇ ସମସ୍ତଙ୍କୁ ଅତୀତ କୁ ଫେରାଇନେଇଥିଲେ. ପରେ ପରେ କବୟତ୍ରୀ ବିନୋଦିନୀ ଗଉଡଙ୍କ ହସ୍ତଲେଖା କବିତା ପାଠ ସହ ନୃତ୍ୟ ଗୀତର ଆସର ଜମି ଥିଲା । ରଶ୍ମିତା ଓ ସ୍ୱର୍ଣ୍ଣ ର ରଙ୍ଗବତୀ ନୃତ୍ୟ ସ୍ୱର୍ଣ୍ଣ ସହ ମମତା ପଟ୍ଟନାୟକ, ଶୋଭନା ଏବଂ ଅନ୍ୟ ନୃତ୍ୟରେ ମଧୁଲିତା, ମମତା ମହାନ୍ତି, ଚେତନା, ଜୟଶ୍ରୀ, ମୌସୁମୀଙ୍କ ସହ ସମସ୍ତ ସଙ୍ଗିନୀ ଶ୍ରାବଣ ନୃତ୍ୟର ମଜା ନେଇଥିଲେ। ସାଗରିକା ମହାନ୍ତି, ଅପର୍ଣ୍ଣା, ସୁଚେତା, ଇନ୍ଦିରା ଓ ଅଂଶୁମାଳୀର ଭଜନ ସମସ୍ତଙ୍କ ମନକୁ ଛୁଇଁ ଥିଲା । ଆୟୋଜକ ମଣ୍ଡଳୀ ତଥା ମମତା, ଜୟଶ୍ରୀ, ଚେତନା, ମୋ ?ସୁମି,ମଧୁଲିତାଙ୍କ ଦ୍ୱାରା ଖେଳ ଆୟୋଜନ ହୋଇଥିଲା । ନାରୀ ସଶକ୍ତିକରଣ ସ୍ୱରୂପ ରଶ୍ମିତା, ମମତା , ସ୍ୱର୍ଣ୍ଣ ଓ ମଧୁଲିତାଙ୍କ ଦ୍ୱାରା ବେଶ ମଜ ।ଦାର ଗୀତିନାଟ୍ୟ ପେଟେଣ୍ଟ ମେଡ଼ିସିନ ପରିବେଷଣ କରାଯାଇଥିଲା । ସୁଦୂର ମୁମ୍ବାଇ ରୁ ଗାୟିକା ସାଗରୀକା ଓ ହାଇଦ୍ରାବାଦରୁ ସୀତାରାଙ୍କ ଉପସ୍ଥିତି ସମସ୍ତଙ୍କୁ ବହୁତ ଖୁସି କରାଇଦେଇଥିଲା । ଶେଷରେ ଛେନାପୋଡ଼ କାଟି ସ୍ୱର୍ଣ୍ଣ ଦ୍ୱାରା ଶ୍ରାବଣ ମିଳନ କୁ ସମାପ୍ତ କରାଯାଇଥିଲା । ଚାରି ଦଶନ୍ଧିର ବନ୍ଧୁତ୍ୟ ର ଦ୍ୱାହି ଦେଇ ସମସ୍ତ ସଙ୍ଗିନୀ ପୁଣି ମିଶିବାର ସୁଯୋଗ ପାଇଥିବାରୁ ଖୁସିବ୍ୟକ୍ତ କରିଥିଲେ।

କୈବର୍ତ୍ତ ଭବନଠାରେ ୮୦ତମ ସ୍ୱାଧୀନତା ଦିବସ

ବ୍ରହ୍ମପୁର (ଅମୃତ ମିଡିଆ): କେ ସୁବାଣୀ ସ୍ଥିତ କୈବର୍ତ୍ତ ସମାଜ ତରଫରୁ ଭାରତର ଅଶୀତମ ସ୍ୱଧିନତା ଦିବସ ପାଳନ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟକ ଶ୍ରୀ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତକା ଉତ୍ତଳନ କରିଥିଲେ ଏବଂ ସ୍ୱାଧୀନତା ଦିବସ ପାଳନ ର ଗୁରୁତ୍ୱ ତଥା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ସମ୍ପର୍କ ରେ ଉଦବୋଧନ ଦେଇଥିଲେ ଷଏହାପରେ ଦକ୍ଷିଣ ଓଡିଶା କୈବର୍ତ୍ତ ସଙ୍ଘ ର ଉପଦେଷ୍ଟା ଶ୍ରୀ ଜଗବନ୍ଧୁ ବେହେରା ଗଞ୍ଜାମ ତଥା ଦକ୍ଷିଣ ଓଡିଶା ର ବୀର ପୁତ୍ର ମାନଙ୍କ ଦେଶ ର ସ୍ୱାଧୀନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ ବୋଲି ମତ ପ୍ରକାଶ କରିଥିଲେ । ପତାକା ଉତୋଳନ କାର୍ଯ୍ୟକ୍ରମରେ ନରସିଂହ ବେହେରା, ସଭାପତି, ନାଥ ବେହେରା ଉପସଭାପତି, ସତ୍ୟବାଦୀ ବେହେରା ଉପଦେଷ୍ଟା ଓ ସୂର୍ଯ୍ୟ ନାରାୟଣ ବେହେରାଙ୍କ ସମେତ ଶତାଧିକ କୈବର୍ତ୍ତ ଜାତିର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

ଦେଢ଼କୋଟି ଟଙ୍କାର ସାମଗ୍ରୀ ହେରଫେର ଠକେଇ ଅଭିଯୋଗ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଳି ବାଇପାସ୍ ରୋଡ୍‌ରେ ଥିବା 'ଗ୍ଲୋବାଲ୍ ଏଣ୍ଟରପ୍ରାଇଜେସ୍' କାରଖାନାରୁ ପ୍ରାୟ ଦେଢ଼ କୋଟି ଟଙ୍କାର ସାମଗ୍ରୀ ହେରଫେର ଓ ଠକେଇ କରିବା ଏବଂ ଉକ୍ତ କାରଖାନାର ମାଲିକକୁ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସକୁ ସଫଳତା । ଖବର ଅନୁଯାୟୀ ଉକ୍ତ କାରଖାନାରେ କାମକରୁଥିବା ପୂର୍ବତନ କର୍ମଚାରୀ ସରୋଜ କୁମାର ସାହୁ (୩୨) ଦେଢ଼ କୋଟି ଟଙ୍କାର ଠକେଇ କରିବା ସହ ମାଲିକଙ୍କୁ ଧମକ ମଧ୍ୟ ଦେଇଥିଲେ । ଏହି ଘଟଣାରେ ବୈଦ୍ୟନାଥପୁର ପୋଲିସ ତଦନ୍ତ କରି ଆଜି ଅଭିଯୁକ୍ତ ସରୋଜ କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

୧୪୦ ଦିନରେ ସଚେତନତା ସତ୍ୟାଗ୍ରହ ପଦଯାତ୍ରା

ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଦାବି

ପୁରୀ (ବ୍ୟୁରୋ): ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ଓ ସ୍ଥାୟୀ ବ୍ୟବସ୍ଥା ଦାବିରେ ଚାଲିଥିବା ଅହିଂସାମୂଳକ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୪୦ତମ ଦିନରେ ପହଞ୍ଚିଛି । ଏପ୍ରିଲ ୧, ଉତ୍କଳ ଦିବସଠାରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପ୍ରତିଦିନ ଏହି ପଦଯାତ୍ରା ଜାରି ରହିଛି । ଆଜି ସତ୍ୟାଗ୍ରହୀ ପଦଯାତ୍ରୀମାନେ ହାତରେ ଆଧାର କାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ପଶ୍ଚିମ ଦ୍ୱାରରେ ପହଞ୍ଚିଥିଲେ । ଆଧାର କାର୍ଡ ଦେଖାଇ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଘଣ୍ଟି ଦ୍ୱାର ଦେଇ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଆଜି ଆଧାର କାର୍ଡ ଦେଖାଇ ପ୍ରବେଶର ସୁଯୋଗ ମିଳିଥିଲେ ମଧ୍ୟ ଅନ୍ୟ ସମୟରେ ପୁରୀବାସୀ ଆଧାର କାର୍ଡ ଦେଖାଇଲେ ମଧ୍ୟ ସେମାନଙ୍କୁ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବାକୁ ଦିଆଯାଉନାହିଁ । ତେଣୁ ଗୋଟିଏ କିମ୍ବା ଦୁଇ ଦିନର ସୁବିଧା ନୁହେଁ, ପୁରୀ ସହରବାସୀଙ୍କ ପାଇଁ ଆଧାର କାର୍ଡକୁ ପରିଚୟର ପ୍ରମାଣ ଭାବେ ଗ୍ରହଣ କରି ନିୟମିତ, ସ୍ୱଷ୍ଟ ଓ ସ୍ଥାୟୀ ପ୍ରବେଶ-ଦର୍ଶନ ବ୍ୟବସ୍ଥା କରାଯିବା ଦରକାର । ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, “ଶ୍ରୀମନ୍ଦିରର ନୀତିକାନ୍ତି, ପରମ୍ପରା ଓ ଧାର୍ମିକ ବ୍ୟବସ୍ଥା ପ୍ରତି ଆମର ସମ୍ପୂର୍ଣ୍ଣ ସମ୍ମାନ ରହିଛି । ଆମର ଲଢ଼େଇ ସତ୍ୟ ଓ ଅହିଂସାର ପଥରେ । ଆଜିର ପ୍ରବେଶ ଆମ ପାଇଁ ଆଶାର ସଙ୍କେତ, କିନ୍ତୁ ଆମ ଲକ୍ଷ୍ୟ ସ୍ଥାୟୀ ସମାଧାନ । ସରକାରୀ ସ୍ତରରେ ସ୍ପଷ୍ଟ ବ୍ୟବସ୍ଥା ଘୋଷଣା ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ ।” ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ଯାଦବାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ମିନାକ୍ଷୀ ଦାସ, ବନିତା ଦିକ୍ଷୀତ, ମନୀଷା ପାତ୍ର, ଚିକି ସାହୁ, ବର୍ଷା ପଣ୍ଡା, ସୌମ୍ୟା ସାହୁ, ବୈଶାଳୀ ପ୍ରଧାନ, ସ୍ନେହା ଦାସ, ମମତା ସ୍ୱାଇଁ, ଅଭିମନ୍ୟୁ ରାୟଗୁରୁ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ରମେଶ ଚନ୍ଦ୍ର ମହାନ୍ତି, ଯୁପିଟର ଦାସ, କିଶୋର ଚନ୍ଦ୍ର ଦାସ, ଅଭିମନ୍ୟୁ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ସନ୍ତୋଷ ସେନାପତି, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ । ୧୪୦ ଦିନ ଧରି ଅହିଂସାର ପଥରେ ଚାଲିଥିବା ଏହି ପଦଯାତ୍ରା ମାଧ୍ୟମରେ ପୁରୀବାସୀ ସ୍ଥାୟୀ ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥା ପାଇଁ ନିଜ ଦାବି ଉପସ୍ଥାପନ କରିଆସୁଛନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି ।
ପାଦ ଚାଲିବ—ଅହିଂସାର ପଥରେ ।
ଦାବି ରହିବ—ସ୍ଥାୟୀ ନ୍ୟାୟ ପାଇଁ ।

॥ ଅଁଳାବେଢ଼ା ଉପରେ ଯୁବକ ଚଢ଼ିବା ଘଟଣା ॥

ସୁରକ୍ଷାକର୍ମୀଙ୍କ କାର୍ଯ୍ୟାନୁଷ୍ଠାନ ଦାବିକଲେ ଆଇନଜୀବୀ

ମାନସିକସ୍ଥିତି ଠିକ୍ ନଥିବା କହି ଘଟଣାରୁ ନଜର ହଟାଇଲେ ଏସ୍‌ପି

ପୁରୀ (ବ୍ୟୁରୋ): କେତେ ସୁରକ୍ଷିତ ଆମ ମହାପ୍ରଭୁ, କେତେ ସୁରକ୍ଷିତ ଆମ ଶ୍ରୀମନ୍ଦିର ଆଉ କେତେ ସୁରକ୍ଷିତ ଶ୍ରୀମନ୍ଦିରକୁ ପ୍ରତ୍ୟକ ଦିନ ଆସୁଥିବା ଲକ୍ଷଲକ୍ଷ ଭକ୍ତ । ପୁଣି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ । ଗତକାଲି ଜଣେ ଯୁବକ ଶ୍ରୀମନ୍ଦିର ଅଁଳାବେଢା ଉପରେ ଚଢିଯିବାରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ଶ୍ରୀମନ୍ଦିର ସୁରକ୍ଷା ନେଇ ଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ବାଡଗ୍ରାହୀ ଚିନ୍ତା ପ୍ରକଟ କରିବା ସହ ଶ୍ରୀମନ୍ଦିରରୁ ମୋବାଇଲ୍ ଫୋନୋ ବାରଣ କଲେ ସୁରକ୍ଷାକର୍ମୀ ତାଙ୍କ କର୍ତ୍ତବ୍ୟରେ ଅବହେଳା କରିବେ ନାହିଁ ବୋଲି କହିଛନ୍ତି । ଅନ୍ୟପଟେ କର୍ତ୍ତବ୍ୟରେ ଅବହେଳା କରିଥିବା ସୁରକ୍ଷାକର୍ମୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଆଇନଜୀବୀ । ତେବେ ପ୍ରତ୍ୟକଥର ଭଳି ଗତକାଲି ଶ୍ରୀମନ୍ଦିର ଉପରେ ଚଢିଥିବା ଯୁବକଙ୍କ ମାନସିକ ସ୍ଥିତି ଠିକ୍ ନଥିବା ଏସପି କହିଥିବା ବେଳେ ମାଙ୍କଡ ମନିପର୍ସ ନେଇଯିବାରୁ ସେ ଶ୍ରୀମନ୍ଦିର ଉପରେ ଚଢିଥିଲେ ବୋଲି କହିଛନ୍ତି ଯୁବକ । ତେବେ ଆଗକୁ ସୁରକ୍ଷା ବ୍ୟବସ୍ଥା ମଜବୁତ କରାଯିବ ବୋଲି କହିଛନ୍ତି ପୁରୀ ଏସପି । ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ଗଳିଆ । ଗତକାଲି ଛତିଶଗଡର ମାଧବ ଗୋପୀନାଥ ନାୟକ ନାମକ ଜଣେ ଯୁବକ ଶ୍ରୀମନ୍ଦିର ଅଁଳାବେଢା ଉପରେ ଚଢିଯିବାରୁ ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କ ଅବହେଳା ତ ପଦାରେ ପଡିଲା ତାଠାରୁ ବଡ ପ୍ରଶ୍ନ ସୃଷ୍ଟି ହେଲା ଶ୍ରୀମନ୍ଦିରର ସୁରକ୍ଷାକୁ ନେଇ । ବାରମ୍ବାର ସୁରକ୍ଷା ବଳୟ ଭେଦକରି ଓ ସୁରକ୍ଷାକର୍ମୀଙ୍କ ଆଖିରେ ଆଙ୍ଗୁଠି ଗୋଞ୍ଜି ଶ୍ରୀମନ୍ଦିର ଉପରେ ଅନେକବାର ଏକାଧିକ ଲୋକ ଚଢିବା ଶ୍ରୀମନ୍ଦିର ସୁରକ୍ଷା ଉପରେ,ଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । କିନ୍ତୁ ଏହାର ସମାଧାନ କଣ ? କାହିଁକି ଏଭଳି ତ୍ରୁଟି ବାରମ୍ବାର ଶ୍ରୀମନ୍ଦିରରେ ହେଉଛି ? ଯାହାକୁ ନେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାଡଗ୍ରାହୀ ଚିନ୍ତାପ୍ରକଟ କରିଥିବା ବେଳେ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ଯିବା ଯୋଗୁଁ ସୁରକ୍ଷାକର୍ମୀ ଦାୟିତ୍ୱରେ ଅବହେଳା କରୁଥିବା କହିଛନ୍ତି ବରିଷ୍ଠ ସେବାୟତ । ଅନ୍ୟପଟେ କଡା ସୁରକ୍ଷା ମଧ୍ୟରେ ଅର୍ଥାତ ତ୍ରାସ୍ତରୀୟ ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ରହିଥିବା ବେଳେ ଓଡିଶା ପୋଲିସ,ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ,, ଜେଟିପି, ଜେଟିଏସ୍ ଏବଂ ଗୋଟିଏ ରକ୍ଷକ ଗାଡି ଶ୍ରୀମନ୍ଦିରକୁ ୨୪ ଘଣ୍ଟା ଜଗିରହୁଛି । ଏତେସବୁ ସୁରକ୍ଷା ସତ୍ତ୍ୱେ ଶ୍ରୀମନ୍ଦିର ଉପରେ ବାରମ୍ବାର ଲୋକ ଚଢିଯିବା ଯୋଗୁଁ ସୁରକ୍ଷାକର୍ମୀଙ୍କ ଅବହେଳାକୁ ଦାୟୀ କରି ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବୁଦ୍ଧିଜୀବୀ । ଗତକାଲି ଶ୍ରୀମନ୍ଦିର ଅଁଳାବେଢା ଉପରେ ଯୁବକ ଚଢିବା ଘଟଣାରେ କିଏ କହୁଛି ସତ ??? ଚଢିଥିବା ଯୁବକ ମାଧବ ଗୋପୀନାଥ ନାୟକ ନା ପୁରୀ ଏସପି ପ୍ରତୀକ୍ ସିଂ । ମାଙ୍କଡ ମନିପର୍ସ ନେଇଯିବାରୁ ଯୁବକ ଶ୍ରୀମନ୍ଦିର ଉପରେ ଚଢିଥିବା ଖୋଦ୍ କହୁଥିବା ବେଳେ ଏସପି କହିଛନ୍ତି ଯୁବକର ମାନସିକ ସ୍ଥିତି ଠିକ୍ ନଥିବାରୁ ସେ ମନ୍ଦିର ଉପରେ ଚଢିଥିଲେ । ବିପଦରେ ଶ୍ରୀମନ୍ଦିର ଆଉ ଅଚିନ୍ତାରେ ପୁରୀ ପୋଲିସ ପ୍ରଶାସନ । ଶ୍ରୀମନ୍ଦିର ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ସବୁବେଳେ ପ୍ରଶ୍ନ ଘେରରେ ଓ ବିବାଦରେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ । କେତେବେଳେ ବେଧଡକ ଭାବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଯାଇ ଭିତର ବେଢାର ଫଟୋ ଭାଇରାଲ୍ ହେଉଛି ତ ଆଉ କେତେବେଳେ ନୋ ଫ୍ଲାଇଁ ଜୋନ୍ ଘୋଷଣା ହୋଇଥିବା ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଛି,ଆଉ କେତେବେଳେ ଅଣହିନ୍ଦୁ ପ୍ରବେଶ ତ ଆଉ କେତେବେଳେ ସବୁ ସୁରକ୍ଷା ସୀମା ଟପି ଶ୍ରୀମନ୍ଦିର ଉପରେ ଚଢିଯାଉଛନ୍ତି ଲୋକେ । କେବଳ ମାମଲା ରୁଜୁ କରି ଚୁପ୍ ବସୁଛି ସିଂହଦ୍ୱାର ଥାନା ପୋଲିସ । ହେଲେ ଗତକାଲିର ଘଟଣା ସବୁ ସୀମା ପାର୍ କରିଥିବା ବେଳେ ଶ୍ରୀମନ୍ଦିର ସୁରକ୍ଷା ନେଇ ଏବେ ଆଶାଆଶଙ୍କା ଦେଖାଦେଇଛି । ତେବେ ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି ପୁରୀ ଏସପି ପ୍ରତୀକ୍ ସିଂ । ତେବେ ଚିରାଚରିତ ଢଙ୍ଗରେ ପ୍ରତ୍ୟକଥର ପରି ଗତକାଲି ଶ୍ରୀମନ୍ଦିର ଅଁଳାବେଢା ଉପରେ ଚଢିଥିବା ଯୁବକର ମାନସିକ ସ୍ଥିତି ଠିକ୍ ନଥିବା କେବେ ସୁରକ୍ଷାକୁ ଆହୁରି କଡାକଡି କରାଯିବ ବୋଲି ଏସପି କହିଛନ୍ତି । ଶ୍ରୀମନ୍ଦିର ପ୍ରତି କାହିଁକି ଯତ୍ନବାନ ନୁହେଁ ପୋଲିସ ପ୍ରଶାସନ ? ଜାତୀୟ ଗୁଇନ୍ଦା ବିଭାଗର ଆତଙ୍କବାଦୀ ଆକ୍ରମଣ ସତର୍କତାକୁ ଭୁଲି ଯାଉଛି କି ପୋଲିସ ପ୍ରଶାସନ ? ଶ୍ରୀମନ୍ଦିର ପ୍ରତି ଲଗାତାର ଅବହେଳା ବିପଦକୁ ହାତଠାରି ଡାକୁନି କି ?

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ନବନିର୍ମିତ ଗୃହ ଉଦ୍‌ଘାଟିତ

ମାଟ୍ରିକ ‘ଏ୧’ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୁରୀ (ବ୍ୟୁରୋ): ପୁରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ନବ ନିର୍ମିତ ଗୃହର ଶୁଭ ଉଦଘାଟନ ହୋଇଯାଇଛି । ଏହି ଅବସରରେ ପୁରୀ ଟାଉନ୍ ହଲ୍ ଠାରେ ଦଶମ-ଶ୍ରୀ.୦ ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଓ ଗତ ମାଟ୍ରିକ ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟରୁ ‘ଏ୧’ ଗ୍ରେଡ୍ ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବିଭିନ୍ନ ବିଷୟରେ ଉତ୍କର୍ଷ ପ୍ରତିପାଦନ କରିଥିବା ୨୧ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ତଥା ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ପ୍ରଦାନ କରିଥିବା ୧୧୧ ଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ- ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧତ କରାଯାଇଛି । ଜିଲ୍ଲାରେ ‘ଏ୧’ ଗ୍ରେଡ୍ ହାର ବୃଦ୍ଧି, ବିଦ୍ୟାଳୟ ମାନଙ୍କରେ ଶୂନ୍ୟ ପ୍ରତିଶତ ଛାତ୍ରଛାତ୍ରୀ ମାନଙ୍କ ଅନୁପସ୍ଥିତି ଓ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ପ୍ରାପ୍ତି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଅଟେ । ଏହି କାର୍ଯ୍ୟକ୍ରମ ସାମଗ୍ରୀକ ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସଭାପତିତ୍ୱ ଦିଗଦର୍ଶନ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଜିଲ୍ଲାପାଳ ମହୋଦୟ ସୁନ୍ଦର ଉଦାହରଣ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟବସାୟ ବଳରେ ନିଜ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ ମୟ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ ଉଦଘାଟକ ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦାନ କରି ନୂତନ ଗୃହ ଉଦଘାଟନ କରିଥିଲେ । ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଲିମ ଓ ପ୍ରେରଣା ପ୍ରଦାନ କରାଗଲେ ନିଶ୍ଚିତ ଭାବରେ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଉପ୍ରେକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ମେଧାବୀ ଛାତ୍ର ଏବେ ଠାରୁ ଲକ୍ଷ୍ୟ ପ୍ରତି ଉଦ୍ୟମ ଜାରି ରଖିଲେ ଦେଶ ଓ ଜାତିର ମାନ ବୃଦ୍ଧି କରିପାରିବେ ବୋଲି ସେମାନଙ୍କୁ ପ୍ରେରଣା ଦେଇଥିଲେ । ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଏହିପରି ଅଭିନବ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜର ଓଜସ୍ୱୀ ବକ୍ତବ୍ୟ ମାଧ୍ୟମରେ ପ୍ରେରଣା ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ମାନ୍ୟବର ଲୋକସଭା ସାଂସଦ, ପୁରୀ ଶ୍ରୀ ସମ୍ବିତ୍ ପାତ୍ର, ସାଂସଦ , ଜଗତସିଂହପୁର ଡା. ବିଭୁ ପ୍ରସାଦ ତରାଇ ,ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ମ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଅଶ୍ରିତ୍ ପଟ୍ଟନାୟକ ଯୋଗ ଦେଇ ଏହି ଭବ୍ୟ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଅନ୍ୟାନ୍ୟ ଆୟୋଜକ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ନିଜ ନିଜର ସାରଗର୍ଭକ ଭାଷଣ ଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ ଓ କାର୍ଯ୍ୟକ୍ରମର ସୂଚନା ପ୍ରଦାନ ସହ ଏହାର ସର୍ବାଙ୍ଗୀନ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବହଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଭବମ୍ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍ , ଜିଲ୍ଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ପରିଡ଼ା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରଧାନ ଶିକ୍ଷକ ପ୍ରତାପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିବା ସହ ଶିକ୍ଷୟିତ୍ରୀ ଅଳକାନନ୍ଦା ମଞ୍ଚ ପରିଚାଳନା କରିଥିଲେ ।

ବଟି ଆଦାୟକୁ ନେଇ ଯୁବକ ଗିରଫ

ପୁରୀ (ବ୍ୟୁରୋ): ବଳିଆପଣ୍ଡା ଥାନା ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ସାଧାରଣ ଲୋକଙ୍କୁ ଭୟଭୀତ କରି ବଟି ଆଦାୟ କରୁଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ବଳିଆପଣ୍ଡା ଥାନାଅଧୀନ ମଦନ ଭିଲ୍ଲା ଲେନ୍‌ର ବଟକୃଷ୍ଣ ସେଠୀ (୨୦)। ପୋଲିସର ସୂଚନାଅନୁଯାୟୀ, ସୋମବାର ଭୋର୍ ସମୟରେ ହୋଟେଲ ତାରା ପ୍ୟାଲେସ୍ ନିକଟରେ ଜଣେ ବ୍ୟକ୍ତି ଛୁରି ଦେଖାଇ କାଉଡ଼ିଆ ଓ ପର୍ଯ୍ୟଟକଙ୍କୁ ଭୟଭୀତ କରୁଥିବା ଏବଂ ବଟି ଆଦାୟ କରୁଥିବା ନେଇ ପାଟ୍ରୋଲିଂରେ ଥିବା ପୋଲିସକୁ ଖବର ମିଳିଥିଲା । ଖବରପାଇ ପୋଲିସ ତୁରନ୍ତଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା । ସେଠାରେ ଅଭିଯୁକ୍ତ ଗୋଟିଏ ଛୁରି ଧରିରାସ୍ତାରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରୁଥିବା ଦେଖିଥିଲା ପୋଲିସ । ଏନେଇ ବଳିଆପଣ୍ଡା ଥାନାରେ କେସ୍ ନମ୍ବର ୨୦୪/୨୬ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ।

ନିଶାମୁକ୍ତ ସମାଜ ଗଠନ ପାଇଁ ପୋଲିସର ସାମୂହିକ ଶପଥ

ପୁରୀ (ବ୍ୟୁରୋ): ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଆଜି ପୁରୀ ପୋଲିସ ପକ୍ଷରୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ଥାନାରେ ସାମୂହିକ ନିଶାମୁକ୍ତି ଶପଥ ପାଠ ଅନୁଷ୍ଠିତ ହୋଇଛି । ଜିଲ୍ଲା ପୋଲିସ କାର୍ଯ୍ୟାଳୟ, ପୁରୀଠାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ପୁରୀ ଏସ୍‌ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ସମସ୍ତେ ନିଶାଦ୍ରବ୍ୟ ସେବନରୁ ନିଜକୁ ଦୂରେଇ ରଖିବା ସହ ନିଶାର କୁପ୍ରଭାବରୁ ନିଜ ପରିବାର ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଥିଲେ । ଏହି ଅବସରରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନିଜ ପରିବାର, ବନ୍ଧୁବର୍ଗ, ସହକର୍ମୀ ଓ ସମାଜର ଅନ୍ୟମାନଙ୍କୁ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ନିଶା ନିବାରଣ ଦିଗରେ ସକ୍ରିୟ ଭୂମିକା ନେବା ପାଇଁ ଶପଥ ଗ୍ରହଣ କରିଥିଲେ । ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁବଶକ୍ତିକୁ ନିଶାଠାରୁ ଦୂରେଇ ରଖିବା ସହ ନିଶାଦ୍ରବ୍ୟ ବିରୋଧରେ ଜନସଚେତନତା ବୃଦ୍ଧି କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ନିରନ୍ତର ଭାବେ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ପୁରୀ ତଥା ଓଡ଼ିଶା ଗଠନ ପାଇଁ ପୁରୀ ପୋଲିସ ପ୍ରତିବଦ୍ଧ ।

ମା’ମଙ୍ଗଳାଙ୍କ ପୀଠରେ ହାଇକୋର୍ଟ ମୁଖ୍ୟ ବିଚାରପତି

ପୁରୀ (ବ୍ୟୁରୋ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ କାକଟପୁର ମା’ ମଙ୍ଗଳାଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଦର୍ଶନ କରିବା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଛନ୍ତି ।

କ୍ରାନ୍ତିର ଆହ୍ୱାନ

ସୁଚରିତା ମହାନ୍ତି

ସେମାନେ କଥା କହନ୍ତି, ଯେଉଁ କଥା ଅନ୍ୟକୁ ପ୍ରତାରିତ କରେ, ଦେଖିଥିବା ସ୍ୱପ୍ନକୁ ସାକାର କରିବା ତ ଦୂରର କଥା, ମାଟି ଉପରେ ପାଦ ଥାପି ଠିଆ ହେବା ଆଗରୁ ମେରୁଦଣ୍ଡ ଭାଙ୍ଗିରୁଜି ମାଟିରେ ମିଶିଯାଏ। ଏହାକୁ କହନ୍ତି, 'କ୍ରାନ୍ତିର ଆହ୍ୱାନ।'

ସେମାନେ ଥିଲେ ଛାତ୍ରଛାତ୍ରୀ । ଦେଶର ଭବିଷ୍ୟତ। ନିଜନିଜର ଲକ୍ଷ୍ୟ ପୂରଣ କରିବାକୁ ଆପ୍ରାଣ ଚେଷ୍ଟାରେ ବ୍ରତୀ ଥିଲେ ସେମାନେ।

କିନ୍ତୁ କାହିଁକି ? ସେମାନେ ପାଲଟି ଗଲେ 'ଅସରପା' !

କିଏ ବାଧ୍ୟ କଲା ଅସରପା ହେବା ପାଇଁ।ଆମ ଶିକ୍ଷାବ୍ୟବସ୍ଥା ? ଆମ ସଂସ୍କୃତି ? ନା ଆମ ଉଚ୍ଚ ପଦପଦବୀ ?

ଯେଉଁମାନେ ଦେଶର ବିକାଶ ବଦଳରେ ବିନାଶର ତାଡି ଦେଖିବାକୁ ପସନ୍ଦ କରନ୍ତି, ସେମାନେ ହେଲେ ନେତା ଓ ଉଚ୍ଚପଦସ୍ଥ ପଦାଧିକାରୀ । ଥରେ ଗାଦିରେ ବସିଗଲେ ସେମାନଙ୍କର ଠିକଣା ଜ୍ଞାନ ଲୋପ ପାଇଯାଏ । ସେମାନେ ସର୍ବସମ୍ମୁଖରେ ପାଲଟି ଯା'ନ୍ତି ହାସ୍ୟାସ୍ପଦ।

ଯେତେକ କୁକର୍ମ କରନ୍ତି ସେମାନେ, କିନ୍ତୁ ବଳି ପଡ଼ନ୍ତି ସାଧାରଣ ବର୍ଗର ଜନତା ଓ ଛାତ୍ରଛାତ୍ରୀମାନେ। ବ୍ରିଟିଶ ଶାସନରୁ ମୁକୁଳିବାକୁ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ଉତ୍ସର୍ଗ କରି ଯେଉଁ ସ୍ୱାଧୀନତା ଦେଇଗଲେ ତା'ର ପରିଣାମ ସ୍ୱରୂପ ଆଜି ଆମକୁ ଭୋଗିବାକୁ ପଡୁଛି ଏବଂ ଆମ ପିଲାମାନଙ୍କୁ ଭୋଗିବାକୁ ପଡୁଛି। କେତେକ ପାଦଚଟା ଗୁଲାମି କରୁଥିବା ମଣିଷଙ୍କ ପାଇଁ ସବୁଆଡ଼େ ହିଂସା ଓ କ୍ରାନ୍ତିର ସ୍ୱର ଅତିଶୟ ହେଲାଣି। କହିବାକୁ ଲାଜ, ଶୁଣିବାକୁ ଲାଜ, ନା ଦେଖିବାକୁ ଲାଜ ସେମାନଙ୍କୁ। କେବଳ ବୁଦ୍ଧିଜୀବୀମାନଙ୍କ ମହଲରେ ନୁହେଁ ସମଗ୍ର ବିଶ୍ୱରେ ଚର୍ଚ୍ଚା ଏବଂ ଘୃଣ୍ୟ ପରିବେଶର ବାତାବରଣ ଖେଳିଯାଇଛି।

ସମସ୍ତେ କହନ୍ତି, ଆଇନ୍ ଆଖିରେ ଅନ୍ଧପୁଟୁଳି ବାନ୍ଧିଦିଆଯାଇଛି, ସେ ଅନ୍ଧ, ନ୍ୟାୟ କରିବାର ସାମର୍ଥ୍ୟ ଆଇନ ପାଖରେ ନାହିଁ। କିନ୍ତୁ ଆଇନ ଓ ଶୃଙ୍ଖଳାର ପରିସରରେ ରହି ଅନ୍ୟାୟ କରୁଥିବା ବ୍ୟଭିଚାରୀ ମାନଙ୍କ ସଂଖ୍ୟା ଅନେକ। ଉଦାହରଣ ସ୍ୱରୂପ ବିଚାରପତି ସୂର୍ଯ୍ୟକାନ୍ତ। ତାଙ୍କର ଭାଷା, ତାଙ୍କର ପ୍ରତିକ୍ରିୟା ତାଙ୍କର କାର୍ଯ୍ୟକଳାପ ଅତ୍ୟନ୍ତ ନିନ୍ଦନୀୟ। ରାଷ୍ଟ୍ରପତି ସେ ଏକ କଳଙ୍କିତ ବ୍ୟକ୍ତିବିଶେଷ। ଯାହାଙ୍କର ଘୃଣ୍ୟ ମନ୍ତବ୍ୟ ଆଜି ଭାରତବର୍ଷ ନୁହେଁ ସମଗ୍ର ବିଶ୍ୱରେ କୁପ୍ରଭାବ ପକାଇଛି । ଉଚିତ ନ୍ୟାୟ ପାଇବା ପାଇଁ ସମସ୍ତଙ୍କର ଆସ୍ଥା ଥାଏ ନ୍ୟାୟାଧୀଶଙ୍କ ଉପରେ। ଯଦି ଜଣେ ନ୍ୟାୟ ଦେବା ପାଇଁ ସମୟ ନାହିଁ ତା'ହେଲେ ବିଚାରପତି ପଦ ତ୍ୟାଗ କରିଦେବା ହିଁ ଶ୍ରେୟ ହେବ । ଜଣେ ବିଚାରପତି ହୋଇ ସୂର୍ଯ୍ୟକାନ୍ତଙ୍କର ଯେତେକି କ୍ଷମତା ନାହିଁ ସେ ଅସରପା ସଜେଇଥିବା ଆଜିର ଯୁବଗୋଷ୍ଠୀଙ୍କର ଅଜସ୍ର କ୍ଷମତା ଅଛି ନ୍ୟାୟ ଦେବା ପାଇଁ। ଏଥିରୁ ଜଣାପଡ଼ିଲା ନ୍ୟାୟଧୀଶଙ୍କର କ୍ଷମତା ଲୋଭର ପରିଣାମ। ଅସରପା ହୋଇପାରେ ଛୋଟିଆ ଜୀବଟେ କିନ୍ତୁ ସହସ୍ର ଅସରପା କେତେବେଳେ ଖାଇ ଖୋଳ କରିଦେବେ ଯେ, ସୂର୍ଯ୍ୟକାନ୍ତ ଯେତେ ଚେଷ୍ଟା କଲେ ବି ତା'ର କୌଣସି ପ୍ରମାଣ ପାଇବାର ସୁଯୋଗ ପାଇବେ ନାହିଁ। ଶିକ୍ଷିତ ଯୁବକଯୁବତୀଙ୍କୁ ଅସରପା କିମ୍ବା ସନ୍ତାସବାଦୀର ରୂପ ଦେବା ଆଗରୁ ଥରେ ଭବିଷ୍ୟତ କଥା ଚିନ୍ତାକଲେ ହୁଏତ ରାଷ୍ଟ୍ରର ମଙ୍ଗଳ ସାଧନ ହୋଇ ପାରନ୍ତା।

ବାରିପଦା, ମୟୂରଭଞ୍ଜ
ମୋ: ୮୯୭୫୭୧୨୦୨

ନାରୀ

ଜୀବନ ଦର୍ଶନର କିଛି କ୍ଷଣ ଏମିତି ଅନୁଭବ ଯାହାକୁ ଶବ୍ଦରେ ପରିପ୍ରକାଶ କରିହୁଏନା। ତାହା କେବଳ ଅନୁସୃତ ହୁଏ କାବ୍ୟରେ, ପ୍ରକୃତିର ସୌନ୍ଦର୍ଯ୍ୟରେ ଏବଂ ଈଶ୍ୱରଙ୍କର ଅନନ୍ୟ ସୃଷ୍ଟି ନାରୀର ଦିବ୍ୟ ଚେତନବୋଧରେ। ଯେମିତି ଆକାଶର ବିଶାଳତା, ସମୁଦ୍ରର ଗଭୀରତା ଏବଂ ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟକୁ କୌଣସି ଛୋଟ ଆକଳନରେ ମାପିବା ସମ୍ଭବ ନୁହେଁ, ସେହିପରି ନାରୀର ଅସ୍ତିତ୍ୱକୁ ସୀମିତ କଳେବରରେ ବାନ୍ଧି ରଖିବା ସହଜସାଧ୍ୟ ନୁହେଁ। ନାରୀ ଏକ ଜୀବନ୍ତ କବିତା, ଏକ ଚିରସ୍ରୋତା ନଦୀ । ନାରୀ ଏମିତି ଏକ ସଙ୍ଗୀତ ଯାହାକୁ କାନରେ ନୁହେଁ ହୃଦୟରୁ ଶୁଣାଯାଏ। ବୈଦିକ ସମାଜରେ ନାରୀକୁ ଦେବୀର ସ୍ୱରୂପରେ ମାନ୍ୟତା ଦିଆ ଯାଉଥିଲା । ନାରୀ ଭୂମି, ଶକ୍ତି ଏବଂ ସହନଶୀଳତାର ପ୍ରତିମୂର୍ତ୍ତି ରୂପେ ପୂଜିତ ହେଉଥିଲେ। ପ୍ରାଚୀନ ହିନ୍ଦୁ ସମାଜରେ ନାରୀମାନେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ। ସେମାନେ ଧାର୍ମିକ ଏବଂ ସାଂସ୍କୃତିକ ଉଭୟ କ୍ଷେତ୍ରରେ ବହୁଳ ପରିମାଣରେ ଯୋଗଦାନ ଦେଇଛନ୍ତି। ପ୍ରାଚୀନ ବେଦ, ପୁରାଣରେ ମଧ୍ୟ ନାରୀଙ୍କର ଭୂମିକା ବର୍ଣ୍ଣିତ ହୋଇଛି । ଆଧୁନିକ ଭାରତୀୟ ଇତିହାସର ପ୍ରାରମ୍ଭ ଝାନସୀର ଲକ୍ଷ୍ମୀବାଈଙ୍କ ଠାରୁ ଆରମ୍ଭହୋଇଥିବାର କୁହାଯାଏ। କୁନ୍ତଳା କୁମାରୀ ସାବତ, ସରୋଜିନୀ ନାଇଡୁଙ୍କ ଭଳି ଅନେକ ନାରୀ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସଶକ୍ତ ଅଂଶ ଗ୍ରହଣ କରି ନାରୀ ଚେତନା ଜାଗରଣର ପ୍ରମୁଖ ଉତ୍ସ ହୋଇ ପାରିଥିଲେ। ଗୋଟିଏ ପଟେ ନାରୀ ପରିବାରର କର୍ତ୍ତବ୍ୟକୁ ସୂଚାରୁ ରୂପେ ତୁଲାଇବା ସହ ଅନ୍ୟ ପକ୍ଷରେ ସାମାଜିକ କ୍ଷେତ୍ରରେ ମଧ୍ୟ ସର୍ବଦା ଅଗ୍ରଣୀ ଥାଏ। ନାରୀର ଇଚ୍ଛାଶକ୍ତି, ବୁଦ୍ଧିମତ୍ତା, ସହନଶୀଳତା ତାକୁ ପ୍ରତିଟି କ୍ଷେତ୍ରରେ ଅଗ୍ରଣୀ ହେବାରେ ସାହାଯ୍ୟ କରିଥାଏ। ଇତିହାସର ପୃଷ୍ଠା ଲେଉଟାଇଲେ ଆମେ ଅନେକ ନାରୀଙ୍କର ସଂଘର୍ଷମୟ ଜୀବନକୁ ଅତି ନିକଟରୁ ଦେଖିବାକୁ ପାଇଥାଉ। ନାରୀ ଏହି ସଂଘର୍ଷ ପଥରେ କେବେହେଲେ ହାର ମାନିନାହିଁ। ପରନ୍ତୁ ପରିବାର ତଥା ସମାଜ ପାଇଁ ଉଦାହରଣ ପାଲଟିଛି। ନାରୀକୁ ପୃଥିବୀ ପରି ସର୍ବଂସହା କୁହାଯାଏ। କାରଣ ପୃଥ୍ୱୀବି ଯେପରି ଗ୍ରୀଷ୍ମର ପ୍ରବାହକୁ ସହ୍ୟ କରିଥାଏ ସେହିପରି ବର୍ଷାର ବାରିଧାରାକୁ ଆପଣେଇ ନେଇଥାଏ। ନାରୀ ମଧ୍ୟ ଉଭୟ ଅନୁକୂଳ ଏବଂ ପ୍ରତିକୂଳ ପରିବେଶରେ ନିଜକୁ ଖାପ ଖୁଆଇ ସନ୍ତୁଳନ କରିଥାଏ।

ଆଧୁନିକ ସମାଜରେ ନାରୀ ନିଜର ଅସ୍ତିତ୍ୱକୁ ଆହୁରି ମଜବୁତ କରିପାରିଛି। ଆଜିର ନାରୀ ଆଉ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହିଁ । ତା'ର ବୁଦ୍ଧି ଏବଂ ଜ୍ଞାନର ପରିସର ଘରର ଚଉବନ୍ଧ ଡେଇଁ ସାରା ବିଶ୍ୱରେ ବିକିରିତ ହେଉଛି। ସମାଜର ବିଭିନ୍ନ କ୍ଷେତ୍ରରେ ନାରୀ ଆଜି ପୁରୁଷ ସହ କାନ୍ଧରେ କାନ୍ଧ ମିଶାଇ ଆଗକୁ ବଢ଼ିଚାଲିଛି। ନାରୀ ଏକ ସୁସ୍ଥ ସମାଜ ଗଢିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥାଏ। ପରିବାରର ମୂଳଦୁଆ ପଡ଼ିଥାଏ ଜଣେ ମାଆର ବ୍ୟବସ୍ଥିତ ଜୀବନ ଦର୍ଶନରେ। ପିଲାକୁ ବଡ଼ କରିବା ସହ ତା'ର ମାନସିକ ଏବଂ ବୌଦ୍ଧିକ ବିକାଶ କରି ଏକ ସୁସ୍ଥ ବିକଶିତ ସମାଜ ଗଢ଼ିବା ପାଇଁ ଦାୟିତ୍ୱବାନ ନାଗରିକଟିଏ ଗଠନ କରିବାରେ ମାଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ନେହ, ମମତା, କରୁଣା, ସକାରାତ୍ମକ ଭାବନାର ପରିପ୍ରକାଶ ଭଳି ଗୁଣ ଗୁଡିକୁ ଜଣେ ମାଆ ସାନବେଳୁ ତା'ର ପିଲାକୁ ବିଭିନ୍ନ ମାଧ୍ୟମରେ ଶିଖେଇଥାଏ । ତେଣୁ ପିଲାଟି ବଡ଼ ହେବାପରେ ତା'ଭିତରେ ଏହିସବୁ ସକାରାତ୍ମକ ଗୁଣ ପରିପୂର୍ଣ ହୋଇ ରହିଥାଏ। ସେ ଜଣେ ଦାୟିତ୍ୱବାନ ବ୍ୟକ୍ତିତ୍ୱର ଅଧିକାରୀ ହେବା ସହ ଜଣେ ଉତ୍ତମ ଭାବେ ଦେଶକୁ ପ୍ରଗତି ପଥରେ ଆଗେଇ ନେବାପାଇଁ ନିଜର ଭୂମିକା ସୁଚାରୁ ରୂପେ ନିର୍ବାହ କରିଥାଏ। ମୁଦ୍ରାର ଦୁଇ ପାର୍ଶ୍ୱ ପରି ନାରୀ ଏବଂ ପୁରୁଷ ପରସ୍ପରର ପରିପୂରକ। ତେଣୁ ନାରୀକୁ କମ୍ ନ ଆଙ୍କି ନାରୀର ଉଚିତ୍ ସମ୍ମାନ ଓ ତା'ର ବିକାଶ ପାଇଁ ସର୍ବଦା ଯତ୍ନଶୀଳ ହେବା ଉଚିତ୍। ଯେଉଁ ଦେଶରେ ନାରୀର ସମ୍ମାନ କରାଯାଏ ସେ ଦେଶ ନିଶ୍ଚିତ ଭାବରେ ପ୍ରଗତିର ଶୀର୍ଷକୁ ଛୁଇଁଥାଏ ଏଥରେ ସନ୍ଦେହ ନାହିଁ ।

ପ୍ୟାରିଲାଲ ଦୁର୍ଗା
ଅମୃତ ମିଡ଼ିଆ

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ

ହରିଶଙ୍କର

ବଲାଙ୍ଗୀରଠାରୁ ୮୦ କି.ମି. ଦୂରରେ ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଅବସ୍ଥିତ ପ୍ରସିଦ୍ଧ ତୀର୍ଥ ତଥା ଶୈବପୀଠ ହରିଶଙ୍କର। ଏଠାକାର ମନ୍ଦିରର ପରିବେଶ ଏବଂ ଆକର୍ଷଣୀୟ ଝରଣା ଓ ସେଲା ପଥର ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାରେ ଥିବା ପ୍ରସିଦ୍ଧ ମନ୍ଦିର ହରି ଏବଂ ଶଙ୍କର ବୈଷ୍ଣବ ଏବଂ ଶୈବ ଭକ୍ତଙ୍କର ପ୍ରସିଦ୍ଧ ଉପାସନା ପୀଠ। ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡକୁ ଚାଇନା ପରିବ୍ରାଜକ ହୁଏନ୍‌ସାଂ ପ-ଲି-ମ-ଲ ଗିରି ଭାବେ ବର୍ଣ୍ଣନା କରିଥିବା ଇତିହାସ ପୃଷ୍ଠାରୁ ଜଣାଯାଏ।

କପିଳାସ

ଢେଙ୍କାନାଳ ଜିଲା ସଦରମହକୁମାଠାରୁ ୨୫ କି.ମି. ଦୂରରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ କପିଳାସ। ଏଠାରେ ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ପୂଜା ପାଇଥାନ୍ତି। ମା' ପାର୍ବତୀ ଚତୁର୍ଭୁଜା ହୋଇଥିବାରୁ ଦଶହରାରେ ମା'ଙ୍କ ଷୋହଳ ପୂଜା ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଏଠାରେ ନାରାୟଣ, କାଶୀ ବିଶ୍ୱନାଥ ଓ ଭୁବନେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ରହିଛି। ଏହା ଦ୍ୱାଦଶ ଶତାବ୍ଦୀର ମନ୍ଦିର ବୋଲି ଇତିହାସ ପୃଷ୍ଠାରୁ ଜଣାପଡ଼େ। ଏଠାରେ ଜାଗର ଯାତ୍ରା ଓ କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରବଳ ଜନସମାଗମ ହୋଇଥାଏ। କପିଳାସର ପାଦ ଦେଶରେ ଚାରି ଚକିଆ ଓ ଦୁଇ ଚକିଆ ଯାନ ଯିବା ପାଇଁ ୧୨ଟି ଘାଟି ରାସ୍ତା ଏବଂ ପାହାଚରେ ଯାତାୟାତ ପାଇଁ ୧୩୫୨ ପାହାଚ ରହିଛି।

ଧବଳେଶ୍ୱର

ଧବଳେଶ୍ୱର ପୀଠ କଟକ ଜିଲା ଆଠଗଡ଼ ବ୍ଲକ ମଞ୍ଜେଶ୍ୱର ପଞ୍ଚାୟତରେ ମହାନଦୀ ଗର୍ଭରେ ଅବସ୍ଥିତ। ଜାଗର ପଞ୍ଚକ ଓ ବଡ଼ଓଷା ଏଠାକାର ମୁଖ୍ୟପର୍ବ। ବଡ଼ଓଷାର ଗଜଭୋଗ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ପଞ୍ଚକ ପାଞ୍ଚଦିନ ମହାପ୍ରଭୁ ଧବଳେଶ୍ୱରଙ୍କର ବଡ଼ସିଂହାର ବେଶ ହୋଇଥାଏ। ଏଠାକାର ପ୍ରମୁଖ ଆକର୍ଷଣ ହେଉଛି ମହାନଦୀର ମଞ୍ଜେଶ୍ୱର ଘାଟରୁ ପୀଠର ଉତ୍ତର ପାର୍ଶ୍ୱକୁ ସଂଯୋଗ କରୁଥିବା ୧କି.ମି. ଦୀର୍ଘ ଓ ୧୦ଫୁଟ୍ ଓସାରର ଝୁଲାପୋଲ। ଏହି ଝୁଲାପୋଲରେ ଏକକାଳୀନ ୧୦୦୦ ଲୋକ ଯାଇପାରିବେ। ଦକ୍ଷିଣ ପାର୍ଶ୍ୱରେ ୧.୫କି.ମି.ର ନଦୀ ଗର୍ଭକୁ ନୌକାରେ ପାରିହେବା ମଧ୍ୟ ଲୋକଙ୍କର ଅନ୍ୟତମ ଆକର୍ଷଣ। ଏହି ପୀଠରେ ଧବଳେଶ୍ୱରଙ୍କ ମନ୍ଦିରକୁ ଲାଗି ବୁଢ଼ାଲିଙ୍କଙ୍କ ମନ୍ଦିର ରହିଛି।

ମନ୍ଦିର ଛାତରୁ ଝରୁଛି ପାଣି, ଭିଜୁଛନ୍ତି ମେଘେଶ୍ୱର

ଭୁବନେଶ୍ୱର(ବ୍ୟୁରୋ): ଟଙ୍କପାଣି ରୋଡରେ ଥିବା ବାବା ଶ୍ରୀ ଶ୍ରୀ ମେଘେଶ୍ୱରଙ୍କ ଜଳ ଶୟନ ସରିବା ପରେ ପରେ ଆଉ ଏକ ସମସ୍ୟା ଦେଖାଯାଇଛି । ମେଘେଶ୍ୱର ମନ୍ଦିର ଛାତରୁ ଦିନ ରାତି ଝରୁଛି ବର୍ଷା ପାଣି । ବର୍ଷା ପାଣିରେ ତ ବାବା ଭିଜୁଛନ୍ତି, ତାହା ସହିତ ମନ୍ଦିର ପୂଜାରୀ, ଶ୍ରଦ୍ଧାଳୁ ମଧ୍ୟ ପାଣିରେ ତିନ୍ତୁଛନ୍ତି । ଠାକୁରଙ୍କ ନିକଟରେ ଭୋଗ ଲଗାଇଲେ ସେଥିରେ ବର୍ଷା ପାଣି ମିଶି ଯାଉଛି । ଠାକୁରଙ୍କୁ ବେଶ କଲେ ଫୁଲ, ଚନ୍ଦନ, ବେଲପତ୍ର, ଦୀପ, ଧୂପ ସବୁ ପାଣିରେ ବୋହି ଯାଉଛି । ଏହି ସମସ୍ୟାରୁ ମୁକ୍ତି ପାଇବା ଲାଗି ପୂଜାରୀ ନିଜ ଆଡୁ ଏକ ଅଭିନବ ବ୍ୟବସ୍ଥା କରିଛନ୍ତି । ବଜାରରୁ କଳା ଜରି ଖଣ୍ଡିଏ କିଣି ସେଥିରେ ସୁତୁଲି ବାନ୍ଧି ଠାକୁରଙ୍କ ଗର୍ଭ ଗୃହରେ ଟାଙ୍ଗିଛନ୍ତି । ମନ୍ଦିର ଛାତରୁ ଝରୁଥିବା ପାଣି ଏହି ଜରିରେ ଭର୍ତ୍ତି ହୋଇଗଲେ ତାହାକୁ ଏକ ବାଉଁଶ ବାଡ଼ିରେ କେଞ୍ଚି ପାଣି ବାଲଟିକୁ

କାଢୁଛନ୍ତି । ଏହି ଭଳି ନୀତି ଦିନସାରା ଦେଖିବାକୁ ମିଳୁଛି । ଇଏ କେବଳ ଗର୍ଭ ଗୃହ ଛାତର ସମସ୍ୟା ନୁହେଁ । ବର୍ଷା ଜୋରରେ ହେଲେ ମନ୍ଦିର ବେଢାରେ ଥିବା ପୁଷ୍କରିଣୀର ପାଣି ଉଛୁଳି ପଡୁଛି । ସେ ପାଣି ମନ୍ଦିର ବେଢା ବୁଡ଼ାଇ ଦେଉଛି ଓ ଠାକୁରଙ୍କ ନଳା ପଟେ ଯାଇ ଗର୍ଭ ଗୃହରେ ପ୍ରବେଶ କରୁଛି । ପୂଜାରୀ ଆଣ୍ଠୁଏ ପାଣିରେ ଠିଆ ହୋଇ ଠାକୁରଙ୍କ ନୀତି କରୁଛନ୍ତି । ଭୋଗରାଗ କେବଳ ବାହାରେ ଥାଇ ଠାକୁରଙ୍କୁ ସମର୍ପଣ କରୁଛନ୍ତି । ତେବେ ଦୁଇ ଦିନ ହେବ ବାବା ମେଘେଶ୍ୱରଙ୍କ ଗର୍ଭ ଗୃହରେ ଜମିଥିବା ପାଣିକୁ ପମ୍ପ ଲଗାଇ ଶୁଖାଇ ଦିଆଯାଇଛି । ଏହା ବାଦ ସନ୍ଧ୍ୟା ପରେ ମନ୍ଦିର ବେଢା କିଟି କିଟି ଅନ୍ଧାରରେ ବୁଡ଼ି ଯାଉଛି । ପରିଷ୍କାର ପରିଚ୍ଛନ୍ନତା ଅଭାବରୁ ମନ୍ଦିର ପ୍ରାଙ୍ଗଣରେ ଶିଉଳି ଜମୁଥିବାବେଳେ ବିଷାକ୍ତ ସାପ ମଧ୍ୟ ବୁଲୁଥିବା ଦେଖାଯାଉଛି । ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଭାପତି ଅଶୋକ ସିଂହ କହିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବର୍ଷା ଦିନ ପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଖୁବଶୀଘ୍ର ମନ୍ଦିରର ସବୁ ସମସ୍ୟାର ସମାଧାନ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମଦନ ମୋହନ ମନ୍ଦିରରୁ ଚୋରି ଉଦ୍ୟମ ବିଫଳ

ଭୁବନେଶ୍ୱର(ବ୍ୟୁରୋ): ବାଲିପାଟଣା ଥାନା ଶିଶୁମଠ ସାହି ସ୍ଥିତ ପ୍ରାଚୀନ ମଦନ ମୋହନ ଦେବଙ୍କ ମନ୍ଦିରରୁ ଚୋରି ପୁଣି ଉଦ୍ୟମ କରି ଚୋର ବିଫଳ ହୋଇଛନ୍ତି । ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଚୋର ଜଣଙ୍କ ପୁରୁଷ ନୁହେଁ ବରଂ ମହିଳା ବୋଲି ସ୍ଥାନୀୟ ଗ୍ରାମବାସୀ ସିସିଟିଭି ଫୁଟେଜରୁ ଜଣାପଡ଼ିଛି । ଗତ ୨ ବର୍ଷ ପୂର୍ବରୁ ମଦନ ମୋହନ ମନ୍ଦିରରୁ ବହୁ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଏବଂ ସୁନା ମୂର୍ତ୍ତି ଚୋରି ହୋଇଥିଲା । ସୂଚନା ଅନୁସାରେ ସୋମବାର ରାତି ପ୍ରାୟ ୩ଟା ୫୦ରେ ଜଣେ ମୁଖାପିନ୍ଧା ବ୍ୟକ୍ତି ମନ୍ଦିର ସମ୍ମୁଖ ଲୁହା ଫାଟକ ଉପରେ ପ୍ରଥମେ ଚଢିବା ପାଇଁ ଚେଷ୍ଟା କରିଥିଲା । ବହୁ ଚେଷ୍ଟା ସତ୍ତ୍ୱେ ଚୋର ଜଣଙ୍କ ଫାଟକ ଡେଇଁ ପାରି ନଥିଲା । ପରେ ଅନ୍ୟ ଏକ ଫାଟକ ଡେଇଁ ବେଢା ଭିତରକୁ ପ୍ରବେଶ କରିଥିଲା । ଗରୁଡ଼ଙ୍କ ନିକଟରେ ଥିବା ଲୁହା ଗେଟ ତାଲା ଭାଙ୍ଗି ଦେଇଥିଲା, ମାତ୍ର ଗେଟ ଖୋଲି ନଥିଲା । ଶେଷରେ ମହାଲକ୍ଷ୍ମୀଙ୍କ

କଡ଼ରେ ଥିବା ଅନ୍ୟ ଏକ କାଠ ଗେଟକୁ ଖୋଲିବା ପାଇଁ ବହୁ ଚେଷ୍ଟା କରି ବିଫଳ ହୋଇଥିଲା । ସେତିକିବେଳେ ସେହି ଗ୍ରାମର ଜନୈକ ବ୍ୟକ୍ତି ଉଠି ମନ୍ଦିର ନିକଟରେ ଥିବା ନିମାପଡା ବ୍ରାଞ୍ଚ କେନାଲ ବନ୍ଧକୁ ଆସିଥିଲେ । ମନ୍ଦିର ଭିତରେ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ପୁରା ଶରୀରଟି ସମ୍ପୂର୍ଣ୍ଣ କପଡାରେ ଆଚ୍ଛାଦିତ ହୋଇଥିବା ଜଣକୁ ଦେଖି ଗ୍ରାମବାସୀ ଜଣଙ୍କ ପ୍ରଥମେ ହତବେଢ଼େଇ ଯାଇଥିଲେ । ଭୂତ ଭାବି ଭୟଭୀତ ହୋଇ ପଡ଼ିଥିଲେ। ଅନ୍ୟପକ୍ଷରେ ଚୋର ଲୋକଙ୍କୁ ଦେଖି ପ୍ରାଣ ବିକଳରେ ପାଚେରୀ ଡେଇଁ ଛୁମାରିଥିଲା । ଚୋରର ସୁ କାରନାମା ମନ୍ଦିର ସିସିଟିଭିରେ କଏଦ ହୋଇଛି । ମହିଳାଙ୍କ ଭଳି ପୋଷାକ ପରିଧାନ କରିଥିବା ଜଣା ପଡୁଛି । ମୁହଁରେ ଲମ୍ବା କପଡା ଢାଙ୍କି ଦେଇଛି । ବେଶ ପୋଷାକରୁ ମହିଳା ଚୋର ବୋଲି ଚର୍ଚ୍ଚା ଜୋର ଧରିଛି । ଏନେଇ ଗ୍ରାମବାସୀ ପୁଲିସକୁ ସୂଚନା ଦେଇଥିବା ଜଣାପଡିଛି । ପ୍ରକାଶ ଥାଉକି ମହାପ୍ରଭୁ ଜଗନ୍ନାଥଙ୍କ ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ସିଦ୍ଧ ସାଧକ ସନ୍ଥ ଶିଶୁଦାସଙ୍କ ଜନ୍ମ ପୀଠରେ ମଦନ ମୋହନ ଦେବ ମନ୍ଦିର କାହିଁ କେଉଁ କାଳୁ ସ୍ଥାପିତ ହୋଇଛନ୍ତି । ଶ୍ରୀମୂର୍ତ୍ତି ଦେବଙ୍କ ବିଗ୍ରହ ପୂଜା ପାଇ ଆସୁଛନ୍ତି । ଗତ ୨୦୨୪ ମସିହା ନଭେମ୍ବର ମାସରେ ମଦନ ମୋହନ ଦେବ , ଶ୍ରୀକୃଷ୍ଣ ଓ ଭୂଦ୍ରୋଙ୍କ ମୂଲ୍ୟବାନ ଅଷ୍ଟ ଧାତୁ ମୂର୍ତ୍ତି ଏବଂ ମହାଲକ୍ଷ୍ମୀଙ୍କ ସୁନା ମୂର୍ତ୍ତି ଚୋରି ହୋଇଥିଲା । ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା । ବିଡ଼ମ୍ବନାର ବିଷୟ ପୁଲିସ ଏଯାଏଁ ଚୋରଙ୍କ କୌଣସି ଟେର ପାଇଲା ନାହିଁ । ବାଲିପାଟଣାରେ ମାତ୍ରଛନ୍ତି ମନ୍ଦିର ଚୋର । କିଛି ମାସ ଭିତରେ ପ୍ରାୟ ୨୦ ରୁ ଅଧିକ ମନ୍ଦିରରେ ଦୁର୍ବୃତ୍ତମାନେ କଳାକନା ବୁଲେଇଛନ୍ତି । ସେହିପରି ଗୋଟିଏ ଜୁଏଲରି ଦୋକାନ ଏବଂ ଏକାଧିକ ଘରୁ ଲୁଟପାଟ ହୋଇଥିବା ନଜିର ରହିଛି । କୌଣସି ଚୋରି ଘଟଣାରେ ସଫଳତା ମିଳି ନଥିବା ସ୍ଥାନୀୟ ପୁଲିସ କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବନ୍ୟା ଯୋଗୁଁ ପନିପରିବା ଦର ଆକାଶଛୁଆଁ

ଭୁବନେଶ୍ୱର(ବ୍ୟୁରୋ): ଚିନ୍ତା ବଢ଼ାଇଛି ପରିବା ଦର । ସବୁ ପରିବାର ଦର ୯୦ ଉପରେ । ଏହି ଦର ବୃଦ୍ଧି ସିଧାସଳଖ ହାଣ୍ଡିଶାଳକୁ ମାଡ଼ କରିଛି । ପରିବା ବଜାରକୁ ଯିବାକୁ ଏବେ ଡର ଲାଗୁଛି । ପରିବାକୁ ହାତ ମାରି ହେଉନି, ସବୁ ଦାମ୍ ଆକାଶଛୁଆଁ । ବାଇଗଣ, ଭେଣ୍ଡି, ଟମାଟୋ, ପୋଟଳ, କୌଣସି ପରିବା ୯୦ ଟଙ୍କା ତଳେ ନାହିଁ । ସପ୍ତାହେ ଭିତରେ ଦର ଦୁଇଗୁଣା ହୋଇଯିବାରୁ ମଧ୍ୟବିତ୍ତଙ୍କ ବଜେଟ୍ ପୂରା ଦୋହଲିଯାଇଛି । ଶ୍ରାବଣ ମାସ ଚାଲିଥିବାରୁ ପରିବା ଦର ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି । ଭୁବନେଶ୍ୱର ଜୟଦେବ ବିହାର ରାସ୍ତା କଡ଼ରେ ଠେଲା ରେ ପରିବା ଦର ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ଜଡ୍ଡି ୯୦, ବାଇଗଣ ୯୦, ଛୁଇଁ ୧୦୦ କିଣା ରେ ୧୨୦ ରେ ବିକ୍ରି ହେଉଛି। କୋଶଳା ବିଡ଼ା ୧୫ ଟଙ୍କା, କାକୁଡି ୬୦ ଟଙ୍କା ରହିଛି । ଗରିବ ଲୋକଙ୍କ ରେଞ୍ଜ ବାହାରେ ପରିବା ଦର। ନେବା ପୂର୍ବରୁ ଦୁଇ ଥର ଚିନ୍ତା କରୁଛନ୍ତି । ଯାହାବି ପରିବା ନେଉଛନ୍ତି ଥରେ ରୋଷେଇ କଲେ ଦୁଇ ବେଳା ଖାଉଛନ୍ତି । ଲଗାଣ ବର୍ଷା ଯୋଗୁଁ ରାଜ୍ୟ ପରିବା ଚାଷ ପ୍ରଭାବିତ ହୋଇଛି । ଫଳରେ ପରିବା ଦର ବୃଦ୍ଧି ହୋଇଥିବା ବ୍ୟବସାୟୀ କହୁଛନ୍ତି । ତେଣୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ତେଣୁ ଯାହା ଯେତିକି ମୂଲ୍ୟ ବଢି ଆସୁଛି ତାକୁ ନେଇ ବଜାର ନିୟନ୍ତ୍ରଣ ହେଉଛି । ହେଲେ ହଠାତ୍ ଏଭଳି ମୂଲ୍ୟବୃଦ୍ଧି ଖାଉଟିଙ୍କ ପକେଟ୍ କୁ ବାଧୁଛି ।

ଅନ୍ତରୀକ୍ଷରେ ପ୍ରସ୍ତୁତ ହେବ ଔଷଧ

ଭୁବନେଶ୍ୱର(ବ୍ୟୁରୋ): ଅନ୍ତରୀକ୍ଷରେ ପ୍ରସ୍ତୁତ ହେବ ଔଷଧ । ଓଡ଼ିଆ ଉଦ୍ୟୋଗୀ ଅନ୍ତରୀକ୍ଷ ପରିଚ୍ଛା ଓ ଜିବିତେଶ ଦେବତାଙ୍କ ସହ ଡା. ମୋନିକା ଏକାଲଙ୍କ ଦ୍ୱାରା ସହ-ପ୍ରତିଷ୍ଠିତ ସ୍ପେସ୍-ଟେକ୍ ଷ୍ଟାର୍ଟଅପ୍ ସେରେଣ୍ଡିପିଟି ସ୍ପେସ୍ ପକ୍ଷରୁ ଚାଲିଥିବା ଏହି ଉଦ୍ୟମ ସଫଳତା ପାଇଛି । କମ୍ପାନୀ ଏହାର ଅର୍ବିଟାଲ୍-କ୍ଲାସ୍ ସାଟେଲାଇଟ୍ ପ୍ରୋଟୋଟାଇପ୍‌କୁ ଏକ ନିକଟ-ମହାକାଶ ମିଶନ୍ ପରେ ସଫଳତାର ସହ ପୃଥିବୀକୁ ଫେରାଇ ଆଣିଛି । ମହାକାଶରେ ମାଇକ୍ରୋଗ୍ରାଭିଟି ବ୍ୟବହାର କରି ଔଷଧ ନିର୍ମାଣ କରିହେବ ବୋଲି କୁହାଯାଉଛି । ନିକଟରେ ହୋଇଥିବା ଏହି ମିଶନ୍‌ରେ କମ୍ପାନୀ ଏହାର ଭବିଷ୍ୟତ ଅର୍ବିଟାଲ୍ ସାଟେଲାଇଟ୍ ଫ୍ଲିଟ୍

ପାଇଁ ପରୀକ୍ଷଣ କରିଥିଲା । ଏଥିରେ ଉନ୍ନତ ହିଟ୍‌ସିଲ୍ଡର ବ୍ୟବସ୍ଥା, ଏଭିଓନିକ୍ସ ଏବଂ ସ୍ୱୟଂଚାଳିତ ଔଷଧ ନିର୍ମାଣ ପ୍ରଣାଳୀ 'ଆଲକେମି' ସାମିଲ ଥିଲା । କମ୍ପାନୀର ସୂଚନା ଅନୁଯାୟୀ, ଆଲକେମି ମହାକାଶର କଠିନ ପରିବେଶରେ ନିରନ୍ତର କାର୍ଯ୍ୟ କରିବା ସହ ଔଷଧର କ୍ରିଷ୍ଟାଲାଇଜେସନ୍ ପ୍ରକ୍ରିୟା ସଫଳତାର ସହ ସମ୍ପାଦନ କରିଥିଲା । ଏହି କ୍ରିଷ୍ଟାଲଗୁଡ଼ିକୁ ନିୟନ୍ତ୍ରିତ ପୁନଃପ୍ରବେଶ, ଅବତରଣ ଓ ପୁନରୁଦ୍ଧାର ପ୍ରକ୍ରିୟା ସମୟରେ ସୁରକ୍ଷିତ ରଖାଯାଇଥିଲା । ମିଶନରେ ଉଚ୍ଚମୂଲ୍ୟର ମାନୋକ୍ଲୋନାଲ୍ ଆଣ୍ଟିବଡି ଥେରାପି ଏବଂ ସ୍ମଲ୍-ମଲିକ୍ୟୁଲ୍ ଔଷଧ ସହ ଔଷଧ ଗବେଷଣା ପାଇଁ ଅତିରିକ୍ତ ପ୍ରୋଟିନ୍ ମଧ୍ୟ ପଠାଯାଇଥିଲା । ସେରେଣ୍ଡିପିଟି ସ୍ପେସ୍ ଏବେ ଏଭଳି ସାଟେଲାଇଟ୍ ବିକଶିତ କରୁଛି, ଯେଉଁଗୁଡ଼ିକ ମାଇକ୍ରୋଗ୍ରାଭିଟି ପରିବେଶରେ ସ୍ୱୟଂଚାଳିତ ଭାବେ ଔଷଧ ନିର୍ମାଣ କରି ତାହାକୁ ପୁଣି ପୃଥିବୀକୁ ଫେରାଇ ଆଣିପାରିବ ବୋଲି କମ୍ପାନୀ ଦର୍ଶାଇଛି ।

ନିଶାରେ ଚୂର୍ ହୋଇ ରାସ୍ତାରେ ଗଡ଼ିଲେ ଯୁବତୀ

ଭୁବନେଶ୍ୱର(ବ୍ୟୁରୋ): ନିଶାରେ ଚୂର୍ ହୋଇ ରାସ୍ତାରେ ଗଡ଼ିଲେ । ମନଇଚ୍ଛା ଗଳି କଲେ । ଚନ୍ଦ୍ରଶେଖରପୁର ଲୁୟିନୀ ବିହାରରେ ଜଣେ ଯୁବତୀଙ୍କ ଏଭଳି ହଙ୍ଗାମା ପାଇଁ ନାକେଦମ୍ ହୋଇଛି ପୁଲିସ । ମହିଳା ପୁଲିସ କର୍ମଚାରୀ ନଥିବାରୁ ନିଶାସକ୍ତ ଯୁବତୀଙ୍କୁ ପୁଲିସ କର୍ମଚାରୀମାନେ ପ୍ରାୟ ୨ ଘଣ୍ଟା ଧରି ଜଗି ରହିଲେ । ଶେଷରେ ତାଙ୍କୁ ବହୁ କଷ୍ଟରେ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି । ସୂଚନା ମୁତାବକ କଳା ଜିନ୍ସ ସାଙ୍ଗକୁ କଳା ରଙ୍ଗର ଟି-ସାର୍ଟ



ପିନ୍ଧିଥିବା ଯୁବତୀ ଜଣକ ରାତି ୧୦ଟାରେ ରାସ୍ତାରେ ଗଡୁଥିବା ଖବର ମିଳିଥିଲା । ସଙ୍ଗେ ସଙ୍ଗେ ଏକ ପିସିଆର ଭ୍ୟାନ୍ ସେଠାରେ ପହଞ୍ଚିଲା । ଦେଖିବା ବେଳକୁ ନିଶାଗ୍ରସ୍ତ ଅବସ୍ଥାରେ ଗଡୁଥିଲେ ଯୁବତୀ । ଏଣେତେଣେ ଯୁବତୀଙ୍କ ମୋବାଇଲ ଏବଂ ମନି ପର୍ସ ପଡ଼ି ରହିଛି । ପରେ କିଛି ସମୟ ପାଇଁ ପୁଲିସ ଜଗି ରହିଥିଲା । ଶେଷରେ ତାଙ୍କୁ ବହୁ କଷ୍ଟରେ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି । ଅଣ ଓଡ଼ିଆ ଯୁବତୀ ଜଣକ କେଉଁଠାର ଜଣା ପଡ଼ିନାହିଁ । ପୁଲିସ ତାଙ୍କ ପରିଚୟ ଖୋଜିବା ସହ ତଦନ୍ତ ଆରମ୍ଭ କରିଛି ।

ଭାଜପାର ନୂଆ ଟିମ୍‌ରେ ଓଡ଼ିଶାର ବୈଜୟନ୍ତ ଓ ସମ୍ବିତ ପାତ୍ର ସାମିଲ

ଭୁବନେଶ୍ୱର(ବ୍ୟୁରୋ): ଭାଜପାର ନୂତନ ସଭାପତି ନୀତିନ ନବୀନଙ୍କ ନେତୃତ୍ୱରେ ନୂତନ ଜାତୀୟ ଦଳ ଘୋଷଣା କରାଯାଇଛି । ଏଥିରେ ପୂର୍ବରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ବ୍ୟାପୀ ଦେଶର ନେତାମାନେ ସାମିଲ ଅଛନ୍ତି। ଆସନ୍ତା ବର୍ଷ ୭ଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନକୁ ଆଖି ଆଗରେ ରଖି ଭାଜପା ଏହି

ନୂତନ ଦଳ ଗଠନ କରିଛି। ଓଡ଼ିଶାରୁ ୨ ଜଣଙ୍କୁ ନୀତିନ ନବୀନଙ୍କ ଟିମ୍‌ରେ ନିଆଯାଇଛି। ରାଷ୍ଟ୍ରୀୟ ଉପାଧକ୍ଷ ଭାବେ ବୈଜୟନ୍ତ ପଣ୍ଡାଙ୍କୁ ପୁନଃ ଦାୟିତ୍ୱ ଦିଆଯାଇଛି। ସେହିପରି ନର୍ଥ ଇଷ୍ଟର ସଂଯୋଜକ ଭାବେ ସମ୍ବିତ ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ଉଭୟ ବୈଜୟନ୍ତ ପଣ୍ଡା ଏବଂ ସମ୍ବିତ ପାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ। ମୋଦିଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ଟିମ ସଂଗଠନକୁ ନୂତନ ଗତି ଦେବ ଏବଂ ଟିମର ସମସ୍ତ ସଦସ୍ୟ ନିଷ୍ଠାବାନ କାର୍ଯ୍ୟକର୍ତ୍ତା ଭାବ ସଂଗଠନକୁ ମଜଭୁତ କରିବେ ବୋଲି ସେ କହିଛନ୍ତି।

ଅନଲାଇନ କ୍ୟାବ ଡ୍ରାଇଭରଙ୍କ ଧର୍ମଘଟ, ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର(ବ୍ୟୁରୋ) : ଅନଲାଇନ କ୍ୟାବ ଡ୍ରାଇଭରଙ୍କ ଧର୍ମଘଟର ପ୍ରଭାବ । ସେବା ଠପ୍ , ଯାତ୍ରୀ ହନ୍ତସନ୍ତ । ୭ ଦଫା ଦାବି ନେଇ ଅନଲାଇନ୍ ଆପ୍ ଡ୍ରାଇଭରଙ୍କ 'ଜିରୋ ସପ୍ଲାଇ' ଆନ୍ଦୋଳନ । ଅନଲାଇନ୍ ଡ୍ରାଇଭର୍ ମଞ୍ଚ, ଅନଲାଇନ୍ ଓ ଅଫଲାଇନ୍ ଡ୍ରାଇଭର ସଂଗଠନର ମିଳିତ ସଂଗ୍ରାମ ସମିତି ପକ୍ଷରୁ ଓଲା, ଉବର୍, ରାପିଡୋ ଭଳି ଆପ୍ କମ୍ପାନୀଗୁଡ଼ିକର ଶୋଷଣ ବିରୋଧରେ କଟକ-ଭୁବନେଶ୍ୱରରେ "ଜିରୋ ସପ୍ଲାଇ" ଆନ୍ଦୋଳନ ହୋଇଛି। ଗାଡି ଚଳାଚଳ ବନ୍ଦ ଯୋଗୁଁ ଯାତ୍ରୀ ହଇରାଣ ହୋଇଛନ୍ତି। ଧର୍ମଘଟ ଭିତରେ ଭୁବନେଶ୍ୱର ଏୟାରପୋର୍ଟ ବାହାରେ ଉତ୍ତେଜନା ଦେଖାଦେଇଛି। ଧର୍ମଘଟ ସତ୍ତ୍ୱେ କିଛି ଅନଲାନ କ୍ୟାବ ଡ୍ରାଇଭର ଗାଡ଼ି ଚଳାଚଳ କରୁଥିବାରୁ ଆନ୍ଦୋଳନକାରୀ ଏହାକୁ ବିରୋଧ କରିଥିଲେ। ଫଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଦେଇଥିଲା। ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓ ଗାଡ଼ି ଚାଳକଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା ପୁଲିସ।

ପାଣି ଛାଡୁନି, ଦୁର୍ଦ୍ଦଶା ସରୁନି, ବନ୍ୟାରେ ୭.୮୫ ଲକ୍ଷ ପ୍ରଭାବିତ

୨ ଜିଲ୍ଲାକୁ ରେଡ୍, ୮ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

ଭୁବନେଶ୍ୱର(ବ୍ୟୁରୋ): ବର୍ଷା ପ୍ରକୋପ ସାମାନ୍ୟ କମିଛି । ହେଲେ ପାଣି ଖସୁନି । ବୈତରଣୀ ବିପଦ ସଙ୍କେତ ଉପରେ ଉଛୁଳୁଛି । ସାଳନ୍ଦୀ ମାଡ଼ି ଚାଲିଛି । ଜଳକା ବି ବିପଦ ସଙ୍କେତ ଉପରେ ଚାଲିଛି । ବୁଢାବଳଙ୍ଗ ଖସୁନି । ସୁବର୍ଣ୍ଣରେଖା ମଧ୍ୟ ବଢ଼ିବାରେ ଲାଗିଛି । ୩ ସପ୍ତାହ ଧରି ଉତ୍ତର ଓଡ଼ିଶା ବନ୍ୟା ଦୁର୍ଦ୍ଦଶାରେ ଛଟପଟ ହେଉଛି । ପାଣିପାଗ ପୂର୍ବାନୁମାନ ଅନୁସାରେ ବର୍ଷା ପ୍ରକୋପ ମଙ୍ଗଳବାର ସକାଳ ଯାଏ ଅଧିକ ରହିବ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ । ତା'ପରଠାରୁ ଧୀରେ ଧୀରେ ବର୍ଷା ପ୍ରକୋପ କମିପାରେ । ସମ୍ଭାବ୍ୟ ଲଘୁଚାପ ଦାନା ବାନ୍ଧିଲେ ପୁଣି ବର୍ଷା ବଢ଼ିବ । ଉତ୍ତର ଓଡ଼ିଶା ବନ୍ୟା ସ୍ଥିତିରେ ବିଶେଷ ସୁଧାର ନାହିଁ । ଯାଜପୁର ଓ ଭଦ୍ରକରେ ବେଳକୁ ବେଳ ଦୁର୍ଦ୍ଦଶା ବଢ଼ି ଚାଲିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରିଥିଲେ । ବନ୍ୟା ଅଞ୍ଚଳ ଦେଖିବା ସହ ବିପନ୍ନଙ୍କ ଦୁର୍ଦ୍ଦଶା ପଚାରି ବୁଝିବା ସହିତ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ସରକାରୀ ରିପୋର୍ଟ ଅନୁସାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ଏ ଲଗାଣ ବର୍ଷା ଓ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ୬ ଜିଲ୍ଲାର ୬୬ ବ୍ଲକର ୪୪୮ଟି ପଞ୍ଚାୟତ ଅନ୍ତର୍ଗତ ୧୩୦୪ଟି ଗାଁ ଏବଂ ୧୦ଟି ସହରାଞ୍ଚଳର ୬୪ଟ ୱାର୍ଡରେ ଏହା ପ୍ରଭାବ ପକାଇଛି । ୭ ଲକ୍ଷ ୮୫ ହଜାର ୧୯୯ ଲୋକେ ଏଥିରେ ପ୍ରଭାବିତ । ସନ୍ଧ୍ୟା ୬ଟା ସୁଦ୍ଧା ୨ ଲକ୍ଷ ୭୭ ହଜାର ୬୫୫ ଲୋକଙ୍କୁ ସୁରକ୍ଷିତ ଭାବେ



ସ୍ଥାନାନ୍ତର କରାଯାଇଛି । ୧୨୬ଟି ଗାଁ ଏଯାଏଁ ଜଳବନ୍ଦୀ ରହିଛି । ବନ୍ୟା ଓ ଲଗାଣ ବର୍ଷା ପ୍ରଭାବରେ ୪୨ ହଜାର ୨୧୬ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି । ୯୪୧ଟି ଘର ନଷ୍ଟ ହୋଇଛି । ୭୮୩ ମେଟ୍ରିକ ଟନ ଗୋ-ଖାଦ୍ୟ, ୧୯୫୦ କୁଇଣ୍ଟାଲ ଚୁଡ଼ା, ୨୦୩ କୁଇଣ୍ଟାଇ ଗୁଡ଼ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି । ଉଦ୍ଧାର କାର୍ଯ୍ୟରେ ୯୯ଟି ଟିମ୍ ନିୟୋଜିତ ହୋଇଛନ୍ତି । ଭଦ୍ରକ ଜିଲ୍ଲାର ୪ଟି ବ୍ଲକରେ ପୁଣି ବନ୍ୟା ଜଳ ପଶିଛି । ଭଣ୍ଡାରିପୋଖରୀ, ଧାମନଗର, ଚିତ୍ରିଡ଼ି ଓ ଚାନ୍ଦବାଲିର ୩୩ଟି ପଞ୍ଚାୟତ, ୪ଟି ୱାର୍ଡ଼ ଓ ୧୩୪ଟି ଗ୍ରାମ ପ୍ରଭାବିତ ଜଳମଗ୍ନ ରହିଛି । ପ୍ରାୟ ୨ ଲକ୍ଷ ଲୋକେ ପାଣି ଘେରରେ ଅଛନ୍ତି । ୧ ଲକ୍ଷ ୭ ହଜାର ୭୭୩ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଜୁଲାଇ ୨୨ ତାରିଖରୁ ଜିଲ୍ଲାକୁ ବନ୍ୟା କବଳିତ କରି ରଖିଛି । ବହୁ ପରିବାର ନଦୀ ବନ୍ଧ ସହ ଉଚ୍ଚା ଜାଗାରେ ପଲିଥିନ ତଳେ ଜୀବନ ବିତାଉଛନ୍ତି । ଯାଜପୁରରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ୧୦ ବ୍ଲକର ୨,୮୪,୫୭୮ ଲୋକେ ପ୍ରଭାବିତ ହୋଇଥିବାବେଳେ ୭୭ ହଜାର ୬୮୦ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତର କର

ଛାତ୍ରଙ୍କ ବିକ୍ଷୋଭ ବେଳେ କନଷ୍ଟେବଳଙ୍କ ଗୁଳିମାଡ଼ ଘଟଣା

ଭିଡ଼ରୁ ବର୍ତ୍ତିବା ପାଇଁ କରିଥିଲେ ଫାଙ୍କା ଗୁଳିଚାଳନା

ବିହାର,୧୮।୮: ବିହାର ଛାତ୍ର ଆନ୍ଦୋଳନ ସମୟରେ ଏକେ ୪୭ରୁ ଗୁଳି ମାଡ଼ ଘଟଣା ପରେ ବିହାର ସରକାର କ'ଣ ସବୁ ପଦକ୍ଷେପ ନେଇଥିଲେ, ତା'ର ବିସ୍ତୃତ ସୂଚନା ଆଜି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଜୁଲାଇ ୨୫ ଛାତ୍ର ଆନ୍ଦୋଳନ ସମୟରେ ଜଣେ କନଷ୍ଟେବଲ କାହିଁକି ଏକେ ୪୭ରୁ ଗୁଳି ଚଳାଇଥିଲା, ତା'ର ତଥ୍ୟ ମଧ୍ୟ କୋର୍ଟରେ ରଖିଛନ୍ତି ବିହାର ସରକାର। ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ କୁହାଯାଇଛି ଯେ ଘଟଣା ପରେ ବିହାର ସରକାର ସିଙ୍ଘାନ ଏସପି ପୁରନ କୁମାର ଝାଙ୍କୁ ତାଙ୍କ ପୋଷ୍ଟରୁ ହଟାଇ ଦେଇଥିଲେ। ସେହିପରି ଗୁଳି ମାଡ଼ କରିଥିବା କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଥିଲା। ଘଟଣା ବେଳେ ସିଙ୍ଘାନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବର୍ତ୍ତମାନ ସୁଦ୍ଧା କୌଣସି ନୂଆ ସ୍ଥାନରେ ନିଯୁକ୍ତ କରାଯାଇ ନାହିଁ। ବିଶେଷ କରି ଏସ୍‌ପି ଝାଙ୍କ ବିରୋଧରେ ତଦନ୍ତ ଚାଲିଛି। ତଦନ୍ତ ପରେ ତାଙ୍କ ନୂଆ ନିଯୁକ୍ତି ସମ୍ପର୍କରେ ବିଚାର କରାଯିବ ବୋଲି ସରକାର କହିଛନ୍ତି। ବିକ୍ଷୋଭ ବେଳେ କନଷ୍ଟେବଲ କାହିଁକି ଏକେ ୪୭ରୁ ଗୁଳି ଚଳାଇଥିଲେ, ସେସମ୍ପର୍କରେ ମଧ୍ୟ ତଥ୍ୟ ରଖିଛନ୍ତି ବିହାର ସରକାର। ସରକାର ଦାବି କରିଛନ୍ତି ଯେ କନଷ୍ଟେବଲ ଭିଡ଼ ନିୟନ୍ତ୍ରଣ କରୁଥିବା ବେଳେ ତାଙ୍କୁ ଶତାଧିକ ବିକ୍ଷୋଭକାରୀ ଘେରି ଯାଇଥିଲେ। ଭିଡ଼ ଭିତରେ ଫସି ଯିବାରୁ ସେ ସେଠାରୁ ବାହାରି ପାରି ନଥିଲେ। ଏଥିପାଇଁ ସେ ବାଧ୍ୟ ହୋଇ ଭିଡ଼ ଘଉଡ଼ାଇବା ପାଇଁ ୪ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ଏଥିରେ କୌଣସି ବିକ୍ଷୋଭକାରୀ ଆହତ ହୋଇ ନଥିବା ମଧ୍ୟ ସରକାର କହିଛନ୍ତି। ସରକାରଙ୍କ କହିବା କଥା ଯେ ଏକେ ୪୭ ଘଟଣା ଜୁଲାଇ ୨୫ ତାରିଖରେ ସିଙ୍ଘାନର ଜେପି ଛକ ନିକଟରେ ଘଟିଥିଲା। କନଷ୍ଟେବଲ ଅଭିଷେକ କୁମାର ଭିଡ଼ରେ ଫସି ଯିବାରୁ ସ୍ଥିତି ନିୟନ୍ତ୍ରଣ ପାଇଁ ବାଧ୍ୟରେ ୪ ରାଉଣ୍ଡ ଗୁଳି ଚଳାଇଥିଲେ।

ଏହି ଗୁଳି ମାଡ଼ରେ କେହି ଆହତ ହୋଇ ନଥିଲେ। କିନ୍ତୁ ସେଦିନ ଆଉ କିଛି ଘଟଣାରେ ୩ ଜଣ ବିକ୍ଷୋଭକାରୀ ସାମାନ୍ୟ ଗୁଳି ଜନିତ ଅଘଟଣରେ ଆହତ ହୋଇଥିବା ସୁପ୍ରିମକୋର୍ଟଙ୍କୁ ବିହାର ସରକାର ଅବଗତ କରାଇଛନ୍ତି।

ସତ୍ୟପାଠରେ ବିହାର ସରକାର ଆଉ ଏକ ଗୁଳି ମାଡ଼ ଘଟଣା ସମ୍ପର୍କରେ କହିଛନ୍ତି। ସରକାର କହିଛନ୍ତି ଯେ ଭିଡ଼ ନିୟନ୍ତ୍ରଣ ପାଇଁ ହାତୀ ଛକ ନିକଟରେ ଏଏସ୍‌ଆଇ ନିଲେଶ କୁମାର ସିଂହ ନିଜର ୯ଏମଏମ ପିସ୍ତଲରୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ।

ଏଥିରେ ମଧ୍ୟ କେହି ଆହତ ହୋଇ ନଥିଲେ। ପୋଲିସ୍ ବିକ୍ଷୋଭ ବେଳେ ବେଶ ଧୈର୍ଯ୍ୟ ଦେଖାଇଥିଲା। କିଛି ସ୍ଥାନରେ ବିକ୍ଷୋଭକାରୀଙ୍କ ବିରୋଧରେ ନିୟନ୍ତ୍ରିତ ବଳ ପ୍ରୟୋଗ କରାଯାଇଥିଲା ବୋଲି ସରକାର ଦାବି କରିଛନ୍ତି।

ସିଜେପି ଆନ୍ଦୋଳନରେ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

ତଦନ୍ତ କରିବ ଉଚ୍ଚକ୍ଷମତା ସମ୍ପନ୍ନ କମିଟି

ନୂଆଦିଲ୍ଲୀ,୧୮।୮: କମ୍ୟୁନିଷ୍ଟ ଜନତା ପାର୍ଟି(ସିଜେପି)ର ଜୁଲାଇ ୨୦ ତାରିଖ ବିକ୍ଷୋଭ ବେଳେ ଘଟିଥିବା ଘଟଣାରେ ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି। ସିଜେପି ଆନ୍ଦୋଳନ ବେଳେ ପୁଲିସ୍‌ର ମାତ୍ରାଧି କାର୍ଯ୍ୟାନୁଷ୍ଠାନ ଓ ହିଂସାକାଣ୍ଡର ତଦନ୍ତ କରିବାକୁ ରାଜି ହୋଇଛନ୍ତି ସର୍ବୋଚ୍ଚ ଅଦାଲତ। ଏଥିପାଇଁ ସୁପ୍ରିମକୋର୍ଟ ଗଠନ କରିଛନ୍ତି ଉଚ୍ଚକ୍ଷମତା ସମ୍ପନ୍ନ କମିଟି। ଏହି କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ନେବେ। ଏହାବାଦ କମିଟିରେ ହାଇକୋର୍ଟର ଜଣେ ପୂର୍ବତନ ମୁଖ୍ୟ ବିଚାରପତି, ଜଣେ ପୂର୍ବତନ ଡିଜିପି ଓ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ରହିପାରନ୍ତି। ଘଟଣା ସହ ଜଡ଼ିତ ନଥିବା ରାଜ୍ୟର ଜଣେ ପୂର୍ବତନ ଡିଜିପି ଓ ପୂର୍ବତନ ସିବିଆଇ ନିର୍ଦ୍ଦେଶକ କମିଟିରେ ସାମିଲ ହେବାକୁ ସହମତ ପ୍ରକାଶ କରିଥିବା ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି। ସେହିପରି କମିଟିର ଗଠନ ଓ କାର୍ଯ୍ୟକାରିତା ସମ୍ପର୍କିତ ସମସ୍ତ ଦିଗକୁ ବିଚାର କରିବା ପରେ ବୁଧବାର ଏନେଇ ବିଧିବଦ୍ଧ ନିର୍ଦ୍ଦେଶ ଜାରି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି କମିଟି ସିଜେପି ଆନ୍ଦୋଳନ ବେଳେ ଘଟିଥିବା ସମସ୍ତ ଘଟଣାର ଯାଞ୍ଚ କରିବେ। ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଠାରୁ ଆରମ୍ଭ କରି ପୁଲିସ ଉପରେ ହୋଇଥିବା ଆକ୍ରମଣର ଅଭିଯୋଗର ତଦନ୍ତ ପ୍ୟାନେଲ କରିବ ବୋଲି ସୁପ୍ରିମକୋର୍ଟ ଆଜି କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ତଥ୍ୟ ସଂଗ୍ରହ କରିବ ଓ ପର୍ଯ୍ୟାୟକ୍ରମେ ରିପୋର୍ଟ ଦାଖଲ କରିବ। ଏହାଦ୍ୱାରା କୋର୍ଟ ଆବଶ୍ୟକ ନିର୍ଦ୍ଦେଶ ଜାରି କରିପାରିବେ। ଖଣ୍ଡପୀଠ କହିଛନ୍ତି, "ଆମେ କମିଟିକୁ ସମସ୍ତ ସହାୟତା ଯୋଗାଇଦେବୁ। କମିଟି ନିକଟକୁ ଯେକୌଣସି ପ୍ରଭାବିତ ଲୋକ ଆସିଲେ ସେମାନେ ତାଙ୍କ ତୁରନ୍ତ ଶୁଣିବେ। ତାଙ୍କୁ ନ୍ୟାୟ ପାଇଁ ସୁଯୋଗ ଦେବେ। କମିଟି ପର୍ଯ୍ୟାୟକ୍ରମେ ଯେଉଁ ସୁପାରିସ କରିବେ, ଆମେ ସେହି ଅନୁସାରେ ଆଇନଗତ ପଦକ୍ଷେପ ନେବୁ।" କେବଳ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସା ନୁହେଁ, ବିକ୍ଷୋଭ ବେଳେ ଛାତ୍ରାମାନଙ୍କ ପ୍ରତି ହୋଇଥିବା ଅଭଦ୍ର ବ୍ୟବହାର ଓ ସୋଶାଲ ମିଡିଆରେ ଗାଳିଗୁଲଜ କରାଯିବା ଅଭିଯୋଗର ଯାଞ୍ଚ ମଧ୍ୟ ୩ ଜଣିଆ କମିଟି କରିବ।

ଚୁଟ୍‌କୀରେ...

ଟ୍ରକ୍ ସହ ଧକ୍କା ହେଲା ଯାତ୍ରୀବାହୀ ଗାଡ଼ି : ୮ ମୃତ, ୨୨ ଆହତ

ମଧ୍ୟପ୍ରଦେଶ,୧୮।୮: ମଧ୍ୟପ୍ରଦେଶର ଭିଣ୍ଡ ଜିଲ୍ଲାସ୍ଥିତ ୭୧୯ ନ୍ୟାସନାଲ ହାଇୱେର ଗୋହଦ ଚୌରାହା ଥାନା ଅଞ୍ଚଳର ଛିମକା ଗାଁ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ଗାଡ଼ି ଟ୍ରକ୍ ସହିତ ଧକ୍କା ଖାଇଥିଲା । ଫଳରେ ଏହି ଦୁର୍ଘଟଣାରେ ୮ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ୨୨ ଜଣ ଆହତ ହୋଇଥିବା ସୂଚନା ମିଳିଛି । ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗୋହଦ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି, ଯେଉଁଠାରୁ ଗୁରୁତର ଆହତଙ୍କୁ ଗ୍ୱାଲିୟରକୁ ସ୍ଥାନାନ୍ତର କରାଯାଇଛି । ସୂଚନାନୁଯାୟୀ, ଗ୍ୱାଲିୟର ଜିଲ୍ଲାର ଡାବ୍ରା ନିକଟସ୍ଥ ଚିନୋର ଗାଁରେ ଧାନ ବର୍ଗିଚାରେ କାମ କରିବା ପରେ ଉତ୍ତର ପ୍ରଦେଶର ପଚଗଓ୍ୱାନ, ଲଖିମପୁର ଖେରି ଏବଂ ଆଖପାଖ ଗାଁର ଶ୍ରମିକମାନେ ଏକ ଗାଡ଼ିରେ ନିଜ ଗାଁକୁ ଫେରୁଥିଲେ । ସେହି ସମୟରେ ୭୧୯ ନ୍ୟାସନାଲ ହାଇୱେର ଛିମକା ଗାଁ ନିକଟରେ ବିଳମ୍ବିତ ରାତି ପ୍ରାୟ ୧୨ଟା ସମୟରେ ଏକ ଲୋଡିଂ ଗାଡ଼ିଟି ସାମ୍ନାରୁ ଆସୁଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲା। ରାସ୍ତାରେ ଶୋଇଥିବା ଗାଈମାନଙ୍କୁ ବଞ୍ଚାଇବାକୁ ଯାଇ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିଲା ।

୩ ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କଲା ବିଜେପି

ନୂଆଦିଲ୍ଲୀ,୧୮।୮: ଆସନ୍ତା ବର୍ଷ ଅର୍ଥାତ ୨୦୨୭ରେ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜର ନୂଆ ଟିମ ଗଠନ କରିବାରେ ଲାଗି ପଡ଼ିଛନ୍ତି। ଦିନକ ତଳେ ବିଜେପି ପକ୍ଷରୁ ସାଂଗଠନିକସ୍ତରରେ ନୂଆ ନିଯୁକ୍ତି କରାଯାଇଥିଲା। ନୂଆ ଟିମ ଗଠନ କରିବାର ଦିନକ ପରେ ଆଜି ନୀତୀନ ନବୀନ ୩ ରାଜ୍ୟ ପାଇଁ ପ୍ରଭାରୀ ନିଯୁକ୍ତ କରିଛନ୍ତି। ଉତ୍ତର ପ୍ରଦେଶ, ପଞ୍ଜାବ ଓ ଗୁଜରାଟ ପାଇଁ ଦଳ ପକ୍ଷରୁ ପ୍ରଭାରୀ ଓ ସହ ପ୍ରଭାରୀଙ୍କ ନାଁ ଘୋଷଣା କରାଯାଇଛି। ବିଜେପି ପକ୍ଷରୁ ଜାରି ପ୍ରେସ ବିବୃତି ଅନୁଯାୟୀ, ଦଳର ଜାତୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ବିନୋଦ ତାଓ୍ୱଡେଙ୍କୁ ଉତ୍ତର ପ୍ରଦେଶର ପ୍ରଭାରୀ ଭାବେ ଦାୟିତ୍ୱ ମିଳିଛି। ତାଙ୍କୁ ସହାୟତା କରିବା ପାଇଁ ଜାତୀୟ ସାଧାରଣ ସମ୍ପାଦକ ଜଗଦୀଶ ଈଶ୍ୱରଭାଇ ପଟେଲଙ୍କୁ ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପଞ୍ଜାବ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟସଭା ସାଂସଦ ଡକ୍ଟର ସତୀଶ ପୁନିଆଙ୍କୁ ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ଗୁଜରାଟ ପ୍ରଭାରୀ ଭାବେ ରାଜ୍ୟସଭା ସାଂସଦ ତରୁଣ ଚୁଘ ନିଯୁକ୍ତି ପାଇଛନ୍ତି। ତରୁଣ ଗୁଜରାଟ ପ୍ରଭାରୀ ସହ ବିଜେପି ମୁଖ୍ୟାଳୟ ଇନ ଚାର୍ଜ ମଧ୍ୟ କାର୍ଯ୍ୟ କରିବେ। ଦଳ ପକ୍ଷରୁ କୁହାଯାଇଛି ଯେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ପ୍ରଭାରୀ ନିଯୁକ୍ତି ପରବର୍ତ୍ତୀ ସମୟରେ କରାଯିବ। ସେପର୍ଯ୍ୟନ୍ତ ସେହି ରାଜ୍ୟଗୁଡ଼ିକରେ ବର୍ତ୍ତମାନର ପ୍ରଭାରୀ ଭାବେ କାମ କରୁଥିବା ନେତାମାନେ ଦାୟିତ୍ୱରେ ରହିବେ। ନୂଆ ନିଯୁକ୍ତି ତତ୍କାଳ ଭାବେ କାର୍ଯ୍ୟକାରୀ ହୋଇଥିବା ଦଳ ସ୍ପଷ୍ଟ କରିଛି।

କୂଅରେ ପଡ଼ି ୩ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୮।୮: ସୋମବାର ବିଳମ୍ବିତ ରାତିରେ ତାସ ଖେଳୁଥିବା ବେଳେ ପୋଲିସ ରେଡ୍ ହେଉଥିବା ଭାବି ଦୌଡ଼ିବା ସମୟରେ ଏକ ଖୋଲା କୂଅରେ ପଡ଼ି ୩ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ଏହି ସୂଚନା ଦେଇଛି। ମୃତକମାନେ ହେଲେ ରାହୁଲ ପୋପଟଭାଇ ଚୌହାନ (୩୫), ନିଲେଶ ଡାଭି (୩୭) ଏବଂ ଅଜିତସିଂହ (୪୫)। ଏହି ଘଟଣାରେ ଆଉ ଜଣେ ବ୍ୟକ୍ତି କୂଅରେ ପଡ଼ିଥିଲେ ମଧ୍ୟ ସେ ଜୀବିତ ଉଦ୍ଧାର ହୋଇଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଗୁଜରାଟ ଭାବନଗର ଜିଲ୍ଲା ଘୋଘା ତାଲୁକାର ଉଖରଲା ଗାଁରେ ଏହି ଘଟଣା ଘଟିଛି। ଭାବନଗର ଏସ୍‌ପି ନିତେଶ ପାଣ୍ଡେ କହିଛନ୍ତି ଯେ, ଗାଁର ଏକ ବିଲରେ ପ୍ରାୟ ୧୧ ଜଣ ଲୋକ ତାସ ଖେଳୁଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ସେଠାରେ ପହଞ୍ଚିଥିଲା। ଗାଡ଼ିଟିକୁ ଦେଖି ତାସ ଖେଳୁଥିବା ଲୋକମାନେ ପୋଲିସ ରେଡ୍ କରିବାକୁ ଆସିଛି ବୋଲି ଭାବି ଅନ୍ଧାରରେ ଦୌଡ଼ିଥିଲେ। ଏହି ସମୟରେ କିଛି ଲୋକ ଏକ ଖୋଲା କୂଅରେ ପଡ଼ିଯାଇଥିଲେ।ଏସ୍‌ପି ପାଣ୍ଡେ କହିଛନ୍ତି, ସେମାନେ ଏହାକୁ ପୋଲିସ ବୋଲି ଭାବି ଦୌଡ଼ିଥିଲେ। ବିଲରେ ଏକ କୂଅ ଥିଲା ଏବଂ ଅନ୍ଧାର ଯୋଗୁଁ ସେମାନେ ତାହା ଦେଖିପାରିନଥିଲେ। ୩ ଜଣଙ୍କ ମୃତ୍ୟୁ ହୋଇଛି। ସେ ସ୍ପଷ୍ଟ କରିଛନ୍ତି ଯେ ଗାଁରେ ପୋଲିସ ପକ୍ଷରୁ କୌଣସି ରେଡ୍ କରାଯାଇନଥିଲା। ମଙ୍ଗଳବାର ସକାଳେ କଣ୍ଟ୍ରୋଲ ରୁମକୁ ଜଣେ ବ୍ୟକ୍ତିଙ୍କ ମୃତଦେହ ସମ୍ପର୍କରେ ଫୋନ୍ ଆସିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ କୂଅରେ ଖୋଜାଖୋଜି କରି ୩ ଟି ମୃତଦେହ ଉଦ୍ଧାର କରିଥିଲା।

ରାମ ମନ୍ଦିର ଚାନ୍ଦା ଚୋରି ଘଟଣା

ଚମ୍ପତ ରାୟ ଓ ଅନୀଲ ମିଶ୍ରାଙ୍କୁ କ୍ଲିନଚିଟ୍

ନୂଆଦିଲ୍ଲୀ,୧୮।୮: ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ଘଟଣାର ତଦନ୍ତ କରୁଥିବା ଏସ୍‌ଆଇଟି ଦାଖଲ କରିଛି ଚୂଡ଼ାନ୍ତ ରିପୋର୍ଟ। ଏହି ତଦନ୍ତ ରିପୋର୍ଟରେ ରାମ ଜନ୍ମ ଭୂମି ତୀର୍ଥ କ୍ଷେତ୍ରର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ପୂର୍ବତନ ଟ୍ରଷ୍ଟି ଅନୀଲ ମିଶ୍ରାଙ୍କୁ ଦିଆଯାଇଛି କ୍ଲିନଚିଟ୍। ତଦନ୍ତ ସମୟରେ ଚମ୍ପତ ରାୟ ଓ ଅନୀଲ ମିଶ୍ରାଙ୍କ ବିରୋଧରେ କୌଣସି ଅପରାଧିକ ମାମଲାର ପ୍ରମାଣ ମିଳି ନଥିବା ରିପୋର୍ଟରେ ଦର୍ଶାଯାଇଛି। ଚମ୍ପତ ରାୟ ଓ ଅନୀଲ ମିଶ୍ରାଙ୍କୁ କ୍ଲିନଚିଟ ଦେଇ ଏସ୍‌ଆଇଟି ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କ ନିକଟରେ ଦାଖଲ କରିଛି। ୩ ଜଣିଆ ଏସ୍‌ଆଇଟିର ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ମିଳିବା ପରେ ଉତ୍ତର ସରକାର ଏହାକୁ ଶ୍ରୀରାମ ଜନ୍ମ ଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଛନ୍ତି। ଏହି ରିପୋର୍ଟରେ ଚମ୍ପତ ରାୟ କିମ୍ବା ଅନୀଲ ମିଶ୍ରାଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇ ନାହିଁ। ଶୁଦ୍ଧାଳୁଙ୍କ ଦାନ ଚୋରି ଗିରଫ ହୋଇଥିବା ୮ ଜଣଙ୍କୁ ହିଁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ୮ ଅଭିଯୁକ୍ତ ହେଲେ- ଅବିନାଶ ଶୁକ୍ଲା, ଅନୁଜଚ୍ଛ ମିଶ୍ରା, ଲବକୁଶ ମିଶ୍ରା, ମନୀଷ କୁମାର ଯାଦବ, କରୁନେଶ ପାଣ୍ଡେ, ରାମଶଙ୍କର ମିଶ୍ରା, ସୁଭାଷ ଶ୍ରୀବାସ୍ତବ ଓ ରାମଶଙ୍କର ଯାଦବ ଓରଫ ଟିନୁ। ମନ୍ଦିରକୁ ମିଳୁଥିବା ଦାନର ଗଣତି ଓ ପରିବହନ ପାଇଁ ଥିବା ୧୦ ଜଣିଆ ଟିମରେ ଏହି ୮ ଜଣ ରହିଥିଲେ। ଏମାନଙ୍କ ମଧ୍ୟରେ ଥିବା ଟିନୁ ଯାଦବ ଏକଦା ଚମ୍ପତ ରାୟଙ୍କ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ଅବସ୍ଥାରେ ଚମ୍ପତ ରାୟ ହିଁ ତାଙ୍କୁ ମନ୍ଦିର କାମରେ ନିୟୋଜିତ କରିଥିଲେ। ତାଙ୍କୁ ଏସ୍‌ଆଇଟି ଅଭିଯୁକ୍ତ ଭାବେ ଦର୍ଶାଇଥିଲେ ହେଁ ତାଙ୍କ ମାଲିକ ଚମ୍ପତ ରାୟଙ୍କୁ ପୂରା ଘଟଣାରେ କ୍ଲିନଚିଟ ଦେଇଛି। ମନ୍ଦିରକୁ ମିଳୁଥିବା ଦାନର ପରିଚାଳନା ଓ ଗଣତିକୁ ନେଇ ପ୍ରାୟ ୨ ମାସ ତଳେ ଅନିୟମିତତାର ଅଭିଯୋଗ ଆସିଥିଲା। ପୂରା ଦେଶରେ ରାମ ମନ୍ଦିର ଚାନ୍ଦା ଚୋରି ଘଟଣା ବିବାଦ ସୃଷ୍ଟି କରିଥିଲା।

ମୃତ୍ୟୁଦଣ୍ଡ ପାଇଁ ଫାଶୀ ବଳବତ୍ତର

ଯନ୍ତ୍ରଣାଦାୟକ ଇଞ୍ଜେକସନକୁ ସୁପ୍ରିମକୋର୍ଟଙ୍କ ଖାରଜ

ନୂଆଦିଲ୍ଲୀ,୧୮।୮: ମୃତ୍ୟୁଦଣ୍ଡ ମିଳିଲେ ଜଣେ ଦୋଷୀଙ୍କୁ ଭାରତରେ ଫାଶୀ ଖୁଣ୍ଟରେ ଝୁଲାଯାଏ। କିନ୍ତୁ ଏହି ଫାଶୀ ଦଣ୍ଡ ବ୍ୟବସ୍ଥା ବଦଳରେ ଘାତକ ଇଞ୍ଜେକସନ ଭଳି ସ୍ୱଳ୍ପ କଷ୍ଟଦାୟକ ପ୍ରକ୍ରିୟା ଆପଣାଇବାକୁ ହୋଇଥିବା ଆବେଦନକୁ ଆଜି ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଫାଶୀ ମାଧ୍ୟମରେ ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ସମ୍ବିଧାନ ଅନୁସାରେ ବୈଧ ବୋଲି ଦର୍ଶାଇଛନ୍ତି। ଏଥିସହ ଏବେ ବି ଦେଶରେ ମୃତ୍ୟୁଦଣ୍ଡର କାର୍ଯ୍ୟକାରୀ କରିବା ପାଇଁ ଫାଶୀ ବ୍ୟବସ୍ଥା ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହତାଙ୍କ ଖଣ୍ଡପୀଠ ଫାଶୀ ବଦଳରେ କମ୍ ଯନ୍ତ୍ରଣାଦାୟକ ଓ ଦୋଷୀଙ୍କ ମର୍ଯ୍ୟାଦା ରକ୍ଷା କରୁଥିବା ଅନ୍ୟ କୌଣସି ପଦ୍ଧତିରେ ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ଦାଖଲ ହୋଇଥିବା ଆବେଦନକୁ ଖାରଜ କରି ଏପରି କହିଛନ୍ତି। ଶୁଣାଣି ବେଳେ ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ୩ଟି ରାୟକୁ ଉଚ୍ଚ ଖଣ୍ଡପୀଠ ନିକଟକୁ ପଠାଇବାକୁ ମଧ୍ୟ ଆବେଦନରେ ଦାବି କରାଯାଇଥିଲା। କିନ୍ତୁ ଏଥିପାଇଁ ପର୍ଯ୍ୟାପ୍ତ ଆଧାର ନଥିବା କହି ଦୁଇ ଜଣିଆ ଖଣ୍ଡପୀଠ ଉକ୍ତ ଆବେଦନକୁ ମଧ୍ୟ ଅଗ୍ରାହ୍ୟ କରି ଦେଇଛନ୍ତି। ଆଇନଜୀବୀ ଋଷି ମଲହୋତ୍ରା ଦାଖଲ କରିଥିବା ଜନସ୍ୱାର୍ଥ ମାମଲାରେ ଫାଶୀ ବଦଳରେ ମାରାତ୍ମକ ଇଞ୍ଜେକ୍ସନ, ଗୁଳି କରିବା, ବିଦ୍ୟୁତ୍ ଝଟକା କିମ୍ବା ଗ୍ୟାସ୍ ଚାମ୍ବର ଭଳି ବିକଳ୍ପ ପଦ୍ଧତି ଆପଣାଇବାକୁ ପ୍ରସ୍ତାବ ଦିଆଯାଇଥିଲା। କାରଣ ଏହି ପଦ୍ଧତି ଦ୍ୱାରା ଦୋଷୀର ମୃତ୍ୟୁ ମାତ୍ର କିଛି ସେକେଣ୍ଡ ମଧ୍ୟରେ ହୋଇଯିବ। ମୃତ୍ୟୁଦଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ଆପଣା ଯାଉଥିବା ଫାଶୀ ପ୍ରକ୍ରିୟାକୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଅମାନବୀୟ ଓ ନିଷ୍ଠୁର ବୋଲି ଆବେଦନରେ କୁହାଯାଇଥିଲା। ସିଆରପିସିର ଧାରା ୩୫୪(୫) ଅନୁଯାୟୀ ଦିଆଯାଉଥିବା ଫାଶୀ ଜନିତ ମୃତ୍ୟୁଦଣ୍ଡ ବ୍ୟବସ୍ଥାକୁ ଅସାମ୍ବିଧାନିକ ଘୋଷଣା କରିବାକୁ ଏଥିରେ ଅନୁରୋଧ କରିଥିଲେ ଆବେଦନକାରୀ। ଏଥିସହ ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନଜନକ ମୃତ୍ୟୁର ଅଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବାକୁ କୁହାଯାଇଥିଲା। ଆବେଦନକାରୀ ଆହୁରି କହିଥିଲେ ଯେ ଫାଶୀ ଖୁଣ୍ଟରେ ଝୁଲୁଥିବା ଦୋଷୀର ମୃତ୍ୟୁକୁ ନିଶ୍ଚିତ କରିବାକୁ ପ୍ରାୟ ୪୦ ମିନିଟ୍ ଲାଗିପାରେ। କିନ୍ତୁ ଗୁଳି କରିବା କିମ୍ବା ମାରାତ୍ମକ ଇଞ୍ଜେକ୍ସନ ଦେବା ଭଳି ପଦ୍ଧତିରେ ପ୍ରାୟ ୫ ମିନିଟ୍ ମଧ୍ୟରେ ମୃତ୍ୟୁଦଣ୍ଡର କାର୍ଯ୍ୟକାରୀ ପ୍ରକ୍ରିୟା ଶେଷ ହୋଇପାରେ।

ଭାରତୀୟ ନିର୍ବାଚନ ବ୍ୟବସ୍ଥାକୁ ଟ୍ରମ୍ପଙ୍କ ପ୍ରଶଂସା

ସେଭ୍ ଆମେରିକା

ଓଡ଼ିଆ ବିଶ୍ୱବିଦ୍ୟାଳୟରେ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ): ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ମାଆ ପାଇଁ ଗଛଟିଏ' ନାମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଚାରାଗଛ ଲଗାଇଥିଲେ । ଏହି ଅବସରରେ ସେ ତାଙ୍କ ବକ୍ତବ୍ୟରେ ପ୍ରାକୃତିକ ପର୍ଯ୍ୟାବରଣର ସୁରକ୍ଷା ସହ ବୃକ୍ଷରୋପଣର ଆବଶ୍ୟକତା ଓ ଉପଯୋଗିତା ସଂପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ବୁଝାଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଶର୍ମିଷ୍ଠା ମହାପାତ୍ରଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ସାମିଲ୍ ହେବା ସହ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁଳସଚିବ ରଶ୍ମିରେଖା ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ବିତ୍ତ ଅଧିକାରୀ ସଂଜୀବ କୁମାର ଜେନା, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକ, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ଅତିଥି ପ୍ରଫେସର୍ ଡ. ବଚ୍ଚୁବାହନ ମହାପାତ୍ର, ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଭାଷାବିଜ୍ଞାନ ଓ ପ୍ରାକୃତିକ

ଭାଷା ସଂସାଧନ ବିଭାଗ ଅତିଥି ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା, ଡ. ସଂଗୀତା ଜେନା ଓ ଡ. ଶୁଭସ୍ମିତା ନାୟକ, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ଅତିଥି ସହଯୋଗୀ ପ୍ରଫେସର୍ ଡ. ନିବେଦିତା ମହାନ୍ତି ଓ ଡ. ସସ୍ମିତା ଜେନା, ଭାଷା-ସାହିତ୍ୟ ବିଭାଗ ଅତିଥି ସହକାରୀ ପ୍ରଫେସର୍ ଡ. ନରେନ୍ଦ୍ର କୁମାର ସ୍ୱାଇଁ ଓ ଡ. ମୋନାଲି ଚ୍ୟାଙ୍ଗ୍ ପ୍ରମୁଖଙ୍କ ସମେତ ଅଣ-ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସାମିଲ୍ ହୋଇଥିଲେ।

୭ ମାସରେ ଅଷ୍ତରଙ୍ଗରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

- ଥାନା ପାଖରୁ ବଡ଼ଚୋରି, ତଦନ୍ତ ବିଫଳ
- ବ୍ୟବସାୟୀଙ୍କ ୫ ଘଣ୍ଟା ଧାରଣା
- ଥାନା ଅଧିକାରିଣୀଙ୍କ ବଦଳି ଦାବି

କାକଟପୁର /ଅଷ୍ତରଙ୍ଗ(ଅମୃତ ମିଡିଆ): ଗତ ଫେବୃଆରୀ ମାସରୁ ନୂଆ ଥାନା ଅଧିକାରିଣୀ ଯୋଗ ଦେବା ପରେ ପୁରା ଜିଲ୍ଲା ଅଷ୍ତରଙ୍ଗ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଗତ ୭ ମାସ ମଧ୍ୟରେ ଚୋରି ଘଟଣା ବଢିବା ସହ ପୋଲିସ ତଦନ୍ତରେ ଗୁରୁତର ବିଫଳତା ଦେଖାଦେଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଅଷ୍ତରଙ୍ଗ ବ୍ୟବସାୟୀ ମହାସଂଘ ଓ ସ୍ଥାନୀୟ ଅଞ୍ଚଳ ଅନେକ ଗ୍ରାମର ଗ୍ରାମବାସୀ ଦୀର୍ଘ ୫ ଘଣ୍ଟା ଧରି ଥାନା ସାମ୍ନାରେ ଧାରଣାରେ ବସିଥିଲେ। ବ୍ୟବସାୟୀ ସଂଘ ପକ୍ଷରୁ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦନ ପାଢୀଙ୍କ ଜରିଆରେ ଆରକ୍ଷୀ ଅଧିକ୍ଷକ ପୁରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ, ହୋମ୍ ଡିପାର୍ଟମେଣ୍ଟ, ଡିଜିପି ଓଡିଶା ଓ ପୁରୀ ଏସପିଙ୍କୁ ମଧ୍ୟ ଦିଆଯାଇଛି। ଦାବୀପତ୍ରରେ ଉଲ୍ଲେଖ ରହିଛି ଯେ ଗତ ୭ ମାସରେ ଭେଡାବନ୍ଧ, ବନ୍ତିଲୋ, ପୋଟଲ ଛକ, ବରଡି, କେନ୍ଦ୍ରାପଟି ଗାଁ ସମେତ ଅନେକ ସ୍ଥାନର ଦେବାଦେବୀ ମନ୍ଦିର , ଅଙ୍ଗନବାଡି ଓ ବିଦ୍ୟାଳୟରୁ ଚୋରି ହୋଇଛି। ରାତ୍ର ପାଟ୍ରୋଲିଂ ଅଭାବ, ଅଭିଯୋଗ ପରେ ଦୃଢ ତଦନ୍ତର ଅଭାବ ଓ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳତା ଯୋଗୁଁ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷା ଭାବ ବଢିଛି। ସାତ ଦିନ ମଧ୍ୟରେ ଥାନା ଅଧିକାରିଣୀଙ୍କୁ ଅନ୍ୟତ୍ର ବଦଳି କରି ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ପୂର୍ବରୁ ଅନେକ ଚୋରି ଘଟଣା ରେ କେବଳ ମାମଲା ରୁଜୁ ହୋଇ ତଦନ୍ତ ତଦନ୍ତ ରେ ରହିଯାଇଛି, କିନ୍ତୁ ଫାଇଲି ରେ ଧୂଳି ଲାଗିଲାଣି ଗୋଟିଏ ଚୋର ଧରିବାରେ ପୋଲିସ ବିଫଳ।ଅଗଷ୍ଟ ମାସରେ ତଥା କିଛି ଦିନ ପୂର୍ବରୁ ଅଷ୍ତରଙ୍ଗ ଥାନାଠାରୁ ମାତ୍ର ୩୦ ମିଟର ଦୂର ବ୍ଲକ ନିକଟରୁ ଦୁଇଟି ପାନ ଦୋକାନରୁ ଚୋରି ହୋଇଥିଲା। ସେହି ଘଟଣାର ତଦନ୍ତରେ ପୋଲିସ ଆଶାନୁରୂପ ସଫଳତା ପାଇ ପାରିନଥିଲା। ତାର ପରିଣାମ ସ୍ୱରୂପ ୧୭ଅଗଷ୍ଟ ତଥା ମଙ୍ଗଳବାର ବିଳମ୍ବିତ ରାତ୍ର ୧ଘ ୩୦ମିନିଟ ରୁ ୨ଘ ୩୦ମିନିଟ ମଧ୍ୟରେ ଥାନାଠାରୁ ୫୦ମିଟର ଦୂର ହାଇସ୍କୁଲ ଛକସ୍ଥିତ ମହାନ୍ତି କମ୍ୟୁନିକେସନ ରୁ ଦୁର୍ବୃତ୍ତମାନେ ୫୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଦାମୀ ମୋବାଇଲ ଓ ନଗଦ ୩ ଲକ୍ଷ ଟଙ୍କା ଲୁଟ୍ କରିନେଇଛନ୍ତି। ଦୋକାନୀ ମାଲିକ ରାଜେଶ ମହାନ୍ତି ମଙ୍ଗଳବାର ସକାଳେ ଅଷ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଘଟଣାସ୍ଥଳକୁ ଥାନା ଅଧିକାରିଣୀ ବିଦିତା ନାୟକ ପହଞ୍ଚି ଅନୁଧ୍ୟାନ କରିବା ସହ ଜିଲ୍ଲା ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ମଧ୍ୟ ଯାଞ୍ଚ କରିଛି। ତଥାପି ପୂର୍ବ ଘଟଣା ଭଳି ଏହି ମାମଲା ମଧ୍ୟ ଫାଇଲରେ ସୀମିତ ରହିବ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଚୋରି ସମୟର ସମସ୍ତ ସିସିଟିଭି ଫୁଟେଜ୍ ଉପଲବ୍ଧ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁରାଗ ମିଳି ପାରିନାହିଁ। ଅନ୍ୟପଟେ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସମଗ୍ର ଅଷ୍ତରଙ୍ଗ ଥାନା ଅଞ୍ଚଳରେ ଥାନା ଅଧିକାରିଣୀ ଓ କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦନ ପାଢୀ କହିଛନ୍ତି ଯେ ପୋଲିସ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ହୋଇଛି ଏବଂ ଆଗକୁ ଏଭଳି ଘଟଣା ନଘଟିବା ପାଇଁ ପଦକ୍ଷେପ ନିଆଯିବ। ବଦଳି ପ୍ରସଙ୍ଗରେ ସେ କହିଛନ୍ତି ପୋଲିସ ପକ୍ଷରୁ ତଦନ୍ତ ଜୋରଦାର କରାଯାଉଛି ଏବଂ ଏସପି ସାର ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ପରିସ୍ଥିତିରେ ସୁଧାର ଆଣିବେ ବୋଲି କହିଛନ୍ତି। ବ୍ୟବସାୟୀ ସଂଘ ସଭାପତି ତଥା ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା କହିଛନ୍ତି, 'ଗତ ଫେବୃଆରୀରୁ ଅଷ୍ତରଙ୍ଗରେ ମଠ, ମନ୍ଦିର ଓ ଦୋକାନରୁ କ୍ରମାଗତ ଚୋରି ହେଉଛି। ରାତ୍ର ପାଟ୍ରୋଲିଂ ନାହିଁ। ନିଶା ଓ ବାଲି ମାଫିଆ ସକ୍ରିୟ ରହିଛନ୍ତି। ତୁରନ୍ତ ଥାନା ଅଧିକାରିଣୀ ଓ କିଛି କର୍ମଚାରୀଙ୍କୁ ବଦଳି କରାଯାଉ।' ଅନ୍ୟ ଜଣେ ବ୍ୟବସାୟୀ ସତ୍ୟବ୍ରତ ଲେଙ୍କା କହିଛନ୍ତି, 'ଗତ ୭ ମାସରେ ଅଷ୍ତରଙ୍ଗରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ପ୍ରତି ଘଟଣାରେ କେବଳ ମାମଲା ରୁଜୁ ହେଉଛି କିନ୍ତୁ ଦୁର୍ବୃତ୍ତ ଧରାପଡୁନାହାନ୍ତି। ଆମେ ସୁରକ୍ଷା ଚାହୁଁଛୁ। ଯଦି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହୁଏ ତେବେ ଆମେ ଆନ୍ଦୋଳନକୁ ଆହୁରି ତୀବ୍ର କରିବୁ।' ସମୁଦାୟରେ ଗତ ୭ ମାସରେ ଅଷ୍ତରଙ୍ଗ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଘରୋଇ ପାଥୋଲାବ୍‌ର ତ୍ରୁଟିପୂର୍ଣ୍ଣ ରିପୋର୍ଟ

କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ (ବ୍ୟୁରୋ): ଘରୋଇ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଜୀବନ ସହ ଖେଳଚାଲିଛି। ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁଁ ଜଣେ ୫ବର୍ଷର ଝିଅର ଜୀବନ ଚାଲିଯାଇଥାନ୍ତା ବୋଲି ଜଣେ ଅଭିଭାବକ ଅଭିଯୋଗ କରିଛନ୍ତି। ଅଭିଭାବକ ଜଣକ କୁମ୍ଭାରପଡ଼ା ଥାନାରେ ସମ୍ପୃକ୍ତ ଡାଇଗ୍ନୋଷ୍ଟିକ ସେଣ୍ଟର ବିରୋଧରେ ଏତଲା ଦେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ମୃତାବକ ଅଭିଯୋଗ ତାଳବଣିଆ ଥାନା ଅଧୀନ ପଣ୍ଡା ବଗିଚା ନୀଳାଦ୍ରି ନଗର ଲେନ-୨ରେ ରହୁଥିବା ନିଶିକାନ୍ତ ବେହେରାଙ୍କ ୫ବର୍ଷ ଝିଅର ଗତ ୨ତାରିଖରେ ପେଟରେ ପ୍ରବଳ ଯନ୍ତ୍ରଣା ଅନୁଭବ କରିଥିଲା । ସେ ଝିଅକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହିର୍ବିଭାଗରେ ଦେଖାଇଥିଲେ। ଡାକ୍ତର ତାଙ୍କୁ ଅଲଟ୍ରାସାଉଣ୍ଡ କରିବା ପାଇଁ କହିଥିଲେ। ରବିବାର ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ବିଭାଗ ବନ୍ଦ ରହିଥିଲା । ଏଣୁ ନିଶିକାନ୍ତ ଗୁଣ୍ଡିଚା ମନ୍ଦିର ନିକଟ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ସେଣ୍ଟରରେ ଅଲଟ୍ରାସାଉଣ୍ଡ କରିଥିଲେ। ଅଲଟ୍ରାସାଉଣ୍ଡ ରିପୋର୍ଟରେ ପେଟରେ କୌଣସି ଅସୁବିଧା ନଥିବା ଜଣା ପଡ଼ିଥିଲା। ଡାକ୍ତର ରିପୋର୍ଟ ଦେଖିବା ପରେ ସାଧାରଣ ଔଷଧ ଲେଖିଥିଲେ କିନ୍ତୁ ଝିଅର ପେଟ ଯନ୍ତ୍ରଣା କମ ହୋଇ ନଥିଲା। ଫଳରେ ନିଶିକାନ୍ତ ବ୍ୟତିବ୍ୟସ୍ତ ହୋଇ ଝିଅକୁ କଟକର ଏକ ଘରୋଇ ଡାକ୍ତରଖାନାରେ ଦେଖାଇଥିଲେ। ସେଠାରେ ଅଲଟ୍ରାସାଉଣ୍ଡ ପରେ ପେଟରେ ଆପେଣ୍ଡିକ୍ସି ହେବା ସହ ବିଳମ୍ବ ଯୋଗୁ ଝିଅର ଅବସ୍ଥା ଗୁରୁତର ରହିଛି ବୋଲି କହିଥିଲେ । ଡାକ୍ତର ତୁରନ୍ତ ଅସ୍ତୋପଚାର ପାଇଁ କହିଥିଲେ। ନିଶିକାନ୍ତ ସେଠାରେ ଝିଅର ଅସ୍ତୋପଚାର ପରେ ସେ ସୁସ୍ଥ ହୋଇଛି। ଆଉ ବିଳମ୍ବ ହୋଇଥିଲେ କଣ ଯେ ହେଇଥାନ୍ତା ତାହା କଳ୍ପନା କରିହେଉନି। ନିଶିକାନ୍ତ ପୁରୀକୁ ଫେରିବା ପରେ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ସେଣ୍ଟରରେ ପହଞ୍ଚି ତାଙ୍କର ଭୁଲ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ତାଙ୍କ ଝିଅର ଜୀବନ ବିପଦରେ ରହିଥିବା ସମ୍ପର୍କରେ କହିଥିଲେ। କିନ୍ତୁ ସମ୍ପୃକ୍ତ ଡାଇଗ୍ନୋଷ୍ଟିକ ସେଣ୍ଟରର କିଛି କର୍ମଚାରୀ ତାଙ୍କ ରିପୋର୍ଟ ଠିକ କହିବା ସହ ତାଙ୍କୁ ସେଠାରୁ ବାହାର କରି ଦେଇଥିଲେ। ଏନେଇ ନିଶିକାନ୍ତ ସମ୍ପୃକ୍ତ ଡାଇମ୍ୱାଷ୍ଟିକ ସେଣ୍ଟର ବିରୋଧରେ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଏନେଇ କ୍ରିଷ୍ଣା ଡାଇମ୍ୱୋଷ୍ଟିକ ସେଣ୍ଟରର ସତ୍ତ୍ୱାଧିକାରୀ ପରିକ୍ଷିତ ସାହୁ କହନ୍ତି, ଛୋଟ ପିଲାଙ୍କର ଅଲଟ୍ରା ସାଉଣ୍ଡରେ ଆପେଣ୍ଡିକ୍ସି ଠିକ୍ ?ରେ ଚିହ୍ନଟ ହୋଇ ପାରେନାହିଁ। ମାତ୍ର ୨ସେଣ୍ଟିମିଟରର ଆପେଣ୍ଡିକ୍ସି ଅଲଟ୍ରା ସାଉଣ୍ଡରେ ଠିକରେ ଦେଖାଯାଏ ଏ । ନାହିଁ । ଏଠାରେ ପରୀକ୍ଷା କରିବାର ୨ଦିନ ପରେ ସେ କଟକରେ ପରୀକ୍ଷା କରିଛନ୍ତି। ସେତେବେଳେ ଝିଅର ଅବସ୍ଥା ଗୁରୁତର ଥିବା ଯୋଗୁ ସେଠାରେ ଅଲଟ୍ରା ସାଉଣ୍ଡ କରିବା ପରେ ଆପେଣ୍ଡିକ୍ସି ଚିହ୍ନଟ ହୋଇପାରିଛି। ଏଥିରେ ଆମର କିଛି ଭୁଲ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ସୁଶୀଳା

କଣାସ(ଅମୃତ ମିଡିଆ): ପୁରୀ ଜିଲ୍ଲା କଣାସ ବ୍ଲକ ଅଣ୍ଡାଳଫିଟ ପଞ୍ଚାୟତ ଅନ୍ତର୍ଗତ ମାଡ଼ାପୁର ଗ୍ରାମର ସୁଶୀଳା ମଝାଣା (୮୭) ସରକାରୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି। ବୟସ ୮୭ ସତ୍ତ୍ୱେ ସେ ମାସିକ ୧ହଜାର ଟଙ୍କା ଭତ୍ତା ପାଉଥିବା କହିଛନ୍ତି। ସୁଶୀଳା ବୟସ ଓ ଭତ୍ତା ସମସ୍ୟା ନେଇ ସେ ଅନେକଥର କଣାସ ବିଡିଓ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଏଯାଏ ତାଙ୍କ ସମସ୍ୟାର ସମାଧାନ ହୋଇ ନ ଥିବା ସେ କହିଛନ୍ତି। ସରକାରଙ୍କ ୮୦ ପାର ବର୍ଦ୍ଧିତ ଭତ୍ତା ଅନୁଯାୟୀ ସୁଶୀଳା ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି । କିନ୍ତୁ ତାଙ୍କୁ ମାସିକ ୩,୫୦୦ ଟଙ୍କା ଭତ୍ତା ମିଳୁନାହିଁ। ବୃଦ୍ଧାବସ୍ଥାରେ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ନ କରିବାକୁ ତୁରନ୍ତ ତାଙ୍କ ଭତ୍ତା ରେକର୍ଡ ଓ ଯୋଗ୍ୟତା ଯାଞ୍ଚ କରାଯାଉ ବୋଲି ଦାବି ହୋଇଛି।

ନିର୍ବାଚନୀ ସାକ୍ଷରତା ଓ ଯୁବ ଭୋଟର ପଞ୍ଜୀକରଣ ସଚେତନତା କାର୍ଯ୍ୟକ୍ରମ

ନିମାପଡା(ଅମୃତ ମିଡିଆ): ଭାରତ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ।ଗଣତନ୍ତ୍ର କୁ ସୁସ୍ଥ, ସୁଦୃଢ଼ ଓ କ୍ରିୟାଶୀଳ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଏଥିରେ ମତଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଯୁବଭୋଟର ମାନେ ନିଶ୍ଚିତ ମତଦାନ କରିବାକୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି ଅତିଥି ମାନେ। ନିର୍ବାଚନୀ ସାକ୍ଷରତା ଓ ଯୁବ ଭୋଟର ପଞ୍ଜୀକରଣ" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ପକ୍ଷରୁ, ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ର ଏଇଆରଓଙ୍କ ସହଯୋଗରେ ଆଜି ଅପରାହ୍ନ ରେ ମହାବିଦ୍ୟାଳୟର ଗ୍ୟାଲେରୀ ହଲ୍‌ରେ ଆୟୋଜିତ ହୋଇଥିଲା।ଏଥିରେ ଯୋଗ ଦେଇ ନିମାପଡା ବିଡ଼ିଓ ଅଭିଜିତ ଷଡଙ୍ଗୀମୁଖ୍ୟ ଏବଂ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୧୮ ବର୍ଷ ରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ଜଣେ ଭୋଟର ହେବାକୁ ଯୋଗ୍ୟ।ତେବେ ନିଜ ବିଏଲଓଙ୍କ ମାଧ୍ୟମରେ ବା ଇସିଆଇର ଆପ ମାଧ୍ୟମରେ ନିଜ ନାମ ପଞ୍ଜିକରଣ କରିବା ଆବଶ୍ୟକ।ଗଣତନ୍ତ୍ର ପାଇଁ ଯୁବପିଢ଼ିର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରାଜକିଶୋର ମିଶ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଛାତ୍ରଛାତ୍ରୀ ମାନେ ନିର୍ବାଚନୀ ସଚେତନତା, ଦାୟିତ୍ୱବୋଧ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଡ. ରବୀନ୍ଦ୍ରନାଥ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ପ୍ରିୟଦର୍ଶିନୀ ସାହୁ କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା, ଏବଂ ବିଏଲଓ ସୁପରଭାଇଜର ଶ୍ରୀମତୀ ସସ୍ମିତା ମିଶ୍ର ବିବିଧ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଶ୍ରୀମତୀ କାଦମ୍ବିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳିତ

ଗୋପ(ଅମୃତ ମିଡିଆ): ଭାରତୀୟ ଜନତା ପାର୍ଟି (ବିଜେପି) ଗୋପ ମଣ୍ଡଳ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ଗୋପ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆୟୋଜିତ ସ୍ମୃତିଚାରଣ ସଭାରେ ଦଳୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଅଟଳଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅମର ସ୍ମୃତିକୁ ସ୍ମରଣ କରିଥିଲେ। ସଭାରେ ବକ୍ତାମାନେ ଅଟଳଜୀଙ୍କ ସଂଘର୍ଷମୟ ରାଜନୈତିକ ଜୀବନ, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ରାଷ୍ଟ୍ରନିର୍ମାଣ ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ବିରୋଧୀ ଦଳରେ ଦୀର୍ଘ ସମୟ ରହିଥିଲେ ମଧ୍ୟ ନିଜର ଉଚ୍ଚ ରାଜନୈତିକ ମର୍ଯ୍ୟାଦା, ଯୁକ୍ତିସଙ୍ଗତ ଭାଷଣ ଓ ସମସ୍ତଙ୍କ ପ୍ରତି ସମ୍ମାନ ଯୋଗୁଁ ସେ ସମସ୍ତ ଦଳରେ ଆଦରଣୀୟ ହୋଇପାରିଥିଲେ। ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ଶାସନକାଳରେ ସ୍ୱର୍ଣ୍ଣିମ ଚତୁର୍ଭୁଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ସର୍ବ ଶିକ୍ଷା ଅଭିଯାନ ଭଳି ପଦକ୍ଷେପ ଦେଶର ଭିତ୍ତିଭୂମି, ଗ୍ରାମୀଣ ସଂଯୋଗ ଓ ଶିକ୍ଷା କ୍ଷେତ୍ରକୁ ନୂଆ ଦିଗ ଦେଇଥିଲା। ୧୯୯୮ର ପୋଖରାନ୍ ଆଣବିକ ପରୀକ୍ଷଣ ମାଧ୍ୟମରେ ସେ ଭାରତର ରଣନୈତିକ ଆତ୍ମବିଶ୍ୱାସକୁ ବିଶ୍ୱସମୁଦାୟ ସମ୍ମୁଖରେ ପ୍ରକାଶ କରିଥିଲେ। ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଗଠନ ଏବଂ ଓଡ଼ିଶାର ଜୁଏ

ଆସିକା ବ୍ଲକରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ

ଆସିକା (ଅମୃତ ମିଡିଆ): ଆସିକା ବ୍ଲକ ତାଲୁକାସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆଜି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରି ସରକାରୀ ସୁବିଧା, ପ୍ରମାଣପତ୍ର, ଭତ୍ତା ଓ ଆବଶ୍ୟକ ସହାୟକ ଉପକରଣ ଯୋଗାଇଦେବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ରହିଥିବା ବେଳେ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ସଙ୍ଗୀତ ପାଢ଼ୀ, ଆସିକା ବ୍ଲକ ଉପାଧ୍ୟକ୍ଷା ଏସ. ରେଶମା ଦୋରା, ବିଡିଓ ରାଜେନ୍ଦ୍ର ପ୍ରସାଦ ନାୟକ, ଏବିଡିଓ ସୁଶାନ୍ତ କୁମାର ବେହେରା, ବ୍ଲକ ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା, ବ୍ଲକ ଆତ୍ମା ଅଧକ୍ଷ ବିଜୟ କୁମାର ସ୍ୱାଇଁ, ନଳବଣ୍ଡା ସରପଞ୍ଚ କିଶୋର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବର୍ଗର ମୋଟ ୩୪ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ଚଳନଜନିତ ଭିନ୍ନକ୍ଷମ ୨୧ ଜଣ, ଶ୍ରବଣ ବାଧିତ ୭ ଜଣ, ଦୃଷ୍ଟି ବାଧିତ ୨ ଜଣ, ମାନସିକ ଭିନ୍ନକ୍ଷମ ୨ ଜଣ, ମାନସିକ/ବୌଦ୍ଧିକ ଭିନ୍ନକ୍ଷମ ୧ ଜଣ ଏବଂ ଅନ୍ୟ ବର୍ଗର ୧ ଜଣଙ୍କୁ ପଞ୍ଜିକରଣ କରାଯାଇଥିଲା । ଏଥିରେ ୭ ଜଣଙ୍କୁ ଟ୍ରାଇସାଇକେଲ, ୧ ଜଣଙ୍କୁ ୱାକର୍ ଏବଂ ୨ ଜଣଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ୧୦ ଜଣ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା । ରହି ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପଞ୍ଜୀକରଣ, ଚିକିତ୍ସା ଓ ଆକଳନ ସହ ସରକାରୀ ଯୋଜନାରେ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ଓ ୟୁଡିଆଇଡି ସମ୍ପର୍କିତ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭିନ୍ନକ୍ଷମ ବ୍ୟକ୍ତିମାନେ ଯେପରି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ନହୁଅନ୍ତି ଏବଂ ସମାଜର ମୁଖ୍ୟସ୍ରୋତରେ ସମ୍ମାନର ସହ ସାମିଲ ହୋଇପାରନ୍ତି, ସେଥିପାଇଁ ଏଭଳି ଶିବିରର ଆୟୋଜନ କରାଯାଉଛି ।

ଶିବିର ମାଧ୍ୟମରେ ଭିନ୍ନକ୍ଷମଙ୍କ ଆବଶ୍ୟକତା ଚିହ୍ନଟ ସହ ସେମାନଙ୍କୁ ଆତ୍ମନିର୍ଭର କରିବା, ଜୀବନଯାପନକୁ ସହଜ କରିବା ଏବଂ ସରକାରୀ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବା ଦିଗରେ ପଦକ୍ଷେପ ନିଆଯାଇଛି ।

ପଞ୍ଚମ ହାରାମଣି ବିଶ୍ୱାଳ ସ୍ମୃତି ମେଧାବୃତ୍ତି ପ୍ରଦାନ

ରାଜନଗର (ଅମୃତ ମିଡିଆ): ରାଜନଗର ବ୍ଲକ ଓଷିଆ ପଂଚାୟତ ଅନ୍ତର୍ଗତ ଓଷିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ପଞ୍ଚମ ହାରାମଣି ବିଶ୍ୱାଳ ସ୍ମୃତି ମେଧାବୃତ୍ତି ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ସୁତାର ଆନୁଷ୍ଠାନିକ ଭାବରେ ଏହାକୁ ଆରମ୍ଭ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ହେମନ୍ତ କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା'ରିଫ୍ଲେକ୍ସନ ' ଉନ୍ମୋଚନ କରାଯାଇଥିଲା।ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅନିଲ କୁମାର ବଳ ଉପସ୍ଥିତ ରହି ଆମ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ଛାତ୍ର

ଶୁଭମ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଏହା ସହିତ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଶିକ୍ଷାବିତ ପ୍ରସନ୍ନ କୁମାର ଦାସ, ଭାଗବତ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଏବଂ ସଭାପତି ଶକୁନ୍ତଳା ନାୟକ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ,ବଳରାମ ପାତ୍ର, ପରମେଶ୍ୱର ଦାସ, ଶୁଭେନ୍ଦୁ ଓଝା, ସାଗର ବଳ, ସୁରେଶ ପାତ୍ର, ଶିବରାମ ନାୟକ ଏବଂ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଶେଷରେ ଫାଉଣ୍ଡେସନର ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଠାବ
ମୃତ୍ୟୁ ରହସ୍ୟ ସନ୍ଦେହଘେରରେ

ହିଞ୍ଜୋଳ (ଅମୃତ ମିଡିଆ): ଜଣେ ସୁନା ବ୍ୟବସାୟୀଙ୍କ ମୃତଦେହ ଗୁରିଲୋ ନିକଟସ୍ଥ କାଜୁ ଜଙ୍ଗଲରେ ପଡ଼ିଥିବା ଆଜି ଦେଖିବାକୁ ମିଳିଥିଲା। ସେହି ବ୍ୟକ୍ତି ଜଣଙ୍କ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ କାଶିହାଡିହି ମଇଧରପୁର ଗ୍ରାମର ପ୍ରଦୀପ କୁମାର ସାହୁ(୪୫) ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ ହିଞ୍ଜୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ଗୁରିଲୋ ନିକଟସ୍ଥ କାଜୁ ଜଙ୍ଗଲରେ ପ୍ରଦୀପଙ୍କ ମୃତଦେହ ଲୋକମାନେ ଦେଖି ପୁଲିସ୍ କୁ ଖବର ଦେଇଥିଲେ। ବାଲିମୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କୁ ଚିହ୍ନଟ କରିଥିଲେ। କିନ୍ତୁ ତାହା ହତ୍ୟା କି ଆତ୍ମହତ୍ୟା ତାହା ସନ୍ଦେହ ଘେରରେ ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ନିମଖଣ୍ଡି ଥାନା ନିର୍ମାଣ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁରିକୁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସ୍ୱାଗତ

ବ୍ରହ୍ମପୁର (ଅମୃତ ମିଡିଆ): ସହର ତାଲି ଅଞ୍ଚଳ ଓ ବ୍ରହ୍ମପୁର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତରେ ବୃଦ୍ଧି ପାଉଥିବା ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ଓ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ନିମଖଣ୍ଡି ଆଉଟ୍ ପୋଷ୍ଟକୁ ଫୁଲ୍ ଫ୍ଲେଜ୍ ପୋଲିସ ଥାନା ରେ ପରିଣତ କରିବା ପାଇଁ ସହର ତାଲି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ସେହି ଦାବିକୁ ସମ୍ମାନ ଜଣାଇ ତତ୍କାଳୀନ ରାଜ୍ୟ ସରକାର ତାକୁ ଥାନା ରେ ପରିଣତ କରିଥିଲେ। କିନ୍ତୁ ଜିଲ୍ଲା ପ୍ରଶାସନ ଥାନାର ନିଜସ୍ୱ କୋଠା ନିର୍ମାଣ ସକାଶେ ନିର୍ଦ୍ଧିଷ୍ଟ ଅବଧି ମଧ୍ୟରେ ଜମି ଚିହ୍ନଟ କରି ଯୋଗାଇବାରେ ବିଫଳ ହେବାରୁ ସେତେବେଳେ ଏଥି ନିମନ୍ତେ ଅନୁମୋଦନ ହୋଇଥିବା ଅର୍ଥ ଫେରି ଯାଇଥିଲା। ତେଣୁ ତାତ୍କାଳିକ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଖାଜା ସାହିରେ ଥିବା ମହିଳା ଥାନାର ପୁରୁଣା କୋଠାରେ ନିମଖଣ୍ଡି ଥାନା ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରୁ ଆସୁଛି। ଫଳରେ ଯେଉଁ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଏହି ଥାନା ସୃଷ୍ଟି କରଯାଇଥିଲା ତାହା ପରାହତ ହେଉଚି ବୋଲି ସହର ତଳି ଅଞ୍ଚଳ କମିଟି ପକ୍ଷରୁ ଦର୍ଶାଯାଇ ଆସୁଥିଲା । ବିଳମ୍ବରେ ହେଲେ ମଧ୍ୟ ଏବେ ପୁଣି ରାଜ୍ୟ ସରକାର ନିମଖଣ୍ଡି ଥାନା ର ନିଜସ୍ୱ ବିଲ୍ଡିଂ ନିର୍ମାଣ ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଥାନାର ନିଜସ୍ୱ କୋଠା ନିମଖଣ୍ଡି ବୋରିଗାଁ ରାସ୍ତା ପାର୍ଶ୍ୱରେ ଥିବା ସବ୍ ଷ୍ଟେସନ ନିକଟରେ ଚିହ୍ନିତ ହୋଇଥିବା ସରକାରୀ ଜାଗାରେ ନିର୍ମାଣ ହେବାକୁ ସ୍ଥିର ହୋଇଥିବା ନିମଖଣ୍ଡି ଥାନା ଆଇଆଇସି ଖବରକୁ ପୁଷ୍ଟି କରିଛନ୍ତି।

ଏହି ମଞ୍ଜୁରୀ କୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପୂର୍ଣ୍ଣ ସ୍ୱାଗତ କରୁଛି ବୋଲି ଏହାର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି। ଏବଂ ଏଥିପାଇଁ ରାଜ୍ୟ ସରକାର, ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଶାସନକୁ ଆମର ଆନ୍ତରିକ ଧନ୍ୟବାଦ ଜଣାଉଛୁ। ନିଜସ୍ୱ ବିଲ୍ଡିଂ ହେଲେ ଅଞ୍ଚଳର ଆଇନ ଶୃଙ୍ଖଳା ଆହୁରି ସୁଦୃଢ଼ ହେବ ଏବଂ ସାଧାରଣ ଜନତା ଠିକ୍ ସମୟରେ ପୋଲିସ ସେବା ପାଇପାରିବେ ବୋଲି କମିଟି ଆଶା ପ୍ରକାଶ କରିଛି। ଏଥି ସହିତ ଆମେ ଦାବି କରୁଛୁ ଯେ ଯଥାଶୀଘ୍ର ପୋଲିସ ହାଉସିଙ୍ଗ କର୍ପୋରେସନ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ।

ବାଟାଲିୟନ ଏନ୍.ସି.ସି ତରଫରୁ 'ହର ଘର ତ୍ରିରଙ୍ଗା' ଅଭିଯାନ

ବ୍ରହ୍ମପୁର (ଅମୃତ ମିଡିଆ): ବ୍ରହ୍ମପୁର ଏନ୍.ସି.ସି ଗ୍ରୁପ୍ ଅନ୍ତର୍ଗତ ୧୦(ଡ) ବାଟାଲିୟନ ଏନ୍.ସି.ସି ତରଫରୁ ଆଜି 'ହର ଘର ତ୍ରିରଙ୍ଗା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଉମା ଚରଣ ପଟ୍ଟନାୟକ ଯାନ୍ତିକ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ଶୋଭାଯାତ୍ରା କୋର୍ଟପେଟା ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା ଆକାରେ ବାହାରିଥିଲା। ଏହି ଶୋଭାଯାତ୍ରାରେ ୧୦ ବାଟାଲିୟନ ଏନ୍.ସି.ସି ର କମାଣ୍ଡିଙ୍ଗ ଅଫିସର ଲେଫଟନାଣ୍ଟ କର୍ଣ୍ଣଲ ନୀତିନ ସହାଇ, ସିନିୟର ଜେସିଓ ସୁବେଦାର ମେଖ ବାହାଦୂର ଥାପା, ୧୪ ଜଣ ଏନ୍.ସି.ସି ପି.ଆଇ ଷ୍ଟାଫ୍, ୪ ଜଣ ଏଏନଓ ଙ୍କ ସହ ପୋଲିସ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ସିନିଅର ଅଣ୍ଡର ଅଫିସର ହରେକୃଷ୍ଣ ସ୍ୱାଇଁ, ଜୁନିୟର ଅଣ୍ଡର ଅଫିସର ଚନ୍ଦନ କୁମାର, ତପସ୍ୱିନୀ ବେହେରା, ତେଜସ୍ୱିନୀ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଉମା ଚରଣ ପଟ୍ଟନାୟକ ଯାନ୍ତିକ ବିଦ୍ୟାଳୟ, ସିଟି ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର - ନୀଳକଣ୍ଠ ନଗର ଓ ଗଜପତି ନଗର, ଝଟ୍ଟ. ଢବଙ୍ଗସରଙ୍କ ଆୟୁପୁଆ ଏବଂ ଏମଏଭି ବ୍ରହ୍ମପୁର ଆଦି ବିଦ୍ୟାଳୟରୁ ମୋଟ ୧୦୫ ଜଣ ଏନସିସି କ୍ୟାଡେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ ।ସ୍ୱାଧୀନ ଭାରତର ୮୦ତମ ବର୍ଷପୂର୍ତ୍ତି ଉପଲକ୍ଷେ ଦେଶବାସୀଙ୍କ ମଧ୍ୟରେ ଜାତୀୟତା ଓ ଦେଶପ୍ରେମ ଭାବନା ଜାଗ୍ରତ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ପୋଲସରା: ବିଭିନ୍ନ ସ୍ଥାନରେ ୮୦ତମ ସ୍ୱାଧୀନତା ଦିବସ

ବିଭାଗୀୟ ଅଦାଲତରେ ୮୦ତମ ସ୍ୱାଧୀନତା ଦିବସ

ପୋଲସରା (ଅମୃତ ମିଡିଆ): ପୋଲସରା ବିଚାର ବିଭାଗୀୟ ଅଦାଲତ ପରିସରରେ ଦେଶର ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ, ଉଦ୍ଦୀପନା ଓ ଦେଶପ୍ରେମର ଭାବନା ସହ ପାଳିତ ହୋଇଛି। ଏହି ଅବସରରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଏ. ଅବିନାଶ ନାଇଡୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।ପୋଲସରା ଓକିଲ ସଂଘର ସଭାପତି ଶ୍ରୀ କବିରାଜ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ନାଇଡୁ ସ୍ୱାଧୀନତା ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ, ସଂଘର୍ଷ ଓ ବଳିଦାନ କରିଥିବା ସ୍ୱାଧୀନତା ସଂଗ୍ରାମୀ ତଥା ମହାପୁରୁଷମାନଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରିବା ସହ ସେମାନଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଜଣାଇଥିଲେ। ଏଥିସହ ସେ ଉପସ୍ଥିତ ସମସ୍ତଙ୍କୁ ୮୦ତମ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ପୋଲସରା ଓକିଲ ସଂଘର ସମ୍ପାଦକ ଶ୍ରୀ ବ୍ରଜେନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀ ବିଜୟ କୁମାର ସାସମଲ, ଶ୍ରୀ ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀ ଶରତ ଚନ୍ଦ୍ର ପଟ୍ଟନାୟକ, ଶ୍ରୀ କାହ୍ନୁ ଚରଣ ସାହୁ, ଶ୍ରୀ ଲକ୍ଷ୍ମୀକାନ୍ତ ପାଢ଼ୀ, ଶ୍ରୀ ବ୍ରଜବନ୍ଧୁ ଦଳବେହେରା, ଶ୍ରୀ ରଜନୀକାନ୍ତ ପ୍ରଧାନ, ଶ୍ରୀ ପ୍ରହଲ୍ଲାଦ ବିଷୋୟୀ, ଶ୍ରୀ ରଜନୀକାନ୍ତ ମିଶ୍ର, କେ. ରବୀନ୍ଦ୍ର କୁମାର ପାତ୍ର, ଏ. ପ୍ରଶାନ୍ତ କୁମାର ଆଚାରୀ, ଶ୍ରୀ ସନ୍ୟାସୀ ସାହୁ, ଶ୍ରୀମତୀ ଶର୍ମିଷ୍ଠା ପାତ୍ର, ଶ୍ରୀ ହରପ୍ରସାଦ ଦାସ, ଶ୍ରୀ ସୀତାକାନ୍ତ ମିଶ୍ର, ଶ୍ରୀ କପିଳ ପୋଲେଇ, ଶ୍ରୀ ଅନିଲ କୁମାର ମାହାଙ୍କୁଡ, ଶ୍ରୀ ଦେବାଶିଷ ପାତ୍ର ପ୍ରମୁଖ ଅଧିବକ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଉପସ୍ଥିତ ଅଧିବକ୍ତାମାନେ ନିଜ ନିଜ ଅଭିଭାଷଣରେ ଭାରତର ସ୍ୱାଧୀନତା ସଂଗ୍ରାମର ଗୌରବମୟ ଇତିହାସ, ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶ, ଦେଶପ୍ରେମ, ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷମାନଙ୍କ ଅକ୍ଲାନ୍ତ ସଂଘର୍ଷ, ତ୍ୟାଗ ଓ ବଳିଦାନର ଫଳସ୍ୱରୂପ ଆମ ଦେଶ ସ୍ୱାଧୀନତା ଲାଭ କରିଥିଲା। ତେଣୁ ସେମାନଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ଅନୁସରଣ କରି ଦେଶର ଏକତା, ଅଖଣ୍ଡତା, ଗଣତନ୍ତ୍ର, ସାମ୍ବିଧାନିକ ମୂଲ୍ୟବୋଧ ଓ ନ୍ୟାୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୋଲସରା ବିଚାର ବିଭାଗୀୟ ଅଦାଲତର ସମସ୍ତ କୋର୍ଟ ଷ୍ଟାଫ୍ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଦେଶର ସ୍ୱାଧୀନତା, ଏକତା, ଅଖଣ୍ଡତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ସହ ନ୍ୟାୟ ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ରହିବାକୁ ସଂକଳ୍ପବଦ୍ଧ ହୋଇଥିଲେ।

ସେବାନିବୃତ ସରକାରୀ କର୍ମଚାରୀ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ

ଚଳିତ ଅଗଷ୍ଟ ୧୫ ତାରିଖ ଶନିବାର ଦିନ ପୋଲସରା ସେବାନିବୃତ ସରକାରୀ କର୍ମଚାରୀ ଶିକ୍ଷକ ସଂଘ ପକ୍ଷରୁ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ସ୍ଥାନୀୟ ମହାବୀର ଦନ୍ତ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ନାରୀନେତ୍ରୀ ଜୟନ୍ତୀ ପଡିଆରି ଯୋଗଦେଇ ସାମ୍ବିଧାନିକ ନିୟମ ପ୍ରକାରେ ଜାତୀୟ ପତାକା ଉତ୍ତୋଳନ କରିବାପରେ ସାମୁହିକ ଭାବେ ଜାତୀୟ ସଙ୍ଗୀତ ଜନ-ଗଣ-ମନ ଗାନ କରାଯିବା ସହିତ ବିଭିନ୍ନ ଜାତୀୟ ସ୍ଲୋଗାନ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ସମେତ ଉପସ୍ଥିତ ସେବାନିବୃତ କର୍ମଚାରୀ ଏବଂ ଶିକ୍ଷାବିତ୍‌ବୃନ୍ଦ ସ୍ୱାଧୀନତା ଦିବସର ଅନୁଚିନ୍ତା ଉପରେ ନିଜ ନିଜର ସୁଚିନ୍ତିତ ସାରଗର୍ଭ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଉତ୍ସବରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷମାନଙ୍କୁ ଟ୍ରଷ୍ଟ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପୃକ୍ତ କାର୍ଯ୍ୟକ୍ରମଟି ସଂଘ ସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ ପ୍ରଧାନ ଶିକ୍ଷକ ରାଧାଶ୍ୟାମ ପଣ୍ଡାଙ୍କ ସଭାପତିତ୍ୱ ଏବଂ ଯୁବ କବି ତଥା ମଞ୍ଚ ଉପସ୍ଥାପକ ରାଇ ରଞ୍ଜନ ନନ୍ଦଙ୍କ ସଂଯୋଜନାରେ ହୋଇଥିବା ବେଳେ ଟ୍ରଷ୍ଟର ଦନ୍ତ ଚିକିତ୍ସକ ସୁଜିତ କୁମାର ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ବିଶ୍ୱାଳ ଉପସ୍ଥିତ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସହୀଦ ପୀଠରେ ୮୦ତମ ସ୍ୱାଧୀନତା ଦିବସ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହିଅବସରରେ ସଂଘ ସଦସ୍ୟ ମାନେ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଜଗଦଳପୁର ଗ୍ରାମର ସହିଦ ଶ୍ରୀନିବାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ। ସହିଦ ପୀଠରେ ଅବସରପ୍ରାପ୍ତ ସେନା କର୍ମଚାରୀ ମାନେ କାର୍ଗିଲ ଯୁଦ୍ଧରେ ସହିଦ ହୋଇଥିବା ଲାଞ୍ଜ ନାଏକ ସହିଦ ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କରି ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସହିଦ ଶ୍ରୀନିବାସଙ୍କ ବଡ ଭାଇ ଏସ କ୍ରୀଷ୍ଣା ପାତ୍ରଙ୍କ ଉପସ୍ଥିତ ଥିଲେ । ସେନା କର୍ମଚାରୀ ସଂଘ ସଭାପତି କାଳୁ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଉପସଭାପତି ନିକୁଞ୍ଜ ପ୍ରଧାନ,ସମ୍ପାଦକ ଅଭୟ ଚରଣ ପାତ୍ର,ପ୍ରସନ୍ନ ଚୌଧୁରୀ ଏବଂ ଗଣମାଧ୍ୟମ ସଂଯୋଜକ ଶିବଶଙ୍କର ମାଝୀ,ଚିତ୍ରସେନ ବାରିକଙ୍କ ସମେତ ଶତାଧିକ ସଦସ୍ୟ

ଶିକ୍ଷାର ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ ବିଦ୍ୟାଳୟରେ ପହଞ୍ଚିଲେ ଜିଲ୍ଲାସ୍ତରୀୟ ଅଧିକାରୀ

ଫୁଲବାଣୀ /ବାଲିଗୁଡ଼ା (ଅମୃତ ମିଡିଆ) : ବିଦ୍ୟାଳୟର ଚାରିକାନ୍ଥ ଭିତରେ ସୀମିତ ନରହି ଶିକ୍ଷା ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟରେ କନ୍ଧମାଳ ଜିଲ୍ଲାରେ ଆରମ୍ଭ ହୋଇଛି ଅଭିନବ ପଦକ୍ଷେପ 'ଟିଚ୍ କନ୍ଧମାଳ'। ଏହି ପଦକ୍ଷେପ ଅଧୀନରେ ସୋମବାର ବାଲିଗୁଡ଼ା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ପହଞ୍ଚିଥିଲେ ଜିଲ୍ଲାସ୍ତରୀୟ ଅଧିକାରୀମାନେ।ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ଶିଶୁଙ୍କ ନିକଟରେ ପହଞ୍ଚି ଶିକ୍ଷାଦାନର ବିଭିନ୍ନ ଦିଗ ଅନୁଧ୍ୟାନ କରିବା, ସମସ୍ୟା ଚିହ୍ନଟ କରିବା ଏବଂ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ ସହ ଜଡ଼ିତ ହିତଧାରୀଙ୍କୁ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ୨୦୨୬-୨୭ ଶିକ୍ଷାବର୍ଷରୁ ଏହାକୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଛି। ଏହି କ୍ରମରେ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ପ୍ରାତଃ ସମାବେଶ, ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି, ବିଦ୍ୟାଳୟ ପରିସରର ସ୍ୱଚ୍ଛତା, ବିଶେଷକରି ଶୌଚାଳୟର ପରିଚ୍ଛନ୍ନତା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଦି ଯାଞ୍ଚ କରିଥିଲେ। ଏଥିସହ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷା ପରିବେଶର ଉନ୍ନତି ପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ବାଲିଗୁଡ଼ା ବ୍ଲକ୍ ?ରେ ଏହି ଅଭିଯାନକୁ ବ୍ୟାପକ କରିବା ପାଇଁ ମୋଟ ୧୯ଟି ବିଦ୍ୟାଳୟକୁ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ପରିଦର୍ଶନ ନିମନ୍ତେ ଆବଣ୍ଟନ କରାଯାଇଥିଲା। ତାଲିକାରେ ଜିଲ୍ଲାପାଳ ଓ ମାଜିଷ୍ଟ୍ରେଟ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ, ପ୍ରଶିକ୍ଷଣରତ ଯଶକରଣ ସିଂ, ଉରଡ଼ ଘନଶ୍ୟାମ ମହାନ୍ତା, ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ ପ୍ରତିଭା ଦାସ, ପ୍ରବୀଣ କୁମାର ବାଣୁଆ ,ଉରଡ଼ ରାଜେଶ କୁମାର ସ୍ୱାଇଁ, କୃପାସିନ୍ଧୁ ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ। 'ଟିଚ୍ କନ୍ଧମାଳ' କେବଳ ବିଦ୍ୟାଳୟ ପରିଦର୍ଶନରେ ସୀମିତ ନ ରହି ଶିକ୍ଷା ବ୍ୟବସ୍ଥାର ତୃଣମୂଳ ସ୍ତିତିକୁ ବୁଝିବା ଓ ତାହାର ଗୁଣାତ୍ମକ ଉନ୍ନତି ପାଇଁ ଏକ ନିରନ୍ତର ପ୍ରୟାସ। ପ୍ରତି ଜନଅଭିଯୋଗ ଶୁଣାଣି ଦିନ ପୂର୍ବରୁ ସମ୍ପୃକ୍ତ ଅଧିକାରୀମାନେ ବିଦ୍ୟାଳୟ ପରିଦର୍ଶନ କରିବେ ଏବଂ ପରିଦର୍ଶନର ସଂକ୍ଷିପ୍ତ ରିପୋର୍ଟ ଦାଖଲ କରିବେ। "ବିଦ୍ୟାଳୟରେ ଅଧିକାରୀଙ୍କ ପହଞ୍ଚ ଓ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ସମ୍ପର୍କ ଶିକ୍ଷାର ଗୁଣାତ୍ମକ ପରିବର୍ତ୍ତନ ଦିଗରେ 'ଟିଚ୍ କନ୍ଧମାଳ'ର ଏହି ପଦକ୍ଷେପ ଏକ ନୂଆ ଆଶା ସୃଷ୍ଟି କରିଛି।

ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ନଡ଼ିଆ ଚାରାରୋପଣ କାର୍ଯ୍ୟକ୍ରମ

ପାରାଦୀପ (ଅମୃତ ମିଡିଆ) : ବନ୍ଦର ସହର ପାରାଦୀପ କୁ ସବୁଜ ସୁନ୍ଦର କରିବା ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ୮୦ତମ ସ୍ୱାଧୀନତା ଦିବସର ଶୁଭ ଅବସରରେ ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପାରାଦୀପ ଗଲ୍ଫ କ୍ଲବ ପରିସରରେ ଏକ ନଡ଼ିଆ ଗଛ ଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ମହତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ୍.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଟି.ବେଣୁଗୋପାଳ, ଡେପୁଟି କନ୍‌ଜର୍ଭେଟର କ୍ୟାପ୍ଟେନ୍ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଯନ୍ତୀ (ସିଇ) ହିମାଂଶୁ ରାଉତ, ସଚିବ କେ.ବାପି ରାଜୁ, ଗଲ୍ଫ କ୍ଲବର ସଭାପତି ତଥା ସି.ଏମ୍.ଇ. ସୁଶୀଜ ଚନ୍ଦ୍ର ନାହାକ ପ୍ରମୁଖ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିସହ ପାରାଦୀପ ବନ୍ଦର ର ବରିଷ୍ଠ ଅଧିକାରୀ ଏବଂ ପାରାଦୀପ ଗଲ୍ଫ କ୍ଲବର ସଦସ୍ୟମାନେ ମଧ ଉପସ୍ଥିତ ଥିଲେ। ଏହି ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମଟି ରୋଟାରୀ କ୍ଲବ ପାରାଦୀପ ପକ୍ଷରୁ ଆୟୋଜିତ ହୋଇଥିଲା। ଏଥିରେ କ୍ଲବର ସଭାପତି ଅକ୍ଷୟ ଚନ୍ଦ୍ର ସୁତାର, ସମ୍ପାଦକ କାଳୀପ୍ରସାଦ ମିଶ୍ର, ଉପସଭାପତି ଦୀପକ କୁମାର ଷଡ଼ଙ୍ଗୀ, କୋଷାଧକ୍ଷ ବିପ୍ଳବ କୁମାର ଜେନା, ନିର୍ଦ୍ଦେଶକ ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ଡାକ୍ତର ପ୍ରଶାନ୍ତ କୁମାର ମହାପାତ୍ର, ଡାକ୍ତର କୈଳାଶ ଚନ୍ଦ୍ର ମହାରଣା, ପ୍ରଫେସର ଅକ୍ଷୟ କୁମାର ମିଶ୍ର ଏବଂ କ୍ଲବର ଅନ୍ୟାନ୍ୟ ସଦସ୍ୟ ଯଥା ସାର୍ଥକ ସାମନ୍ତରାୟ, ଧୂନ ତରେଇ, ରଞ୍ଜିତ ବୋମାଲି ପ୍ରମୁଖ ଉପସ୍ଥିତ ରହି ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିସହ ଗଲ୍ଫ କ୍ଲବ, ଓଏଫଡିସି କର୍ମଚାରୀ ଓ କ୍ୟାଡିମାନେ ମଧ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ। କ୍ଲବର ସଭାପତି ଶ୍ରୀ ସୁତାର ପରିବେଶକୁ ସବୁଜମୟ ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଆଗାମୀ ଦିନରେ ଏଭଳି ଚାରାରୋପଣ ଅଭିଯାନ ନିରନ୍ତର ଜାରି ରହିବ ବୋଲି ସୂଚନା ଦେଇଥିଲେ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

୧୦୦୦...

ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡ଼ିକର ୭୪ଟି ବ୍ଲକର ୨୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ ୮ଟି ଏନଡ଼ିଆରଏଫ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବ୍‌ସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି ।୧ - ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ୨- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା- ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ । ୩- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବ୍‌ସିଡି ପ୍ରଦାନ କରାଯିବ । ୪- କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୫- ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ । ୬- ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ । ୭- ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ । ୮- ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ୯- ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ ।୧୦- ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ।

ଡିଜିପି ...

ଦେଇଥିଲେ। ମଙ୍ଗଳବାର ଶୁଣାଣିରେ ରାଜ୍ୟ ସରକାର ନିଜ ପକ୍ଷ ରଖିଥିଲେ। ସୂଚନାଯୋଗ୍ୟ ଯେ ୱାଇ. ବି. ଖୁରାନିଆ ଡିଜିପି ପଦରୁ ଅବସର ନେଇଥିବା ସତ୍ତ୍ୱେ ସୁପ୍ରିମକୋର୍ଟରେ ମାମଲା ଥିବା କାରଣରୁ ଓଡ଼ିଶାରେ ସ୍ଥାୟୀ ଡିଜିପି ନିଯୁକ୍ତି ହୋଇ ପାରି ନାହାନ୍ତି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦିଆଯାଇଛି।

ନିର୍ଦ୍ଦୋଷରେ...

ଶୀଘ୍ର ବିଚାର ପାଇଁ ସୁପ୍ରିମକୋର୍ଟ ସ୍ୱତନ୍ତ୍ର ଅଦାଲତ ଗଠନ କରି ଏକ ବର୍ଷ ମଧ୍ୟରେ ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହି ନିର୍ଦ୍ଦେଶ ଅନୁଯାୟୀ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଅଦାଲତ ଖୋଲାଯାଇଥିଲା। ଗଜପତି ଜିଲ୍ଲାରେ ଆଜାଦଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଏଠାରେ ଶୁଣାଣି ଆରମ୍ଭ ହୋଇଥିଲା। ପୂର୍ବରୁ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କିଛି ମାମଲାରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଆଜି ଶେଷ ମାମଲାରେ ମଧ୍ୟ ଖଲାସ ହେବା ପରେ ପାରଳାଖେମୁଣ୍ଡିରେ ଥିବା ୩୬ଟି ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି। ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଆଜାଦଙ୍କ ନାମରେ ଗଜପତି ଜିଲ୍ଲାର ବିଭିନ୍ନ ଥାନାରେ ମାଓ ହିଂସା ସମ୍ପର୍କିତ ଏକାଧିକ ମାମଲା ରହିଥିଲା। ଅତବା ଥାନା ଅନ୍ତର୍ଗତ ପାଣିଗଣ୍ଡା ବିଟ୍ ହାଉସ୍ ଉଡ଼ାଇବା, ପୁଲିସ ସହ ଗୁଳିବିନିମୟ, ଠିକାଦାର କ୍ୟାମ୍ପ୍ ଉପରେ ଆକ୍ରମଣ ଓ ସରକାରୀ ବସ୍ ପୋଡ଼ିବା ଭଳି ଘଟଣାରେ ତାଙ୍କ ବିରୋଧରେ ମାମଲା ରହିଥିଲା। ୨୦୧୧ ମସିହାରେ ନୟାଗଡ଼ ଜିଲ୍ଲାରେ ପୁଲିସ ଷ୍ଟେସନ୍‌ରେ ଆକ୍ରମଣ, ନିଆଁ ଲଗାଇବା ଓ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣାରେ ଆଜାଦଙ୍କୁ ପୁଲିସ ଗିରଫ କରିଥିଲା।

ପ୍ରେମିକାକୁ ...

ଏ ସମ୍ପର୍କରେ ଲିଲିମା ଥାନାରେ ଅନୁଜ ନାଁରେ ହତ୍ୟା ଅଭିଯୋଗ କରିଥିଲେ। ଗୋବିନ୍ଦପୁର ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ସୁଜାତାଙ୍କ ଶବ ସମେତ ଘଟଣାସ୍ଥଳରୁ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରିଥିଲା। ଲିଲିମାଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ପ୍ରେମିକ ତଥା ଅନୁଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଲେକ୍ଟୋରାଲ ଲିଟେରାସି କ୍ଲବ୍ ମତଦାତା ସଚେତନତା କାର୍ଯ୍ୟକ୍ରମ

କଟକ (ବ୍ୟୁରୋ) : ଯୁବପିଢ଼ି ମଧ୍ୟରେ ନିର୍ବାଚନୀ ସଚେତନତା ବୃଦ୍ଧି, ମତଦାନର ମହତ୍ତ୍ୱ ସମ୍ପର୍କରେ ଜଣାଇବା ନିମନ୍ତେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଇଲେକ୍ଟୋରାଲ ଲିଟେରେସି କ୍ଲବରେ ମତଦାତା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କ୍ଲବ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ବ୍ୟବସ୍ଥା, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ, ମତଦାନ ପ୍ରକ୍ରିୟା ଏବଂ ଗଣତନ୍ତ୍ରରେ ମତଦାନର ଭୂମିକା ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଯୋଗ୍ୟ ମତଦାତାଙ୍କୁ ମଧ୍ୟ ସଚେତନ କରାଯାଉଛି। ବିଶେଷକରି ଯେଉଁ ଛାତ୍ରଛାତ୍ରୀମାନେ ନିକଟ ଭବିଷ୍ୟତରେ ୧୮ବର୍ଷ ବୟସରେ ପହଞ୍ଚି ମତଦାତା ହେବେ, ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଉଛି। କ୍ଲବ୍‌ଗୁଡ଼ିକରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପୋଷ୍ଟର ପ୍ରସ୍ତୁତି, ଆଲୋଚନାଚକ୍ର, ଶପଥ ପାଠ ଆଦି ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ସକ୍ରିୟଭାବେ ଅଂଶଗ୍ରହଣ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଉଛି। ଯୁବପିଢ଼ି ନିର୍ବାଚନୀ ପ୍ରକ୍ରିୟାରେ ନିଜର ଭୂମିକା ବୁଝିବା ସହ ସଚେତନ, ସକ୍ରିୟ ଓ ଦାୟିତ୍ୱବାନ ମତଦାତା ଭାବେ ନିଜକୁ ପ୍ରସ୍ତୁତ କରେଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ।

ବେତନଟୀ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ପାଳିତ

ବେତନଟୀ (ଅମୃତ ମିଡିଆ) : ବେତନଟୀ ମହାବିଦ୍ୟାଳୟର ୪୯ ତମ ପ୍ରତିଷ୍ଠା ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ସୁବାସ ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ପ୍ରାଧାପକ ଆଦ୍ୟାପଦ ଜ୍ୟୋତିଷୀ ଯୋଗଦାନ କରି ମହାବିଦ୍ୟାଳୟର ଅତୀତର ଗାରିମାମୟ ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଏହି ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟାପକ ଡକ୍ଟର ପ୍ରକାଶଚନ୍ଦ୍ର ମହାପାତ୍ର ମହାବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଆଲୁମିନି ପ୍ରତିନିଧି ଡକ୍ଟର ରମାକାନ୍ତ ମହାନ୍ତ ଆଗାମୀ ବର୍ଷ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନର ବାର୍ତ୍ତା ପ୍ରଦାନ କରି ପ୍ରାକ୍ତନ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ପରିଚାଳନା କମିଟିର ସଦସ୍ୟ ମାନଙ୍କୁ ସୁବର୍ଣ୍ଣ ଜୟନ୍ତୀ ସାଫଲ୍ୟ ମଣ୍ଡିତ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ କୃଷ୍ଣପ୍ରିୟା ଟ୍ରଷ୍ଟ, ସାବିତ୍ରୀ ଏକୁକେସନ୍ ଟ୍ରଷ୍ଟ, ଶାନ୍ତା ମେମୋରିଆଲ ପୁରସ୍କାର ୨୦୨୫-୨୬ ଶିକ୍ଷା ବର୍ଷରେ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅର୍ଥ ରାଶି, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ପ୍ରାକ୍ତନ ଅଧକ୍ଷ ଡକ୍ଟର ଶ୍ରୀବତ୍ସ ସାମଲ, ବିରେନ୍ଦ୍ର ବାରିକ, ପ୍ରତିଷ୍ଠାତା ଅଧ୍ୟାପକ ଡକ୍ଟର ଗଣେଶ୍ୱର ଭୋଇ, ପ୍ରାକ୍ତନ ଅଧ୍ୟାପିକା କଳ୍ପଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ସଞ୍ଜୟ କୁମାର ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧାପକ ଡକ୍ଟର ବନ ବିହାରୀ ମହାନ୍ତି, ଅଧ୍ୟାପିକା ମଧୁଛନ୍ଦା ପାଲ, ଅଧ୍ୟାପକ ଦେବବ୍ରତ ମହାପାତ୍ର ଅଧ୍ୟାପିକା ଭାନୁପ୍ରିୟା ମାଝି, ଅଧ୍ୟାପକ ସ୍ୱଦେଶ ବାନାଜୀ, ଅଧ୍ୟାପକ ଉଦୟନାଥ ମୁର୍ମୁ, ଡକ୍ଟର ବିଭୂତି ଭୂଷଣ ଦାସ,

ଅଧାରୁ ପଡ଼ିଆ ଛାଡ଼ିଲେ ଚାଣ୍ଡିମାଲ୍ ୧୭ ଖେଳାଳିଙ୍କୁ ମିଳିବ ଅର୍ଜୁନ ପୁରସ୍କାର

ନୂଆଦିଲ୍ଲୀ : ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ୪ର୍ଥ ଦିନରେ ଶ୍ରୀଲଙ୍କା ଟିମକୁ ଲାଗିଛି ବଡ଼ ଝଟକା। ଫିଲ୍ଡିଂ କରିବା ବେଳେ ଆହତ ହୋଇ ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି ଅଭିଜ୍ଞ ଦୀନେଶ ଚାଣ୍ଡିମାଲ। ତାଙ୍କ ବେକ ଓ ଡାହାଣ ହାତରେ ଗଭୀର ଆଘାତ ଲାଗିଥିବାରୁ କଙ୍କସନ ସବଷ୍ଟିଚ୍ୟୁଟର ବିକଳ୍ପ ବ୍ୟବହାର କରିଛି ଶ୍ରୀଲଙ୍କା। ଚାଣ୍ଡିମାନ ଖେଳିବା ପାଇଁ ଅନଫିଟ ରହିଥିବାରୁ ତାଙ୍କ ସ୍ଥାନରେ ଶ୍ରୀଲଙ୍କା ପାସିନ୍ଦୁ ସୂର୍ଯ୍ୟବନ୍ଦାରାଙ୍କୁ ବୃତ୍ତାନ୍ତ ଏକାଦଶରେ ସାମିଲ କରିଛି। ପାସିନ୍ଦୁ କୌଣସି ଟେଷ୍ଟ ମ୍ୟାଚ୍‌ର ୪ର୍ଥ ଦିନରେ ଡେବ୍ୟୁ କରିବାର ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ତେବେ ଡେବ୍ୟୁ ମ୍ୟାଚ୍‌ରେ ସେ ସମସ୍ତଙ୍କୁ ନିରାଶ କରିଛନ୍ତି। ଶ୍ରୀଲଙ୍କାର ଦ୍ୱିତୀୟ ଇନିଂସରେ ତାଙ୍କୁ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲେ ହେଁ ସେ ଖାତା ଖୋଲି ପାରିନାହାନ୍ତି। ନିଜ

ଟେଷ୍ଟ କ୍ୟାରିୟରର ପ୍ରଥମ ବଲରେ ସେ ମାନବ ସୂତାରଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଏପଟେ ୪ର୍ଥ ଦିନରେ ଭାରତର ବ୍ୟାଟିଂ ବେଳେ ଆହତ ହୋଇଥିବା ଚାଣ୍ଡିମାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଶ୍ରୀଲଙ୍କା ଟିମ ମ୍ୟାନେଜମେଣ୍ଟ ନଜର ରଖିଛି। ଆଜି ଭାରତୀୟ ଇନିଂସର ୪ର୍ଥ ଓଭରରେ ଚାଣ୍ଡିମାଲ ଫିଲ୍ଡିଂ କରୁଥିବା ବେଳେ ଆହତ ହୋଇଥିଲେ। ଗୋଟିଏ ବାଉଣ୍ଡରୀକୁ ଅଟକାଇବା ବେଳେ ତାଙ୍କ ଡାହାଣ କାନ୍ଧ ଓ ବେକରେ ଆଘାତ ଲାଗିଥିଲା। ସେ ତୁରନ୍ତ ଅସହଜ ଅନୁଭବ କରିବା ସହ ବେକ ପାଖରେ କପଡ଼ା ଦେଇ ବସି ପଡ଼ିଥିଲେ। ପ୍ରାଥମିକ ଚିକିତ୍ସା ପରେ ମଧ୍ୟ କୌଣସି ସୁଧାର ନ ମିଳିବାରୁ ବାଧ ହୋଇ ସେ ପଡ଼ିଆ ଛାଡ଼ିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲରେ ସ୍କାନ ପାଇଁ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆଭ୍ୟନ୍ତରୀଣ ଆଘାତର କୌଣସି ସୂଚନା ନଥିବା ଶ୍ରୀଲଙ୍କା କ୍ରିକେଟ କହିଛି। ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଅକ୍ଷମ ହୋଇଥିବା ୩୬ ବର୍ଷୀୟ ଚାଣ୍ଡିମାଲ ପ୍ରଥମ ଇନିଂସରେ କେବଳ ୪ ରନ କରିପାରିଥିଲେ। ସେହିପରି ଶ୍ରୀଲଙ୍କା ମଧ୍ୟ ଭାରତର ପ୍ରଥମ ଇନିଂସ ତୁଳନାରେ ୧୭୮ ରନ ପଛରେ ରହି ଯାଇଥିଲେ। ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୧୯୩ ରନ କରିବାରୁ ଶ୍ରୀଲଙ୍କାକୁ ମ୍ୟାଚ୍ ଜିତିବାକୁ ୩୭୨ ରନର ଟାର୍ଗେଟ ମିଳିଛି। ଏହି ଟାର୍ଗେଟକୁ ପିଛା କରୁଥିବା ଶ୍ରୀଲଙ୍କା ବର୍ତ୍ତମାନ ସୁଦ୍ଧା ୪ ୱିକେଟ ହରାଇ ୭୭ ରନ କରିଛି। ଦଳକୁ ମ୍ୟାଚ୍ ଜିତିବା ପାଇଁ ଏବେ ବି ୨୯୫ ରନ ଦରକାର।

ନୂଆଦିଲ୍ଲୀ : କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୫ର ବିଜେତାଙ୍କ ନାମ ଘୋଷଣା କରାଯାଇଛି । ଚଳିତ ବର୍ଷ ୧୭ ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପାଇଁ ଚୟନ କରାଯାଇଛି । ଅର୍ଜୁନ ପୁରସ୍କାର ବିଜେତାଙ୍କୁ ପ୍ରତିମୂର୍ତ୍ତି, ପ୍ରମାଣପତ୍ର, ଉପଢୌକନ ସହିତ ୧୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ମିଳେ । ଏହି ତାଲିକାରେ ଆଥଲେଟିକ୍ସ, ବ୍ୟାଡମିଣ୍ଟନ, ବକ୍ସିଂ, ଚେସ୍, ହକି, କବାଡ଼ି, ପାରା-ଷୋର୍ଟ୍ସ, ରୋଇଂ ଓ ସୁଟିଂ ଭଳି ବିଭିନ୍ନ କ୍ରୀଡ଼ା ସାମିଲ ହୋଇଛି । ପୂର୍ବତନ ଭାରତୀୟ ଫୁଟବଲର୍ ତଥା କୋଚ୍ ଆଇ. ଅରୁମୈନାୟଗମଙ୍କୁ ଅର୍ଜୁନ ପୁରସ୍କାର (ଲାଇଫ୍‌ଟାଇମ୍) ପାଇଁ ଚୟନ କରାଯାଇଛି । ସେ ୧୯୬୨ ଏସିଆନ୍ ଗେମ୍ସର ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ । ସବୁଠାରୁ ଆଶ୍ଚର୍ଯ୍ୟର କଥା କି, ଏଥର ଅର୍ଜୁନ ଆୱାର୍ଡ ତାଲିକାରେ ଜଣେ ବି କ୍ରିକେଟରଙ୍କ ନାମ ନାହିଁ । ମହମ୍ମଦ ଶାମି ୨୦୨୩ରେ ଅର୍ଜୁନ ପୁରସ୍କାର ପାଇଥିବା ଶେଷ କ୍ରିକେଟର୍ ।

ଅର୍ଜୁନ ପୁରସ୍କାର ପାଇବେ ୧୭ ଖେଳାଳି :
ଡେଜସ୍ୱିନ ଶଙ୍କର : ଆଥଲେଟିକ୍ସ
ମହମ୍ମଦ ଅଜମଲ ଭି : ଆଥଲେଟିକ୍ସ
ପ୍ରିୟଙ୍କା ଗୋସ୍ୱାମୀ : ଆଥଲେଟିକ୍ସ
ତ୍ରିସା ଜଲି : ବ୍ୟାଡମିଣ୍ଟନ
ପୁଲେଲା ଗାୟତ୍ରୀ ଗୋପୀଚନ୍ଦ : ବ୍ୟାଡମିଣ୍ଟନ
ନରେନ୍ଦର : ବକ୍ସିଂ
ବିଦିତ ସନ୍ତୋଷ ଗୁଜରାଠୀ : ଚେସ୍
ଦିବ୍ୟା ଜିତେନ୍ଦ୍ର ଦେଶମୁଖ : ଚେସ୍
ଧନୁଷ ଶ୍ରୀକାନ୍ତ : ଡେଫ୍ ସୁଟିଂ
ଲାଲରେମସିଆମି : ହକି
ରାଜକୁମାର ପାଲ : ହକି
ସୁରଜିତ : କବାଡ଼ି
ପୂଜା : କବାଡ଼ି

ରୁଦ୍ରାଂଶ ଖଣ୍ଡେଲୱାଲ : ପାରା-ସୁଟିଂ
ଏକତା ଭ୍ୟାନ : ପାରା-ଆଥଲେଟିକ୍ସ
ଅରବିନ୍ଦ ସିଂହ : ରୋଇଂ
ଅଖିଲ ଶେରନ : ସୁଟିଂ
ଅର୍ଜୁନ ପୁରସ୍କାର ଲାଇଫ୍‌ଟାଇମ୍

ମା'ଙ୍କ ନିଧନରେ ଭାଙ୍ଗିପଡ଼ିଲେ ନୀତିଶ ରାଣା

ନୂଆଦିଲ୍ଲୀ: ମାଆଙ୍କୁ ହରାଇ ଭାବବିହ୍ୱଳ ହୋଇପଡିଲେ କ୍ରିକେଟର ନୀତିଶ ରାଣା । ଦିଲ୍ଲୀ ପ୍ରିମିୟର ଲିଗରେ ଖେଳୁଥିବା ବେଳେ ମାଆଙ୍କୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଛନ୍ତି କ୍ରିକେଟର ନୀତିଶ । ମା'ଙ୍କ ନିଧନର କିଛି ଦିନ ପରେ ମଇଦାନକୁ ଓହ୍ଲାଇଥିବା ରାଣା ଅର୍ଦ୍ଧଶତକ ମାରିଥିଲେ । ୫୦ରନ୍ କରିବା ପରେ ଭାବୁକ ହୋଇ ପଡ଼ିଆରେ କାନ୍ଦିବାକୁ ଲାଗିଥିଲେ । ନୀତିଶଙ୍କ ମାଆ ସତୀଶ ରାଣାଙ୍କର ଅଗଷ୍ଟ ୭ରେ ଦେହାନ୍ତ ହୋଇଥିଲା । ଅଗଷ୍ଟ ୧୭ରେ ଦ୍ୱେଷ ଦିଲ୍ଲୀ ଲାୟନ୍ସ ପକ୍ଷରୁ ଖେଳି ସେ ମାତ୍ର ୨୭ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଶେଷରେ ୩୩ ବଲରୁ ୬୦ ରନର ଦମଦାର ଇନିଂସ ଖେଳିଥିଲେ । ଅର୍ଦ୍ଧଶତକ ପୂରଣ କରିବା ପରେ ନୀତିଶ ଆକାଶକୁ ଚାହିଁ ନିଜ ମାଆଙ୍କୁ ମନେ ପକାଇଥିଲେ । ଏହି ସମୟରେ ଭାବବିହ୍ୱଳ ହୋଇ କାନ୍ଦିଥିଲେ । ପରେ ପଡ଼ିଆରେ ଥିବା ଅମ୍ପାୟାର ଓ ବିପକ୍ଷ ଖେଳାଳିମାନେ ତାଙ୍କୁ ସାନ୍ତ୍ୱନା ଦେଇଥିଲେ । ମାଆଙ୍କ ପ୍ରତି ସମ୍ମାନ ଜଣାଇ ନିତୀଶ ତାଙ୍କ ଜର୍ସିର ପଛପଟେ 'N. Satish' ଲେଖି ମାଇଦାନକୁ ଓହ୍ଲାଇଥିଲେ । ନୀତିଶଙ୍କ ପତ୍ନୀ ସାତୀ ମରୱାହ ନୀତିଶଙ୍କ ଭାବବିହ୍ୱଳ ହେବା ପରେ ପ୍ରତିକ୍ରିୟା ଦେଇଛନ୍ତି । ସେ ଲେଖିଛନ୍ତି 'Mumma is here with you' । ମାଆଙ୍କୁ ହରାଇବାର ଦୁଃଖ ମଧ୍ୟରେ ନୀତିଶଙ୍କ ଏହି ସାହସ ଓ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ଏବେ କ୍ରିକେଟ୍ ପ୍ରେମୀଙ୍କ ହୃଦୟ ଛୁଇଁଛି । ଦ୍ୱେଷ ଦିଲ୍ଲୀ ଲାୟନ୍ସ ପକ୍ଷରୁ ଖେଳୁଥିବା ନୀତିଶ ରାଣା ଆକ୍ରମକ ଅନ୍ଦାଜରେ ବ୍ୟାଟିଂ କରିଛନ୍ତି । ସେ ୩୩ବଲରେ ୬୦ରନର ପାଳି ଖେଳିଛନ୍ତି । ଯେଉଁଥିରେ ୪ ଚୌକା ଏବଂ ୬ ଛକ୍କା ସାମିଲ ରହିଛି । ରାଣା କେବଳ ୨୭ବଲରେ ନିଜ ଅର୍ଦ୍ଧଶତକ ପୂରା କରିଛନ୍ତି ।

ଦ୍ରୁତ ୧୦୦ ଛକାମାରି ଋଷବ ପନ୍ତ କଲେ ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ ; ଇତିହାସ ରଚିଲେ ପନ୍ତ । ଦ୍ରୁତ ୧୦୦ ଟେଷ୍ଟ ଛକା ମାରି କଲେ ରେକର୍ଡ । ୮୯ ଇନିଂସରେ ୧୦୦ ଛକା ମାରି ବିଶ୍ୱ ରେକର୍ଡ କରିଛନ୍ତି ପାୱାରଫୁଲ ପନ୍ତ । ଭାରତ ବନାମ ଶ୍ରୀଲଙ୍କା ମାଧରେ ଗାଲେ ଗ୍ରାଉଣ୍ଡରେ ଖେଳାଯାଉଥିବା ଟେଷ୍ଟରେ ୨ଟି ରେକର୍ଡ କରିଛନ୍ତି ପନ୍ତ । ପ୍ରଥମତଃ ୧୦୦ ଛକା ମାରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି ପନ୍ତ । ଦ୍ୱିତୀୟରେ, ଟେଷ୍ଟ କ୍ରିକେଟରେ ଦ୍ରୁତତମ ୧୦୦ ଛକା ମାରିବା ରେକର୍ଡ ନିଜ ନାମରେ କରିଛନ୍ତି । ଋଷଭ ପନ୍ତ ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବାର ବିଶ୍ୱ ରେକର୍ଡ କରିଛନ୍ତି । ସେ ମାତ୍ର ୮୯ ଇନିଂସ ଖେଳି ୧୦୦ ଛକା ମାରିଥିଲେ ଏବଂ ୪୯୧୮ ବଲର ସାମ୍ନା କରିଛନ୍ତି । ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବା ମାମଲାରେ ପନ୍ତ ଆଡାମ ଗିଲକ୍ରିଷ୍ଟଙ୍କ ରେକର୍ଡ ଭାଙ୍ଗିଛନ୍ତି । ଗିଲିକ୍ରିଷ୍ଟ ଟେଷ୍ଟ କ୍ରିକେଟରେ ୧୩୨ ଇନିଂସରେ ୧୦୦ ଟି ଛକା ଏବଂ ୬୫୭୮ ବଲରେ ମାରିଥିଲେ । ଟେଷ୍ଟ କ୍ରିକେଟରେ ୧୦୦ ଛକା ମାରିବାରେ ଋଷଭ ପନ୍ତ ପ୍ରଥମ ଭାରତୀୟ ହୋଇଛନ୍ତି । ବୀରେନ୍ଦ୍ର ସେହୱାଗ ପ୍ରଥମ ଭାରତୀୟ ଭାବେ ଟେଷ୍ଟରେ ୯୧ ଛକା ମାରିଥିଲେ। ଋଷଭ ପନ୍ତ ଗାଲେ ଟେଷ୍ଟର ଦ୍ୱିତୀୟ ଇନିଂସରେ ଛକା ମାରି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଯେଉଁ ଛକାରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ, ତାହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦୦ତମ ଛକା ଥିଲା। ଭାରତ ବନାମ ଶ୍ରୀଲଙ୍କା ଗାଲେ ଟେଷ୍ଟ କଥା କହିବାକୁ ଗଲେ ଭାରତ ପ୍ରଥମେ ବ୍ୟାଟିଂ କରି ୪୬୨ ରନ୍ କରି ଅଲଆଉଟ୍ ହୋଇଥିଲା । ଦେବତଦତ୍ତ ପାଡିକ୍କଲ ୧୬୭ ରନର ଇନିଂସ ଖେଳିଥିଲେ । ଋଷବ ପନ୍ତ ୬୨ ବଲରେ ୩୯ ରନ୍ କରିଥିଲେ । ଯେଉଁଥିରେ ୧ ଛକା ଏବଂ ୪ଟି ଚୌକା ସାମିଲ ଥିଲା । ଭୁଲ ସଟ ଖେଳିବାକୁ ଯାଇ କେଶବ ନିଓ୍ୱାନ୍ଙ୍କା ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ । ଦ୍ୱିତୀୟ ଇନିଂସରେ ଭଲ ଇନିଂସ ଖେଳିଛନ୍ତି ପନ୍ତ । ୬୯ ବଲରେ ୬୪ରନ୍ ଇନିଂସ ଖେଳିଛନ୍ତି । ଯେଉଁଥିରେ ୮ଟି ଚୌକା ଏବଂ ୨ଟି ଛକା ସାମିଲ । ଏହା ସହିତ ୨୦ ତମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି ପନ୍ତ । ଭାରତ ଦ୍ୱିତୀୟ ଇନିଂସରେ ୧୯୩ ରନରେ ଅଲଆଉଟ୍ ହୋଇଛି ।

ଭାରତୀୟ ଭାବେ ଟେଷ୍ଟରେ ୯୧ ଛକା ମାରିଥିଲେ। ଋଷଭ ପନ୍ତ ଗାଲେ ଟେଷ୍ଟର ଦ୍ୱିତୀୟ ଇନିଂସରେ ଛକା ମାରି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଯେଉଁ ଛକାରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ, ତାହା ତାଙ୍କ ଟେଷ୍ଟ କ୍ୟାରିୟରର ୧୦୦ତମ ଛକା ଥିଲା। ଋଷଭ ପନ୍ତ ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବାର ବିଶ୍ୱ ରେକର୍ଡ କରିଛନ୍ତି । ସେ ମାତ୍ର ୮୯ ଇନିଂସ ଖେଳି ୧୦୦ ଛକା ମାରିଥିଲେ ଏବଂ ୪୯୧୮ ବଲର ସାମ୍ନା କରିଛନ୍ତି । ଟେଷ୍ଟରେ ଦ୍ରୁତତମ ୧୦୦ ଛକା ମାରିବା ମାମଲାରେ ପନ୍ତ ଆଡାମ ଗିଲକ୍ରିଷ୍ଟଙ୍କ ରେକର୍ଡ ଭାଙ୍ଗିଛନ୍ତି । ଗିଲିକ୍ରିଷ୍ଟ ଟେଷ୍ଟ କ୍ରିକେଟରେ ୧୩୨ ଇନିଂସରେ ୧୦୦ ଟି ଛକା ଏବଂ ୬୫୭୮ ବଲରେ ମାରିଥିଲେ । ଟେଷ୍ଟ କ୍ରିକେଟରେ ୧୦୦ ଛକା ମାରିବାରେ ଋଷଭ ପନ୍ତ ପ୍ରଥମ ଭାରତୀୟ ହୋଇଛନ୍ତି । ବୀରେନ୍ଦ୍ର ସେହୱାଗ ପ୍ରଥମ ଭାରତୀୟ ଭାବେ ଟେଷ୍ଟରେ ୯୧ ଛକା ମାରିଥିଲେ। ଋଷଭ ପନ୍ତ ଗାଲେ

୯୦.୪୦ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଲେ ଓ୍ୱେବର

ବର୍ମିଂହାମ୍ : ଚଳିତବର୍ଷ ବିଶ୍ୱର ୨ୟ ଜାଭେଲିନ୍ ଫିଙ୍ଗାଳି ଭାବେ ୯୦ ମିଟରରୁ ଅଧିକ ଦୂରତା ହାସଲ କରିଛନ୍ତି ଜର୍ମାନୀର ଜୁଲିଆନ୍ ଓ୍ୱେବର। ଏଠାରେ ଚାଲିଥିବା ୟୁରୋପୀୟ ଦୌଡ଼କୁଦ ଚମ୍ପିଆନ୍‌ସିପରେ ଓ୍ୱେବର ୯୦.୪୦ ମିଟର ଦୂରତା ହାସଲକରି ସ୍ୱର୍ଣ୍ଣପଦକ ଜିତିଛନ୍ତି। ଶନିବାର ଏହି ପ୍ରତିଯୋଗିତାରେ ଓ୍ୱେବର ତାଙ୍କ ଅନ୍ତିମ ପ୍ରୟାସରେ ୯୦.୪୦ ମିଟର ଦୂରତା ହାସଲକରି ସ୍ୱର୍ଣ୍ଣପଦକ ଜିତି ପାରିଛନ୍ତି। ୟୁରୋପୀୟ ଚମ୍ପିଆନ୍‌ସିପ୍‌ରେ ଏହା ଏକ କୀର୍ତ୍ତିମାନ। ଓ୍ୱେବରଙ୍କ ପୂର୍ବରୁ ଚଳିତବର୍ଷ ଶ୍ରୀଲଙ୍କାର ରୁମେଶ ପାଥିରାଗେ ରୋମ୍ ଡାଏମଣ୍ଡ ଲିଗ୍‌ରେ ୯୨.୬୭ ମିଟର ଦୂରତା ହାସଲକରି ସ୍ୱର୍ଣ୍ଣପଦକ ଜିତି ପାରିଥିଲେ। ଜୁଲିଆନ୍ ଓ୍ୱେବରଙ୍କର ଏହା ୨ୟ ୟୁରୋପୀୟ ଚମ୍ପିଆନ୍‌ସିପ୍ ସ୍ୱର୍ଣ୍ଣପଦକ। ୩୧ ବର୍ଷ ବୟସ୍କ ଓ୍ୱେବର ତାଙ୍କ ପ୍ରଥମ ପ୍ରୟାସରେ ୮୩.୭୧ ମିଟର ଦୂରତା ହାସଲକରି ଆଗୁଆ ରହିଥିଲେ। ପରେ ସମସ୍ତ ପ୍ରୟାସରେ ସେ ଦୂରତାରେ ଉନ୍ନତି କରି ଚାଲିଥିଲେ। ପୂର୍ବରୁ ଦୁଇ ଥର ଓ୍ୱେବର ୯୦ ମିଟର ଦୂରତା ଅତିକ୍ରମ କରିଛନ୍ତି। ୨୦୨୫ ଦୋହା ଡାଏମଣ୍ଡ ଲିଗ୍‌ରେ ଓ୍ୱେବର ୯୧.୦୬ ମିଟର ଏବଂ ପରେ ଜ୍ୟୁରିକ୍ ଡାଏମଣ୍ଡ ଲିଗ୍‌ରେ ଜୀବନର ଶ୍ରେଷ୍ଠ ପ୍ରଦର୍ଶନ କରି ୯୧.୫୧ ମିଟର ଦୂରତା ହାସଲ କରିଥିଲେ।

ହକି ବିଶ୍ୱକପ୍ : ଇଂଲଣ୍ଡଠାରୁ ୪-୨ରେ ହାରିଲା ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ : ବିଶ୍ୱକପ ହକିରେ ପ୍ରଥମ ମ୍ୟାଚରେ ୱେଲସଠାରୁ ଭାରତ ଜିତିବା ପରେ ଶକ୍ତିଶାଳୀ ଇଂଲଣ୍ଡଠାରୁ ହାରିଲା ଭାରତ । ୪-୨ ଗୋଲରେ ଇଂଲଣ୍ଡଠାରୁ ପରାଜିତ ହୋଇଛି ଭାରତ । ଆସନ୍ତାକାଲି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ଭାରତ । ଏହି ମ୍ୟାଚ ଭାରତ ପାଇଁ କର ବା ମର ସଦୃଶ୍ୟ ହେବ । ସେମିଫାଇନାଲ ପ୍ରବେଶ ଦୃଷ୍ଟିରୁ ଭାରତକୁ ଏହି ମ୍ୟାଚକୁ ବଡ ବ୍ୟବଧାନରେ ଜିତିବାକୁ ହେବ। ବିଶ୍ୱକପରେ ୩୨ ବର୍ଷ ଧରି ଜିତି ନପାରିବାର ଦୁଃଖକୁ ଦୂର କରିବାରେ ସଫଳ ହୋଇପାରିଲାନି ଟିମଇଣ୍ଡିଆ। ସେପଟେ ମହିଳା ହକିର ଏକ ବଡ ମ୍ୟାଚରେ ଭାରତ ଆଜି ଦକ୍ଷିଣ ଆଫ୍ରିକାକୁ ଭେଟିବ । ପ୍ରଥମ ମ୍ୟାଚରେ ଚୀନ ସହ ୨-୨ ଗୋଲ ଡ୍ର ରହିଥିଲା । ତେଣୁ ଦକ୍ଷିଣ ଆଫ୍ରିକା ମ୍ୟାଚ ଭାରତ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ।

ହକି ବିଶ୍ୱକପ୍‌ରେ ଓଡ଼ିଆ ଝିଅଙ୍କ କମାଲ, ୬-୧ରେ ଜିତିଲା ଭାରତ

ନୂଆଦିଲ୍ଲୀ : ବେଲଜିୟମରେ ଚାଲିଥିବା ମହିଳା ବିଶ୍ୱକପରେ ଭାରତୀୟ ଟିମର ଏକତରଫା ବିଜୟ। ସଲିମା ଟେଟେଙ୍କ ଭାରତୀୟ ଟିମ ପାଇଁ କମାଲ କରିଛନ୍ତି ଓଡ଼ିଆ ଝିଅ ସୁନେଲିତା ଟପ୍ପୋ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ସୁନେଲିତା ଆରମ୍ଭ କରିଥିଲେ ଗୋଲ। ଆଉ ଭାରତୀୟ ମହିଳା ଟିମ ଗୋଲ ବର୍ଷା କରି ଦକ୍ଷିଣ ଆଫ୍ରିକାକୁ ୬-୧ରେ ହରାଇ ଦେଇଛି। ଏହା ବିଶ୍ୱକପରେ ଭାରତୀୟ ମହିଳା ଟିମର ସର୍ବବୃହତ୍ତ ବିଜୟ। ଆଜି ଭାରତୀୟ ମହିଳା ଖେଳାଳିଙ୍କ ଆଗରେ ଦକ୍ଷିଣ ଆଫ୍ରିକା ଶେଷ କ୍ୱାର୍ଟରକୁ ଛାଡ଼ି ଦେଲେ ଆଉ କୌଣସି ସମୟରେ ମଧ୍ୟ ଆଦୌ ଚିନ୍ତି ପାରି ନଥିଲା। ବିଶ୍ୱକପର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଚାଇନାକୁ ଭାରତ କଡ଼ା ଟକ୍କର ଦେଇଥିଲା। ତଥାପି ମ୍ୟାଚ୍ ୨-୨ରେ ଡ୍ର ରହିଥିଲା। ଏବେ ଭାରତ ୬-୧ରେ ଦକ୍ଷିଣ ଆଫ୍ରିକାକୁ ହରାଇଛି। ଶେଷ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ। ଆଜିର ମ୍ୟାଚ୍ ଆରମ୍ଭରୁ ଭାରତୀୟ ଟିମ ଦବଦବା ଦେଖାଇଥିଲା। ମାତ୍ର କିଛି ମିନିଟ ମଧ୍ୟରେ ସୁନେଲିତା ଟପ୍ପୋ ଦେଶ ପାଇଁ ଗୋଲର ଶୁଭାରମ୍ଭ କରିଥିଲେ। ଏହାପରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଅଭିଜ୍ଞ ନବନୀତ କୌର ଗୋଲରେ ପରିଣତ କରି ସ୍ଥିତିକୁ ୨-୦ କରି ଦେଇଥିଲେ। ପ୍ରଥମ କ୍ୱାର୍ଟରରେ ଦଳ ୨ଟି ଗୋଲ ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ସୁଶିଲା ଚାନୁ ଏକମାତ୍ର ଗୋଲ କରିଥିଲା। ହାଫ ଟାଇମ ସୁଦ୍ଧା ଭାରତ ୩-୦ରେ ଲିଡ୍ ନିଜ ପାଖରେ ରଖିଥିଲା। ତୃତୀୟ କ୍ୱାର୍ଟରେ ଆକ୍ରମଣକୁ ଆହୁରି ଜୋରଦାର କରିଥିଲା ଭାରତୀୟ ଟିମ। ଏହି କ୍ୱାର୍ଟରରେ ମୋଟ ୩ଟି ଗୋଲ ହୋଇଥିଲା। ଦୀପିକା, ଲାଲରେମସିଆମି ହମାରଜୋଟେ ଓ ସାକ୍ଷୀ ରାଣା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୪ର୍ଥ କ୍ୱାର୍ଟର ଆରମ୍ଭ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୦-୬ରେ ପଛରେ ଥିଲା। ତଥାପି ଦଳ ଆକ୍ରମଣ କରିବାକୁ ପଛାଇ ନଥିଲା। ମ୍ୟାଚ୍ ଶେଷ ହେବାକୁ ମାତ୍ର ୬ ମିନିଟ ଥିବା ବେଳେ ଦକ୍ଷିଣ ଆଫ୍ରିକାକୁ ମିଳିଥିଲା ପିସି। ଏହାକୁ କାୟାଲା ଡେଓ୍ୱାଲ ଗୋଲରେ ପରିଣତ କରି ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ପାଇଁ ଖାତା ଖୋଲିଥିଲେ। ଏହାପରେ ଭାରତ କାଉଣ୍ଟର ଆଟାକ କରିଥିଲା। ହେଲେ ଦକ୍ଷିଣ ଆଫ୍ରିକାର ଡିଫେନ୍ସ ଏହାକୁ ଅଟକାଇବାକୁ ସକ୍ଷମ ହୋଇଥିଲା। ଶେଷରେ ଭାରତୀୟ ଟିମ ୬-୧ରେ ମ୍ୟାଚ୍ ଜିତି ନେଇଛି।

ଐତିହାସିକ ସଫଳତା ରାଜ୍ୟସ୍ତରରେ ରନର୍ସ-ଅପ୍

ପୁରୀ ଜିଲ୍ଲା ବାଳିକା କବାଡ଼ିଦଳ

ପୁରୀ(ବ୍ୟୁରୋ): ୫୨ତମ ଅନ୍ତଃଜିଲ୍ଲା ୨୦ ବର୍ଷରୁ କମ ବାଳିକା କବାଡ଼ି ପ୍ରତିଯୋଗିତା ୨୦୨୬ରେ ପୁରୀ ଜିଲ୍ଲା ବାଳିକା କବାଡ଼ି ଦଳ ଅସାଧାରଣ ଖେଳ ପ୍ରଦର୍ଶନ କରି ରାଜ୍ୟସ୍ତରରେ ରନର୍ସ-ଅପ ହେବାର ଗୌରବ ଅର୍ଜନ କରିଛି।ପ୍ରତିଯୋଗିତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୁରୀ ଦଳର ଖେଳାଳିମାନେ ଦମଦାର ଓ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଦର୍ଶକ ଓ କ୍ରୀଡ଼ାପ୍ରେମୀଙ୍କ ମନ ଜିଣିଥିଲେ।ଫାଇନାଲ ମ୍ୟାଚରେ ମଧ୍ୟ ପୁରୀ ଦଳର ଖେଳାଳିମାନେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜୟ ପାଇଁ ଲଢ଼େଇ ଜାରି ରଖିଥିଲେ। ଚମ୍ପିୟାନ ହେବାରୁ ଅଳ୍ପକେ ବଞ୍ଚିତ ହୋଇଥି

ଭାରତୀୟ ମଜଦୂର ସଂଘ ପକ୍ଷରୁ ବିଶାଳ ଶ୍ରମିକ ସମାବେଶ ଓ ଦାବିପତ୍ର ପ୍ରଦାନ

ଫୁଲବାଣୀ (ଅମୃତ ମିଡିଆ) : ଭାରତୀୟ ମଜଦୂର ସଂଘ (ବିଏମଏସ) କନ୍ଧମାଳ ପକ୍ଷରୁ ଶ୍ରମିକ ମାନଙ୍କ ବହୁ ଦିନର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ସଭାପତି ଅଶୋକ ପରିଡାଙ୍କ ନେତୃତ୍ୱରେ ଫୁଲବାଣୀ ମାଦିକୁନ୍ଦା ଛକ ଠାରୁ ଏକ ବିଶାଳ ରାଲି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଥିଲା। ଜିଲ୍ଲା ବିଏମ୍ ଏସ ସଭାପତି ଶ୍ରୀ ପରିଡ଼ାଙ୍କ ଉପସ୍ଥିତିରେ ବିଶାଳ ସମାବେଶ ଅନୁଷ୍ଠିତ ହେଇଯାଇଛି। ଏହି ସମାବେଶ ରେ କନ୍ଧମାଳ ଜିଲ୍ଲାର ସମସ୍ତ ଅଙ୍ଗନ୍ୱାଡ଼ି କର୍ମୀ, ସହାୟିକା ଓ ଆଶା କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ କାର୍ଯ୍ୟ ସମିତି ନିଷ୍ପତ୍ତି ଅନୁସାରେ ସଂଗଠିତ ଓ ଅସଂଗଠିତ ଶ୍ରମିକ ଓ ପ୍ରକଳ୍ପ କର୍ମଚାରୀମାନଙ୍କର ଦୀର୍ଘଦିନର ସମସ୍ୟା ସମାଧାନ ହେଉ ନଥିବାରୁ ରାଷ୍ଟ୍ରୀ ବ୍ୟାପି ଆନ୍ଦୋଳନ ଜରିଆରେ ସରକାରଙ୍କ ଦୃଷ୍ଟିଗୋଚର କରାଯାଇଛି ।ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକଙ୍କ ଜରିଆରେ ଦେଶର ପ୍ରଧାନମନ୍ତ୍ରୀ, ଶ୍ରମମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଦାବିଗୁଡିକ ମଧ୍ୟରେ ଅଙ୍ଗନଓ୍ୱାଡି କର୍ମୀ, ସହାୟିକା ଓ ଆଶାକର୍ମୀ ମାନଙ୍କୁ କର୍ମଚାରୀ ମାନ୍ୟତା ସହିତ ସମ୍ମାନ ଜନକ ବେତନ ପ୍ରଦାନ କରିବା ଓ ଅବସର କାଳୀନ ଗ୍ରାଚ୍ୟୁଇଟି ଦଶ ଲକ୍ଷ ଟଙ୍କା, କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ହେଲେ ଦଶ ଲକ୍ଷ ଟଙ୍କା ପ୍ରଦାନ ସହ ପରିବାରର ଜଣକୁ ଚାକିରୀ, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପ୍ରମୋସନ ପାଇଁ ଦାବୀ କରାଯାଇଛି। ଆଶାକର୍ମୀମାନଙ୍କୁ ପ୍ରସୂତି କାଳୀନ ଛୁଟି ସହିତ ପୂର୍ଣ ମାନଦେୟ ନିୟମିତ ପ୍ରଦାନ କରିବାର ନୀତି ପ୍ରଣୟନ କରାଯାଉ। ଦୁଇ ବର୍ଷ ତଳେ ଗତ ନିର୍ବାଚନରେ ଦିଆ ଯାଇଥିବା ପ୍ରତିଶ୍ରୁତି ମୁତାବକ ଅଙ୍ଗନଓ୍ୱାଡି, ଓ ଆଶା କର୍ମୀଙ୍କ ମାନଦେୟ ତ୍ୱରିତ ବୃଦ୍ଧି କରାଯାଉ। ଚୁକ୍ତିଭିତ୍ତିକ/ଠିକା କର୍ମଚାରୀ ପ୍ରଥା ଉଚ୍ଛେଦ ଓ ସମସ୍ତ କର୍ମଚାରୀଙ୍କ ପାଇଁ 'ସମାନ କାମ ପାଇଁ ସମାନ ଦରମା' ଲାଗୁ କରାଯିବା ଦାବୀପତ୍ରରେ ଉଲେଖ ରହିଛି। ବଜାର ଦରକୁ ଦେଖି ସର୍ବନିମ୍ନ ମଜୁରୀ ଟ.୩୦,୦୦୦/- କୁ ବୃଦ୍ଧି, EPS - ୯୫ ଅନ୍ତର୍ଭୁକ୍ତ ନ୍ୟୁନତମ ପେନସନକୁ ୭,୫୦୦କୁ ବୃଦ୍ଧି କରିବା ସହିତ ମହଙ୍ଗା ଭତ୍ତା ଯୋଡ଼ିବା ଏବଂ ଏହାକୁ 'ଆୟୁଷ୍ମାନ ଭାରତ ଯୋଜନା'ରେ ସାମିଲ କରିବାକୁ ଦାବି କରାଯାଇଛି। EPF, ESIC ଏବଂ ବୋନସ ସୀମାକୁ ଦ୍ୱିଗୁଣିତ କରିବା, ପୁରୁଣା ପେନସନ ପୁନଃ ପ୍ରଚଳନ କରିବା, ଗ୍ରାଚ୍ୟୁଇଟି ଗଣନାକୁ ୧୫ ଦିନର ବଦଳରେ ୩୦ ଦିନ କରିବା, ଲାଗୁ ହେବାକୁ ଥିବା ନୂତନ ଶ୍ରମ ସଂହିତାରେ ଥିବା ଶ୍ରମିକ-ବିରୋଧୀ ନିୟମଗୁଡ଼ିକୁ ହଟାଇବା ପାଇଁ ଆବଶ୍ୟକୀୟ ସଂଶୋଧନ କରିବା, ଓଡିଶାର ବିଭିନ୍ନ ଅନୁଷ୍ଠାନ, ଉଦ୍ୟୋଗରେ ବେଆଇନି ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବୀ କରାଯାଇଛି। ଏହି ଆନ୍ଦୋଳନରେ ବିଏମଏସର କାର୍ଯ୍ୟକାରୀ ସଭାପତି ଗୋପାଳ ବେହେରା, ସଂଗଠନ ସମ୍ପାଦକ କାହ୍ନୁ ଚରଣ ବେହେରା ଓ ଅଙ୍ଗନବାଡି ଜିଲ୍ଲା ସଭାନେତ୍ରୀ ଶର୍ମିଷ୍ଠା ନାୟକ, କୋଷାଧ୍ୟକ୍ଷ ତଥା ବ୍ଲକ ସଭାପତି ଆରତୀ ବେହେରା, ପ୍ରଭାସିନୀ ସାହୁ, ବିଷ୍ଣୁପ୍ରିୟା ପଟ୍ଟନାୟକ, ବିନୋଦିନି ମହାନନ୍ଦ,ଆଶାକର୍ମୀ ସଭାନେତ୍ରୀ ଅମିକା ବେହେରା,ସାରଦା ପରିଛା, ନମିତା ବଗର୍ତ୍ତି, ରୁବିତା ପ୍ରାଧନ କବିତା ନାୟକ ଓ ସହ ଜିଲାର ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା, ଆଶାକର୍ମୀ, ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଯୋଗଦେଇଥିଲେ।

ସଂଘବଦ୍ଧ ଗଣଦୁଷ୍କର୍ମ ଘଟଣାରେ ପୋଲିସକୁ ମିଳିଛି ଆଉ ଏକ ସଫଳତା

ନିଶିନ୍ତକୋଇଲି (ଅମୃତ ମିଡିଆ) : ନିଶିନ୍ତକୋଇଲି ଥାନା ଅନ୍ତର୍ଗତ ସୁକରପଡା ନିକଟ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଘଟିଯାଇଥିବା ବହୁଚର୍ଚ୍ଚିତ ସଂଘବଦ୍ଧ ଗଣଦୁଷ୍କର୍ମ ଘଟଣାରେ ନିଶିନ୍ତକୋଇଲି ପୋଲିସକୁ ମିଳିଛି ଆଉ ଏକ ସଫଳତା । ଏହି ଘଟଣାରେ ପୋଲିସ ପୂର୍ବରୁ ୫ଜଣ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଅନ୍ୟ ଜଣେ ଫେରାର ଥିବା ଆସାମୀକୁ କଟକ ରେଳ ଷ୍ଟେସନ ନିକଟରୁ ଗିରଫ କରି ଉକ୍ତ ଘଟଣା ସମ୍ପର୍କରେ ପଚରାଉଚରା କରି ବୁଝିବା ପରେ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ କଟକ ଜିଲ୍ଲା ଗ୍ରାମାଞ୍ଚଳ ଏସପି ବିନିତ୍ ଅଗ୍ରୱାଲ, ହେଡ୍‌କ୍ୱାଟର ଡିଏସ୍‌ପି ପ୍ରତିମା ବେହେରା, ସାଲେପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିରଞ୍ଚିନାରାୟଣ ପତି, ନିଶିନ୍ତକୋଇଲି ଥାନା ଅଧିକାରିଣୀ ଅନୀତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ନିଷ୍ପାର ସହ କାର୍ଯ୍ୟ କରିବାରୁ ଏଭଳି ସଫଳତା ମିଳିଥିବା ଜଣାଯାଇଛି ।

ଏନଏଚ-୫୩ରେ ରାସ୍ତା ଭୁଶୁଡିବା ଘଟଣା
ରାଜପଥ ଆଞ୍ଚଳିକ ଅଧିକାରୀଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଏନଏଚ-୫୩ ଜାତୀୟ ରାଜପଥ ରାସ୍ତା ଭୁଷୁଡିବା ଘଟଣା ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରାଜପଥ କର୍ତ୍ତୃପକ୍ଷଙ୍କୁ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଏନଏଚ-୫୩ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ନିମ୍ନମାନର ଓ ତ୍ରୁଟିପୂର୍ଣ୍ଣ ରାସ୍ତା କାର୍ଯ୍ୟ ନେଇ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏନଏଚଏଆଇ ଆଞ୍ଚଳିକ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗରେ ଏନଏଚ-୫୩ ର ତତ୍କାଳ ବୈଷୟିକ ଯାଞ୍ଚ, ସ୍ୱାଧୀନ ଗୁଣବତ୍ତାର ଯାଞ୍ଚ କରାଯିବା ସହିତ ସମଗ୍ର ଘଟଣାର ତଦନ୍ତ କରାଯାଇ ଏଥିନିମନ୍ତେ ଦାୟୀ ଠିକାଦାର, ଯନ୍ତ୍ରୀ, ପରାମର୍ଶଦାତା ଓ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ନିର୍ଦ୍ଧାରଣ ପୂର୍ବକ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ଦାବି କରାଯାଇଛି । ବିଶେଷକରି ୧୬ ଅଗଷ୍ଟ ୨୦୨୬ରେ ମହାକାଳପଡ଼ା ନୀଳାଚଳ ବଜାର ଛକ ନିକଟରେ ବର୍ଷା ପରେ ଏନଏଚ-୫୩ ର କେତେକ ଅଂଶ ଧସିଯାଇ ତିନୋଟି ଟ୍ରକ୍ ରାସ୍ତା ତଳକୁ ଖସିପଡ଼ିବା ଘଟଣାର ତତ୍କାଳ ବୈଷୟିକ ତଦନ୍ତ ପାଇଁ ଦାବି କରାଯାଇଛି । ରାସ୍ତାର ଗୁଣବତ୍ତା, ଏମ୍ବାକମେଣ୍ଟ, ଡ୍ରେନେଜ, ପେଭମେଣ୍ଟର ମୋଟେଇ, ନିର୍ମାଣ ସାମଗ୍ରୀ, ସଂକୋଚନ, କ୍ୱାଲିଟି କଂଟୋଲ ପରୀକ୍ଷା ରିପୋର୍ଟ, ମାପବହି ଓ ଦେୟ ସମ୍ପର୍କିତ ରେକର୍ଡ ଯାଞ୍ଚ କରିବା ସହିତ ତ୍ରୁଟିପୂର୍ଣ୍ଣ ଅଂଶକୁ ତତ୍କାଳ ମରାମତି/ପୁନଃନିର୍ମାଣ କରିବା ସହ ତଦନ୍ତର ଆକ୍ସନ ଟେକନ ରିପୋର୍ଟ (ଏଟିଆର) ପ୍ରଦାନ କରିବାକୁ ଦାବି କରାଯାଇଛି ।ଏହି ଅଭିଯୋଗ ପ୍ରଦାନ ସମୟରେ ଯୁବ ସ୍ୱାଭିମାନ ମଞ୍ଚର ସଭାପତି ଇଂ ସ୍ମୃତି ରଞ୍ଜନ ଜେନାଙ୍କ ନେତୃତ୍ୱରେ ଧରିତ୍ରୀ ଜେନା, ଦେବଦତ୍ତ ରାଉତ, ଦୀପ୍ତି ରଞ୍ଜନ ଦାସ, ଅବିନାଶ ସ୍ୱାଇଁ, ବିଶ୍ୱ ରଞ୍ଜନ ପଣ୍ଡା, ଜାଲେନ୍ଦ୍ର ପାତ୍ର, ମିଟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଜନସୁରକ୍ଷା ଓ ସରକାରୀ ଅର୍ଥର ସୁରକ୍ଷାକୁ ଦୃଷ୍ଟିରେ ରଖି ଏନଏଚ-୫୩ ସମ୍ପର୍କରେ ତତ୍କାଳ, ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଯୁବ ସ୍ୱାଭିମାନ ମଞ୍ଚ ଦାବି କରିଛି ।

ମୟୁରିକା କୋଚିଂ ସେଣ୍ଟରରେ ନବାଗତଙ୍କୁ ସ୍ୱାଗତ

ବେତନଟୀ (ଅମୃତ ମିଡିଆ) : ବେତନଟୀ ର ଅନ୍ୟତମ ଅଗ୍ରଣୀ ବେସରକାରୀ କୋଚିଂ ଶିକ୍ଷାନୁଷ୍ଠାନ 'ମୟୁରିକା'ରେ ଷଷ୍ଠ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଓ ଏକାଦଶ ଶ୍ରେଣୀପର୍ଯ୍ୟନ୍ତ ଶିକ୍ଷା ଲାଭ କରୁଥିବା ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ କ୍ୟାରିଆର ମାର୍ଗଦର୍ଶନ ପ୍ରଦାନ କାର୍ଯ୍ୟକ୍ରମ ୧୬ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠାନର ଅଧକ୍ଷ ଉମରୁଧର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରମ୍ଭରେ ଶିକ୍ଷାନୁଷ୍ଠାନର ଛାତ୍ରୀଗଣ ପ୍ରାରମ୍ଭିକ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ଏସ୍.କେ. ଅପସର ଅଲ୍ପୀ ଅତିଥି ପରିଚୟ ଓ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ନେଭାଲ ଅଫିସର ସୋମନାଥ ମହାନ୍ତ ସାମରିକ ବାହାନୀରେ ଯୋଗଦାନ ସମ୍ଭନ୍ଧୀୟ ତଥ୍ୟ ଓ ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ତଥା ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ନବାଗତ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ଚାକିରୀ ଓ ପ୍ରତିଯୋଗିତା ମୂଳକ ପରୀକ୍ଷା ସମ୍ବନ୍ଧିତ ସୂଚନା ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଆଶୁକବି ତଥା ସଂଗଠକ ବାସୁଦେବ ନାପିତ ଛାତ୍ର ଜୀବନୀର ଉପାଦେୟତା ଓ ଭବିଷ୍ୟତ ଗଠନର ମାର୍ଗଦର୍ଶନ ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଗଣ ବାର୍ଷ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଫାଓ ଫୁଟବଲ ଲିଗ୍‌ରେ ଓଡ଼ିଶା ପୋଲିସ ଚାମ୍ପିଅନ୍
ଓଡ଼ିଶା ପୋଲିସ ଟିମ୍‌କୁ ସମ୍ବର୍ଦ୍ଧିତ କଲେ ଡିଜିପି

କଟକ (ବ୍ୟୁରୋ) : ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଫାଓ ଫୁଟବଲ ଲିଗ୍‌ରେ ଚମ୍ପିଆନ୍ ହୋଇଥିବା ଓଡ଼ିଶା ପୁଲିସ ଫୁଟବଲ ଦଳ ଆଜି ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର ଚାମ୍ପିଆନ୍ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଛନ୍ତି । ଡିଜିପି ଶ୍ରୀ ମିଶ୍ର କହିଛନ୍ତି ଯେ, ଓଡ଼ିଶା ପୁଲିସ କ୍ରୀଡ଼ାବିତମାନେ ନିଜର ପ୍ରତିଭା, ଶୃଙ୍ଖଳା ଓ ନିଷ୍ଠା ଦ୍ୱାରା ପୁଲିସ ବାହିନୀର ଗୌରବ ବୃଦ୍ଧି କରୁଛନ୍ତି । ଫାଓ ଫୁଟବଲ ଲିଗ୍‌ରେ ଏହି ସଫଳତା ଅନ୍ୟ କ୍ରୀଡ଼ାବିତମାନଙ୍କୁ ମଧ୍ୟ ଉଚ୍ଚକୋଟିର କ୍ରିଡା ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ । ଭବିଷ୍ୟତରେ ଓଡ଼ିଶା ପୋଲିସ କ୍ରୀଡ଼ାବିତମାନେ ଆହୁରି ଅନେକ ସଫଳତା ହାସଲ କରି ରାଜ୍ୟ ପୋଲିସ ବାହିନୀ ପାଇଁ ଗୌରବ ଆଣିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୧୬ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଫାଓ ଫୁଟବଲ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୫-୧ ଗୋଲ୍‌ରେ ୟଙ୍ଗ ଉତ୍କଲ କ୍ଲବକୁ ପରାସ୍ତ କରି ଚମ୍ପିଆନ୍ ହୋଇଥିଲା ।ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୁଲିସ ପକ୍ଷରୁ ପୁରୁଷୋତ୍ତମ କେରକେଟା ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ଲଖାଇ ମୁର୍ମୁ, ରାଇସେନ ଟୁଡୁ ଓ ବିଜୟ ବେହେରା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଦଳର ଏହି ଚମତ୍କାର ପ୍ରଦର୍ଶନ ଓଡ଼ିଶା ପୁଲିସର କ୍ରୀଡ଼ା ଦକ୍ଷତା ଓ ଟିମ୍ ସ୍ପିରିଟ୍‌ର ଉତ୍କୃଷ୍ଟ ନିଦର୍ଶନ । ଚମ୍ପିଆନ୍ ହେବା ସହ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଆଇଜିପି (କାର୍ମିକ) ପ୍ରବୀଣ କୁମାର ଓ କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ରିଫାଇନରୀ ମେଗା ପ୍ରକଳ୍ପରେ ଜାଲିଆତି ସାର୍ଟିଫିକେଟ ଦେଇ ନିଯୁକ୍ତି
ଭିଜିଲାନ୍ସ ତଦନ୍ତ କଲେ ଖୋଲିବ ଅନେକ ଗୁମର

ପାରାଦ୍ୱୀପ (ଅମୃତ ମିଡିଆ) : ପାରାଦ୍ୱୀପ ରିଫାଇନାରୀ ରେ ମେକାନିକାଲ ମେଣ୍ଟେନାନ୍ସରେ ଦୀର୍ଘ ବର୍ଷ ହେବ ଜାଲିୟାତି ସାର୍ଟିଫିକେଟ ଦେଇ ଏକ କମ୍ପାନୀରେ ଟେକ୍ନିସିଆନ ଭାବେ କାମ କରୁଥିବା ନେଇ ସାଙ୍ଘାତିକ ଅଭିଯୋଗ ହେଉଛି । ଖବରରୁ ପ୍ରକାଶ ଯେ ଦୀର୍ଘବର୍ଷ ହେବ ରିଫାଇନାରୀର ଗୁରୁତ୍ୱପୂର୍ଣ୍ଣ ମେକାନିକାଲ ବିଭାଗରେ ଦଶମ ଶ୍ରେଣୀ ଓ ଆଇଟିଆଇ ପାସ ନକରି ନକଲି ଫର୍ଜରୀ ସାର୍ଟିଫିକେଟ ଦେଇ ଦୀର୍ଘବର୍ଷ ହେବ ଟେକ୍ନିସିଆନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଆସୁଛନ୍ତି । କେନ୍ଦ୍ରୀୟ ଉଦ୍ୟୋଗ ଭଳି ସଂସ୍ଥାରେ ଏଭଳି ଅନିୟମିତତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସାଧାରଣରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଉଛି । ବିଜୟ କୁମାର ସ୍ୱାଇଁଙ୍କର ଦଶମ ଓ ଆଇଟିଆଇ (ଫିଟର) ସାର୍ଟିଫିକେଟ ନକଲି ହୋଇଥିବା ବେଳେ ରଞ୍ଜନ କୁମାର ସାହୁଙ୍କର ଆଇଟିଆଇ (ଫିଟର) ସାର୍ଟିଫିକେଟ ନକଲି ଥିବା ହେଉଥିବା ଅଭିଯୋଗ ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇପଡିଛି ।

ହିନ୍ଦୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଜଗତସିଂହପୁର (ଅମୃତ ମିଡ଼ିଆ) : ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତ ଧନୁହରବେଲାରୀ ଗ୍ରାମର ମହାମହିମା ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁରେନ୍ଦ୍ରନାଥ ସ୍ୱାଇଁଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଛାତ୍ର ସଂସଦର ସଭାପତି ଶିଶିର କୁମାର ଜେନାଙ୍କ ଆୟୋଜନରେ ଆୟୋଜିତ ଏହି ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବାରିକ ଅଧ୍ୟକ୍ଷତା କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ପ୍ରତିଷ୍ଠାତା ସଭାପତି ବିପିନ ବିହାରୀ ସ୍ୱାଇଁ, ପ୍ରତିଷ୍ଠାତା ସମ୍ପାଦକ କୈଳାସ ବିହାରୀ ଜେନା, ପ୍ରାକ୍ତନ ପରିଚାଳନା କମିଟି ସଦସ୍ୟ ବାବାଜି ଚରଣ ବେହେରା, ସଦସ୍ୟା କାମିନୀ ପ୍ରଭା ସ୍ୱାଇଁ, ସଭ୍ୟ ସନ୍ତୋଷ ଦାସ, ସମିତି ସଭ୍ୟା ସୁନିତା ନାୟକ, ସାମ୍ବାଦିକ ପ୍ରଣବ ପ୍ରଧାନ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ, ଶିକ୍ଷକ ପ୍ରାଣନାଥ ମିଶ୍ର, ଅଜୟ କୁମାର ଶତପଥୀ, ଲକ୍ଷ୍ମୀକାନ୍ତ ମହାନ୍ତି, ପ୍ରମୋଦ କୁମାର ପୃଷ୍ଟି, ସୁନାକର ରାଉତ, ଯୁଗଳ କିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ସୁରେନ୍ଦ୍ର ସାରଙ୍କର ଦୀର୍ଘବର୍ଷର ତ୍ୟାଗ, ସମୟାନୁବର୍ତ୍ତିତା, ଛାତ୍ରବତ୍ସଳ ସ୍ୱଭା ଓ ସର୍ବୋପରି ବିଦ୍ୟାଳୟର ମାନ୍ୟତା ଓ ଶିକ୍ଷକମାନଙ୍କ ଦରମା ପ୍ରାପ୍ତି ପାଇଁ ପ୍ରଚେଷ୍ଟା ଉପରେ ଆଲୋଚନା କରିଥିଲେ । ପୁରାତନ ଛାତ୍ର ସଂସଦର ସମ୍ପାଦକ ରମେଶ ଚନ୍ଦ୍ର ବହିରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

ଜଗତପୁର ସିରିଜ୍ ଚୋରି ମାମଲାରେ ୨ ଗିରଫ
ଅଭିଯୁକ୍ତଙ୍କଠାରୁ ୬୦୦ ଗ୍ରାମ ସୁନା ଓ ରୁପା ଅଳଙ୍କାର ଜବତ

କଟକ (ବ୍ୟୁରୋ) : କଟକ ଜଗତପୁର ଥାନା ଅଞ୍ଚଳରେ ଏକାଧିକ ଚୋରି ପୋଲିସ ନିମନ୍ତେ ଖୋଲା ଚାଲେଞ୍ଜ୍ ଥିଲା । ଚଳିତ ମାସ ୧୧ତାରିଖରେ ଘଟିଥିବା ଏକ ଚୋରି ମାମଲାର ତଦନ୍ତରେ ପୋଲିସ ସିରିଜ୍ ଚୋରି ଉପରୁ ପରଦା ଉଠାଇଛି । ଆଜି (ସୋମବାର) ଜଗତପୁର ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଚୋରି ହୋଇଥିବା ପ୍ରାୟ ୬ଶହ ଗ୍ରାମ୍ ସୁନା ଓ ରୁପା ଅଳଙ୍କାର ଜବତ କରିଛି । ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ, କେନ୍ଦୁଝରଜିଲ୍ଲା ଟମକା ଥାନା ଅଧୀନ

ବଢ଼ିଜଳରେ ନିଖୋଜ ହୋଇଥିଲେ, ୫ ଦିନ ପରେ ଉଦ୍ଧାର ହେଲେ ବାହୁକା

ଭଦ୍ରକ(ଅମୃତ ମିଡିଆ): ମାରେ ହରି ରଖେ କିଏ, ରଖେ ହରି ମାରେ କିଏ, ଏହି ଆପ୍ତ ବଚନ ପୁଣିଥରେ ଭଦ୍ରକର ବନ୍ୟାଞ୍ଚଳରେ ପ୍ରମାଣିତ ହୋଇଛି। ବନ୍ୟାପ୍ରଭାବିତ ଧାମନଗର ବ୍ଲକ ବାଲିପାଟଣା ଗାଁରେ ବର୍ଷା ଓ ବଢ଼ି ମଧ୍ୟରେ ନିଖୋଜ ହୋଇଯାଇଥିବା ବାହୁକା ନାମକ ଜଣେ ବ୍ୟକ୍ତିଙ୍କୁ ୫ ଦିନ ପରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମର ବାହୁକା ନାମକ ଜଣେ ବ୍ୟକ୍ତି ୫ ଦିନ ଧରି ନିଖୋଜ ଥିବା ବେଳେ ଓଡ୍ରାଫ୍ ଟିମ୍ ତାଙ୍କୁ ସଫଳତାର ସହ ଉଦ୍ଧାର କରିଛି। ଓଡ୍ରାଫ୍ ଟିମ୍ ବଜାପତି ପଡ଼ିଆ ଅଞ୍ଚଳରୁ ବାହୁକାଙ୍କୁ ଉଦ୍ଧାର କରିବା ପରେ ତୁରନ୍ତ ବାଲିପାଟଣା ମେଡିକାଲକୁ ନିଆଯାଇ ଭର୍ତ୍ତି କରାଇଛି। ସେଠାରେ ତାଙ୍କୁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାଯାଇଛି। ବନ୍ୟା ପରିସ୍ଥିତି ମଧ୍ୟରେ ଓଡ୍ରାଫ୍ ଟିମର ନିରନ୍ତର ଓ ସାହସିକ ଉଦ୍ଧାର କାର୍ଯ୍ୟକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି।

ବଇଁଚା ପଞ୍ଚାୟତର ୧୧ ୱାର୍ଡ ଜଳମଗ୍ନ

ବାଲେଶ୍ୱର(ଅମୃତ ମିଡିଆ): ବାଲେଶ୍ୱର ଜିଲ୍ଲାର ବାଇଆ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସଙ୍ଗୀନ । ପଞ୍ଚାୟତର ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିଥିବା ବେଳେ ଅନେକ ଗାଁରେ ଲୋକଙ୍କ ଯାତାୟାତ ଠପ୍ ହୋଇଛି । ଏଭଳି ସ୍ଥିତିରେ ଏସଆରସିଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବୋଟ୍ରେ ଚାଲିଛି ଉଦ୍ଧାର କାର୍ଯ୍ୟ । ଅସୁସ୍ଥ ଲୋକଙ୍କୁ ମଧ୍ୟ ବୋଟ୍ ଯୋଗେ ଗାଁରୁ ଡାକ୍ତରଖାନାକୁ ନିଆଯାଉଛି । ଲଗାଣ ବର୍ଷା ପରେ ବାଇଆ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଉଦ୍ବେଗଜନକ ହୋଇଛି । ପଞ୍ଚାୟତର ୧୧ଟି ୱାର୍ଡର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ଲୋକେ ଜଳବନ୍ଦୀ ଜୀବନ କାଟୁଛନ୍ତି ।ଜଳସ୍ତର ବଢ଼ିବା ଯୋଗୁଁ ଗାଁଗୁଡ଼ିକରୁ ବାହାରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ଏହି ସମୟରେ ଏଜଉ ବୋଟ୍ରେ ଉଦ୍ଧାରକାରୀ ଦଳ ପହଞ୍ଚି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣୁଛନ୍ତି । ବନ୍ୟା ପାଣି ଭିତରେ ଅସୁସ୍ଥ ଲୋକଙ୍କ ପାଇଁ ଆହୁରି ବଢ଼ିଛି ସମସ୍ୟା । ଜରୁରୀ ଚିକିତ୍ସା ଆବଶ୍ୟକ ଥିବା ରୋଗୀଙ୍କୁ ବୋଟ୍ ଯୋଗେ ଗାଁରୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଉଛି । ଫଳରେ ବନ୍ୟା ସମୟରେ ଚିକିତ୍ସା ସେବା ପାଇବାରେ ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି ।

ଗୋଟିଏ ରାତିରେ ୫୦ ତୋଲା ସୁନା ଚୋରି !

କୋରାପୁଟ(ଅମୃତ ମିଡିଆ): କୋରାପୁଟ ସହର ମେଘରାଜ ଅଞ୍ଚଳରେ ବଡ଼ଧରଣର ଚୋରି ଘଟଣାକୁ ନେଇ ଆତଙ୍କ। ଗୋଟିଏ ରାତିରେ ମାମୁ ଓ ଭଣଜାଙ୍କ ଦୁଇଟି ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି । ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୋରକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ରେଲୱେର ପୂର୍ବତନ କର୍ମଚାରୀ ଏସ୍. ଭାସ୍କର ରାଓ ଚିକିତ୍ସା ପାଇଁ ବିଶାଖାପାଟଣା ଯାଇଥିଲେ। ସେହିପରି ତାଙ୍କ ଭଣଜା କେ. ଶ୍ରୀନୁ ମଧ୍ୟ ଏକ କାର୍ଯ୍ୟରେ ଜିଲ୍ଲା ବାହାରକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ତାଲା ଭାଙ୍ଗି ଦୁଇଟି ଘରୁ ଚୋରି କରିଥିବା ଅଭିଯୋଗ ହୋଇଛି। ଭାସ୍କର ରାଓଙ୍କ ଘରୁ ପ୍ରାୟ ୩୦ ତୋଲା ସୁନା ସହ ନଗଦ ଟଙ୍କା ଚୋରି ହୋଇଥିବାବେଳେ ଶ୍ରୀନୁଙ୍କ ଘରୁ ପ୍ରାୟ ୨୦ ତୋଲା ସୁନା ସହ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଚୋରି ହୋଇଛି। ଘଟଣା ପରେ ମେଘରାଜ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ଘଟୁଥିବା ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା ସହ ଲୋକଙ୍କୁ ସୁରକ୍ଷା ଯୋଗାଇବାକୁ ଦାବି କରିଛନ୍ତି।

ଭଙ୍ଗା ଛାତତଳେ ଗଣ୍ଡାଜାମୁମାଲ ବିଦ୍ୟାଳୟ ଛାତ୍ରୀଛାତ୍ର

ଜମନକିରା(ଅମୃତ ମିଡିଆ): ରାଜ୍ୟ ସରକାର ଶିକ୍ଷାର ବିକାଶ ଓ ବିଦ୍ୟାଳୟ ରୂପାନ୍ତରଣ ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଏହାର ଏକ ବିକଳ ତଥା ହୃଦୟବିଦାରକ ଚିତ୍ର ସାମ୍ନାକୁ ଆସିଛି ସମ୍ବଲପୁର ଜିଲା ଜମନକିରା ବ୍ଲକ ଗୁଣ୍ଡୁରୁବୁଆଁ ପଞ୍ଚାୟତ ଅନ୍ତର୍ଗତ ଗଣ୍ଡାଜାମୁମାଲ ପ୍ରାଥମିକ ବିଦ୍ୟାଳୟରୁ । ଏଠାରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କଅଁଳ ଶିଶୁମାନେ ନିଜ ଜୀବନକୁ ବାଜି ଲଗାଇ ପାଠ ପଢ଼ିବାକୁ ବାଧ ହେଉଛନ୍ତି । ବିଦ୍ୟାଳୟ କୋଠାର ଛାତ ଏବେ ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଛାତରୁ ବଡ଼ ବଡ଼ ସିମେଣ୍ଟ ଅତଡ଼ା ଖସିପଡ଼ି କଳଙ୍କି ଲାଗିଥିବା ଲୁହା ରଡ୍ ଗୁଡ଼ିକ ଝୁଲି ରହିଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବା ବେଳେ ଛାତ ଫାଟି ପାଣି ଗଳୁଛି ଏବଂ ପିଲାମାନେ ବର୍ଷା ପାଣିରେ ଓଦା ହୋଇ, ଥରି ଥରି ପାଠ ପଢୁଛନ୍ତି । ମୁଣ୍ଡ ଉପରେ ସବୁବେଳେ ଏକ ଅଦୃଶ୍ୟ ମୃତ୍ୟୁର ଖଣ୍ଡା ଝୁଲି ରହୁଥିବାରୁ କେତେବେଳେ ଯେ କିଛି ଅଘଟଣ ଘଟିବ ନାହିଁ, ତାହା କହିବା ମୁସ୍କିଲ। ଏଥିସହ ଅକ୍ଷମ ନଳକୂପ ଓ ଘୋର ଶ୍ରେଣୀଗୃହର ଅଭାବ ଯୋଗୁଁ ପିଲାଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି । ବିଦ୍ୟାଳୟ ପରିସରରେ ଥିବା ଏକମାତ୍ର ନଳକୂପର ପାଣି ସମ୍ପୂର୍ଣ୍ଣ ଦୂଷିତ ହୋଇଯାଇଛି । ଫଳରେ କୁନି କୁନି ଛାତ୍ରୀଛାତ୍ରମାନଙ୍କ ପକ୍ଷରେ ଏହି ନଳକୂପର ପାଣି ପିଇବା ଆଦୌ ସମ୍ଭବପର ହେଉନାହିଁ ଏବଂ ସେମାନେ ଶୋଷରେ ରହିବାକୁ ବାଧ ହେଉଛନ୍ତି। ଅନ୍ୟପଟେ, ଶିଶୁ ବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ଟି ଶ୍ରେଣୀ ପାଇଁ ୬ଟି ପୃଥକ ବଖରାର ଆବଶ୍ୟକତା ରହିଛି । କିନ୍ତୁ ବିଦ୍ୟାଳୟରେ ଉପଲବ୍ଧ ଅଛି ମାତ୍ର ୨ଟି ଶ୍ରେଣୀଗୃହ। ସ୍ଥାନାଭାବ କାରଣରୁ ଏହି ଦୁଇଟି ଶ୍ରେଣୀ ଗୃହରେ ସବୁ ପିଲାଙ୍କୁ ବସାଇ ଅତି କଷ୍ଟଦାୟକ ପରିବେଶରେ ପାଠ ପଢ଼ାଯାଉଛି, ଯାହା ଶିକ୍ଷାଦାନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରହସନରେ ପରିଣତ କରିଛିନ। ଏଭଳି ସଙ୍ଗୀନ ସମସ୍ୟା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ଶିକ୍ଷା ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ କେହି ଶୁଣୁନଥିବା ଅଭିଯୋଗ ହୋଇଛି । ଯଦି ଖୁବ୍ ଶୀଘ୍ର ଯୁଦ୍ଧକାଳୀନ ଭିତ୍ତିରେ ନୂତନ ଶ୍ରେଣୀଗୃହ ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଏବଂ ବିପଦସଙ୍କୁଳ ଛାତର ସ୍ଥାୟୀ ସମାଧାନ କରା ନଯାଏ, ତେବେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଅଭିଭାବକ ମହଲରେ ଦୃଢ଼ ଦାବି ହେଉଛି ।

ଜାଲରେ ପଡ଼ିଲା ଦୁଇ କ୍ୱିଣ୍ଟାଲ ଓଜନର ସାର୍କ

ଭୋଗରାଇ(ଅମୃତ ମିଡିଆ): ମତ୍ସ୍ୟଜୀବୀ ଜାଲରେ ପଡିଲା ବିଶାଳ ସାର୍କ ମାଛ । ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘା ମୁହାଣ ଆନ୍ତର୍ଜାତିକ ମତ୍ସ୍ୟ ଅବତରଣ କେନ୍ଦ୍ର ଠାରେ ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ଏକ ସାର୍କ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ଧରା ପଡିଥିବା ଦେଖିବାକୁ ମିଳିଛି । ମାଛ ଦେଖିବାକୁ ଲୋକଙ୍କ ଭିଡ଼ ଜମିଛି । ଦୀଘା ସଲଗ୍ନ ସମୁଦ୍ରରେ ମତ୍ସ୍ୟଜୀବୀମାନଙ୍କ ଟ୍ରଲର ଜାଲରେ ଏହି ସାର୍କ ମାଛଟି ପଡିବା ପରେ ମୋହନାର ମତ୍ସ୍ୟ ଅବତରଣ କେନ୍ଦ୍ରକୁ ବିକ୍ରି ପାଇଁ ଅଣାଯାଇଥିଲା। ମାଛଟି ବିରାଟକାୟ ହୋଇଥିବାରୁ ଏହାକୁ ଦେଖିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପ୍ରବଳ ଭିଡ଼ ଲାଗିଥିଲା। ମାଛଟିର ବିଭିନ୍ନ ଅଂଶ ଔଷଧ କାର୍ଯ୍ୟରେ ବ୍ୟବହାର କରାଯାଉଥିବାରୁ ଏହାର ଅଧିକ ଚାହିଦା ରହିଥିବା କୁହାଯାଉଛି । ବିଶାଳକାୟ ମାଛଟି ଧରାପଡିବା ଘଟଣା ଏବେ ଦୀଘା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସ୍କୁଲ ଘରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

କେନ୍ଦ୍ରାପଡ଼ା(ଅମୃତ ମିଡିଆ) : ହଠାତ ମାଡ଼ିଆସିଲା ବନ୍ୟା ପାଣି । ସ୍କୁଲ ଘରେ ଫସିଗଲେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ । କେନ୍ଦ୍ରାପଡ଼ା ପଟାମୁଣ୍ଡାଇ କୁଳସାହି ଆବାସିକ ବିଦ୍ୟାଳୟରେ ଫସିରହିଛନ୍ତି ଛାତ୍ରଛାତ୍ରୀ । ବ୍ରାହ୍ମଣୀ ନଦୀରେ ହଠାତ ବନ୍ୟାପାଣି ଆସିବା କାରଣରୁ ବିଦ୍ୟାଳୟ ଚାରିପଟେ ପାଣି ମାଡି ଯାଇଥିଲା । ଫସିଥିବା ଛାତ୍ରଛାତ୍ରୀଙ୍କୁ ଉଦ୍ଧାର ପାଇଁ ଗାଁ ଲୋକେ ଚେଷ୍ଟା ଜାରି ରଖିଛନ୍ତି । ଘଟଣା ସ୍ଥଳରେ ଉପଜିଲ୍ଲାପାଳ ଅରୁଣ ନାୟକ ଓ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ବାନ୍ଦା ଘାଟିର ରାସ୍ତା ଅବସ୍ଥା ଶୋଚନୀୟ

ଦାରିଙ୍ଗବାଡି(ଅମୃତ ମିଡିଆ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପର୍ବମାହା ପଞ୍ଚାୟତର ବାନ୍ଦା ଘାଟିରେ ପର୍ଯ୍ୟଟକଙ୍କ କାର ଫସିଯାଇଛି । ଲଘୁଚାପ ଜନିତ ବର୍ଷା ଯୋଗୁ ଏବେ ଉକ୍ତ ଘାଟି କର୍ଦ୍ଦମାକ୍ତ ହେବା ସହ ବଡ଼ ବଡ଼ ପଥର ବାହାରି ରହିଛି । ସେହି ରାସ୍ତା ଦେଇ କୋଟଗଡ଼ ବ୍ଲକ ଲୁଦୁ ଏବଂ ଦାଦରବାଡ଼ି ଜଳପ୍ରପାତକୁ କୁଲିବାକୁ ଯାଇଥିବା ପର୍ଯ୍ୟଟକଙ୍କ ଗାଡି ବାନ୍ଦା ଘାଟିରେ କାଦୁଅରେ ଫସିଯାଇଛି। କାରଟି ନା ପଛକୁ ଫେରିପାରୁଛି

ନା ଘାଟିରେ ଆସିପାରୁଛି। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଉକ୍ତ ଘାଟି ରାସ୍ତାଟି ଜଙ୍ଗଲ ମଧ୍ୟରେ ରହିଥିବାରୁ ପର୍ଯ୍ୟଟକମାନେ ଏବେ ସେଠାରେ ଭୟ ଓ ଆତଙ୍କରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ପର୍ବମାହାଠାରୁ ବାନ୍ଦା ଦେଇ କୋଟଗଡ଼ ବ୍ଲକକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗତ କିଛି ବର୍ଷ ତଳେ ସମ୍ପ୍ରସାରଣ ହୋଇଥିଲେ ମଧ୍ୟ ଉକ୍ତ ବାନ୍ଦା ଘାଟିକୁ ପକ୍କା ରାସ୍ତା କରାଯାଇ ନ ଥିବା ଯୋଗୁ ଯାତ୍ରା ବହୁତ ହଇରାଣ ଭୋଗୁଛନ୍ତି। ପର୍ଯ୍ୟଟକ ମଧ୍ୟ ଅସନ୍ତୋଷ ହେଉଛନ୍ତି।

ବନ୍ୟାଜଳରେ ଭାସିଯାଉଥିବା ଯୁବକ ଉଦ୍ଧାର

ସୋର(ଅମୃତ ମିଡିଆ): ବନ୍ୟାଜଳରେ ଭାସିଯାଉଥିବା ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସୂଚନା ଅନୁସାରେ କାଂଶବାଂଶ ନଦୀରେ ବନ୍ୟାଜଳ ନିଷ୍କାସନ ନହେବାରୁ ସ୍ଥାନୀୟ ଅଞ୍ଚଳରେ ବନ୍ୟାଜଳ ଜମି ରହିଛି। ଫଳରେ ୫୦ରୁ ଅଧିକ ଗାଁ ଏବେ ଜଳମଗ୍ନ ଅବସ୍ଥାରେ ଅଛି। ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଢେଉ ଖେଳୁଛି। ଏପରିସ୍ଥିତିରେ ଆଜି ମଧ୍ୟାହ୍ନରେ ପଦାନପଡା ଗ୍ରାମର ଜଣେ ଯୁବକ ନିଜ ବାଇକ ଯୋଗେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଣିବାକୁ ଯାଉଥିବା ବେଳେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ରଶି ସାହାଯ୍ୟରେ ତାଙ୍କୁ ଓ ତାଙ୍କ ଗାଡିକୁ ଉଦ୍ଧାର କରିଛନ୍ତି। ଦୀର୍ଘ ଏକ ମାସରୁ ଅଧିକ ଦିନ ଧରି ତଳନଗର ପଞ୍ଚାୟତର ୧୪ ଟି ଗାଁର ଲୋକେ ଜଳମଗ୍ନ

ଅବସ୍ଥାରେ ଦିନ ବିତାଉଥିବା ବେଳେ ଏ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସୁବିଧା ଯୋଗାଯାଇ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସୋର ବିଡ଼ିଓ ସୁବ୍ରତ ବେହେରାଙ୍କୁ ଲୋକେ ବାରମ୍ବାର ଯୋଗାଯୋଗ କରୁଥିଲେ ମଧ୍ୟ ସେ ଫୋନ ଉଠାଇ ନଥିବା ଅଭିଯୋଗ ହୋଇଛି।

ଗୋବରୀରେ କୁମ୍ଭୀର ଆତଙ୍କ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ଗୋବରୀରେ କୁମ୍ଭୀର ଆତଙ୍କ । କେନ୍ଦ୍ରାପଡ଼ା ଭାଷ୍କର ସିନେମା ପଛପାଖ ଗୋବରୀ ନଦୀରେ କୁମ୍ଭୀର । ରବିବାର ରାତିଠାରୁ ଏଭଳି ଖବର ସହର ସମେତ ଉପକଣ୍ଠ ଅଞ୍ଚଳରେ ପ୍ରଚାରିତ ହେବାକୁ ଲାଗିଛି । ସ୍ଥାନୀୟ ଅଞ୍ଚଳର କିଛି ଲୋକ ଗୋବରୀରେ କୁମ୍ଭୀରର ଦେଖି ଥିବା ଅଭିଯୋଗ କରିବା ପରେ ଆତଙ୍କ ଖେଳିଯାଇଛି । ତେବେ କୁମ୍ଭୀରର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ବନ୍ୟାପାଣିରେ ଉପରମୁଣ୍ଡକୁ ଚାଲି ଆସିଥିବା କୁହାଯାଉଛି । ଗୋବରୀ ନଦୀର ତଳ ଅଞ୍ଚଳ ଗଣ୍ଡାଖି ଆରେ ଏକାଧିକ କୁମ୍ଭୀର ଠାବ ହୋଇଥିବା ବେଳେ ପ୍ରଥମ ଥର ପାଇଁ କେନ୍ଦ୍ରାପଡା ସହର ଦେଇ ଯାଇଥିବା ଗୋବରୀ ନଦୀରେ କୁମ୍ଭୀର ଦେଖାଯାଇଛି । ଏଖବର ଜଣାପଡ଼ିବା ପରେ ପୌର ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି । ସ୍ନାନ ଅବା ନିତ୍ୟାଦି କର୍ମ ପାଇଁ ନଦୀକୁ ଗଲେ କୁମ୍ଭୀର ଟାଣି ନେବାର ଆଶଙ୍କା ରହିଛି । ଅଭିଯୋଗର ଯାଞ୍ଚ ପରେ ଏଥିରେ ସତ୍ୟତା ଥିବା ପ୍ରଶାସନ ଜାଣିବାକୁ ପାଇଥିଲା । ବନ ବିଭାଗ ଏ ସଂକ୍ରାନ୍ତରେ ଯାଞ୍ଚ ରିପୋର୍ଟ ପ୍ରଶାସନକୁ ଦେବା ପରେ ପ୍ରଶାସନ କୁମ୍ଭୀର ଥିବା ସ୍ପଷ୍ଟ କରିଛି । କୌଣସି ବ୍ୟକ୍ତି ନଦୀକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଇଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଟାଉନ୍ ବାସିନ୍ଦା, କପାଳେଶ୍ୱର ଓ ଗୁଲୁନଗର ପଞ୍ଚାୟତର ବାସିନ୍ଦାଙ୍କୁ ଗୋବରୀ ନଦୀକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ।

କାନ୍ଥପଡ଼ି ଆଈ ଓ ନାତି ମୃତ, ନାତୁଣୀ ଗୁରୁତର

ଜଳେଶ୍ୱର(ଅମୃତ ମିଡିଆ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ନେତୁଆ ପଞ୍ଚାୟତର କପାସୁଦା ଗାଁରେ ରବିବାର ରାତିରେ ଏକ ଘରର କାନ୍ଥ ପଡ଼ି ଆଈ ଓ ନାତିଙ୍କ ମୃତ୍ୟୁ ହୋଇଥିବା ବେଳେ ନାତୁଣୀ ଗୁରୁତର। ଘଟଣାଟି ସମଗ୍ର ଜିଲ୍ଲାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ବିବରଣୀ ରୁ ପ୍ରକାଶ ଯେ ଗତକାଲି ରାତିରେ କପାସୁଦା ଗାଁର ସ୍ୱର୍ଗତ ନରେନ୍ଦ୍ର ଜେନାଙ୍କ ପତ୍ନୀ ରାଧିକା (୬୫), ନାତି ଜ୍ୟୋତି ପ୍ରକାଶ ସ୍ୱାଇଁ (୧୮), ନାତୁଣୀ ସ୍ମୃତିରେଖା ସ୍ୱାଇଁ (୧୮) ସୁବୁ ଦିନ ପରି ଘରର ଦୁଆରରେ ଶୋଇଥିଲେ। ତେବେ ରାତି ପାଖାପାଖି ସାଢେ ୯ଟା ସମୟରେ ତାଙ୍କ ପୌତଶୀ ବଂଶାଧର

ଜେନା ଓ ଗଙ୍ଗାଧର ଜେନାଙ୍କ ଘରର କାନ୍ଥୁ ରାଧିକାଙ୍କ ଆଜବେଷ୍ଟସ ଛପର ଉପରେ ଭୁଶୁଡ଼ି ପଡ଼ିଥିଲା। ଫଳରେ ରାଧିକା ଓ

ଜ୍ୟୋତି ପ୍ରକାଶ ଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ମୃତିରେଖା ଗୁରୁତର ହୋଇଛନ୍ତି। ଜ୍ୟୋତି ପ୍ରକାଶ ଓ ସ୍ମୃତିରେଖା ଉଭୟ ଯାଆଁଳା ଭାଇଭଉଣୀ ବୋଲି ଜଣା ପଡିଛି। ସେହିପରି ସେହି ଘର ଭିତରେ ରାଧିକା ଙ୍କ ପୁତ୍ର ଉତ୍ତମ(୩୧),ପୁତ୍ରବଧୂ ଦେବୀରାଣୀ (୨୫), ଦୁଇ ନାତୁଣୀ ଅନନ୍ୟା (୫), ଆରୋଧ୍ୟା (୨ ମାସ) ମଧ୍ୟ ଶୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଉତ୍ତମ ଓ ଆରୋଧ୍ୟା ମଧ୍ୟ ଆହତ ହୋଇଛନ୍ତି। ଘରର ସମସ୍ତ ଆସବାବପତ୍ର କାନ୍ଥୁ ତଳେ ଚାପି ହୋଇ ନିଷ୍କ୍ରିୟ ହୋଇଯାଇଛି।ଖବର ପାଇ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ତଥା ଅନ୍ୟ ପ୍ରଶାସନିକ ଅଧିକାରୀ ଓ ବହୁ ରାଜନେତା ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ ରେ ପହଞ୍ଚି ଗୁରୁତର ଓ ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା

ଅଧା କିଲୋମିଟର ଖଟିଆରେ ବୁହାହେଲେ ପ୍ରସୂତି

ଲାଞ୍ଜିଗଡ(ଅମୃତ ମିଡିଆ): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବାଡେରପଡ଼ା ଗାଁର ମାଝିପଡ଼ା ଏକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏଠାରେ ଜନନୀ ଯନ୍ତ୍ରଣାର ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ରାସ୍ତା ଅତ୍ୟନ୍ତ ଶୋଚନୀୟ ଥିବାରୁ ପ୍ରସବ ପରେ ଅସୁସ୍ଥ ହୋଇପଡ଼ିଥିବା ଜଣେ ମହିଳା ଓ ତାଙ୍କ ନବଜାତ କନ୍ୟାଙ୍କୁ ପ୍ରାୟ ଅଧା କିଲୋମିଟର ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେବାକୁ ପଡ଼ିଛି । ସୂଚନା ଅନୁସାରେ, ବାଡେରପଡ଼ା ଗାଁ ମାଝିପଡ଼ାର ଧନସିଂ ମାଝୀଙ୍କ ସ୍ତ୍ରୀ ଆଲିଙ୍ଗଦେଇ ମାଝୀ ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୩ଟା ସମୟରେ ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଆଲିଙ୍ଗଦେଇ ଘରେ ଏକ କନ୍ୟା ସନ୍ତାନକୁ ପ୍ରସବ କରିଥିଲେ। ପରେ

ଆମ

ପୁରୀ ସରକିଟ୍ ହାଉସ୍ ପରିସରରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି ଉପମୁଖ୍ୟମନ୍ତ୍ରୀ

ପୌରସଦନ ପରିସରରେ ଅନୁଷ୍ଠିତ ଦଶମ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ନିଶାମୁକ୍ତ ସମାଜ ଗଠନ ପାଇଁ ପୁରୀ ପୋଲିସର ସାମୂହିକ ଶପଥ

୧୪୦ ଦିନରେ ପୁରୀବାସୀଙ୍କ ସଚେତନତା ସତ୍ୟାଗ୍ରହ ପଦଯାତ୍ରା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.120, Wednesday, 19 August 2026, Puri, Pages - 22, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୦, ବୁଧବାର, ୧୯ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା